

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୨ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 02 DECEMBER 2021

Vol.No. 32 ■ No. 307 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଅବପାତର ରୂପ ନେବା ପରେ ସ୍ପଷ୍ଟ ହେବ ବାତ୍ୟାର ଗତିପଥ : ଆଇଏମଡି ଡିଜି



ଭୁବନେଶ୍ୱର, ୦୧/୧୨ (ନି.ପ୍ର): ଗତକାଲି ଦକ୍ଷିଣ ଥାଇଲାଣ୍ଡ ଓ ପାଶ୍ୱବର୍ତ୍ତୀ ଅଂଚଳରେ ଥିବା ଲଘୁଚାପ ଗତକାଲି ସଂଧ୍ୟାରେ ଆଣ୍ଡାମାନ ସାଗରରେ ପ୍ରବେଶ କରିବା ପରେ ଆଜି କେନ୍ଦ୍ରୀୟ ଆଣ୍ଡାମାନ ସାଗର ଓ ପାଶ୍ୱବର୍ତୀ ଅଂଚଳରେ ସକ୍ରିୟ ରହିଛି। ଆସନ୍ତାକାଲି ଲଘୁଚାପ ଅବପାତରେ ପରିଣତ ହେବ । ଅବପାତରେ ପରିଣତ ହେଲା ପରେ କେଉଁଠି ମାଡ଼ ହେବ ତାହା ସ୍ପଷ୍ଟ ହେବ ବୋଲି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ରସୂଚନା ଦେଇଛନ୍ତି। ଅପରପଟରେ ଏହାର ପ୍ରଭାବରେ ଡିସେମ୍ବର ୩ ତାରିଖ ବେଳକୁ ଦକ୍ଷିଣ ଉପକୂଳର କିଛି ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ୪ ତାରିଖରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଏହା ପ୍ରଭାବରେ ପବନ ମଧ ବୋହିବ। ଆଇଏମଡି ଡିଜି ଆହୁରି କହିଛନ୍ତି, ୪ ତାରିଖରେ ବାତ୍ୟା ଉପକୂଳ ପାଖାପାଖି ହେଲେ ବି ଅତିକ୍ରମ କରିନପାରେ। ବାତ୍ୟା ସ୍ଥଳଭାଗ ନ ଛୁଇଁ ଉତର-ଉତର ପୂର୍ବ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳରେ ବର୍ଷା ହେବ। ଭୁବନେଶ୍ୱର ସ୍ଥିତ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବାତ୍ୟା ପ୍ରଭାବରେ ୩ ତାରିଖ ସକାଳ ଠାରୁ ୪ ତାରିଖ ସକାଳ ମଧ୍ୟରେ ଗଜପତି, ଗଞ୍ଜାମ, ଜଗତସିଂହପୁର ଓ ପୁରୀରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ୪ ଜିଲ୍ଲାରେ ଗୋଟିଏରୁ ୨ଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ମଧ ହୋଇପାରେ। ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସମ୍ଭାବ୍ୟ ବାତ୍ୟାର ପ୍ରଭାବ ୪ ତାରିଖରେ ସର୍ବାଧିକ ରହିବ। ସେଥିପାଇଁ ୪ ତାରିଖ ସକାଳ ଠାରୁ ୫ ତାରିଖ ସକାଳ ମଧ୍ୟରେ ଗଜପତି, ଗଞ୍ଜାମ, ଜଗତସିଂହପୁର ଓ ପୁରୀରେ ଭୀଷଣ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଏହି ଜିଲ୍ଲାଗୁଡିକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟ ମଧ୍ୟରେ ଖୋର୍ଦ୍ଧା,ନୟାଗଡ଼, କେନ୍ଦ୍ରାପଡ଼ା, କଟକ , କନ୍ଧମାଳ , ରାୟଗଡ ଓ କୋରାପୁଟ ଜିଲ୍ଲାରେ ଅତି ପ୍ରବଳ ବର୍ଷା ପାଇଁ ଅରେଂଜ ୱାର୍ଣ୍ଣିଂ ଏବଂ ଭଦ୍ରକ, ବାଲେଶ୍ୱର , ଯାଜପୁର ଓ ▶▶ପୃଷ୍ଠା ୭

# ବିଧାନସଭାରେ ୧୯,୮୩୩ କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପିତ



ଭୁବନେଶ୍ୱର, ୦୧/୧୨ (ନି.ପ୍ର): ଓଡ଼ିଶା ବିଧାନସଭାରେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ୍ ଉପସ୍ଥାପିତ ହୋଇଛି । ବିରୋଧୀ ଦଳମାନଙ୍କ ପ୍ରବଳ ହଟ୍ଟଗୋଳ ମଧରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୁଜାରୀ ୧୯,୮୩୩ କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପନ କରିଛନ୍ତି । ଏହା ମଧ୍ୟରେ ପ୍ରଶାସନିକ ବ୍ୟୟ ପାଇଁ ୪,୫୭୭ କୋଟି ଟଙ୍କା , କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୧୩,୫୬୮ କୋଟି , ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ବାବଦକୁ ୧୬୮୨ କୋଟି ଏବଂ ରାଜ୍ୟ ବଜେଟ୍ ରୁ ସ୍ଥାନାନ୍ତର ପାଇଁ ୬ କୋଟି ଟଙ୍କା ଅନ୍ତର୍ଭୁକ୍ତ। ଏହି ବଜେଟରେ ପଂଚାୟତି ରାଜ ବିଭାଗ ପାଇଁ ସର୍ବାଧିକ ୩୬୨୪ କୋଟିର ବ୍ୟୟବରାଦ କରାଯାଇଛି । ସ୍ୱାସ୍ଥ୍ୟ ପାଇଁ ୨୩୧୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସେହିପରି ବିପର୍ଯ୍ୟୟ ପରିଚାଳନା ପାଇଁ ୧୬୨୩ କୋଟିର ବ୍ୟୟବରାଦ କରାଯାଇଛି । ଶକ୍ତି ବିଭାଗ ପାଇଁ ୨୧୪୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଅର୍ଥମନ୍ତ୍ରୀ ଅତିରିକ୍ତ ବଜେଟ ଉପସ୍ଥାପନ କରୁଥିବାବେଳେ ମମିତା ହତ୍ୟାକାଣ୍ଡ ପ୍ରସଙ୍ଗରେ ସିବିଆଇ ତଦନ୍ତ ଦାବି କରି ବିରୋଧୀ ବିଜେପି ଓ କଂଗ୍ରେସ ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିଥିଲେ । ଅତିରିକ୍ତ ବଜେଟ ଉପସ୍ଥାପନ ହେବା ପରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଆସନ୍ତା କାଲି ପର୍ଯ୍ୟନ୍ତ ବିଧାନସଭାକୁ ମୁଲତବୀ ଘୋଷଣା କରିଥିଲେ। ବିରୋଧୀ ▶▶ପୃଷ୍ଠା ୭

# ୪ କୋଚ୍‌ଙ୍କୁ ବାଧ୍ୟତାମୂଳକ ଅବସର

ଭୁବନେଶ୍ୱର, ୦୧/୧୨ (ନି.ପ୍ର): ଅପାରଗତା ଓ କର୍ତବ୍ୟରେ ଅବହେଳା ପାଇଁ ୪ ଖେଳ ପ୍ରଶିକ୍ଷକଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି ରାଜ୍ୟ ସରକାର। କ୍ରୀଡ଼ା କ୍ଷେତ୍ରରେ ଶୃଙ୍ଖଳା ପାଇଁ ଏହି ୪ଜଣ କୋଚ୍ କୌଣସି ଆଖି ଦୃଶିଆ ପଦର୍ଶନ କରିନଥିବା ନେଇ ସମୀକ୍ଷା ବୈଠକରେ ନିଷ୍ପତି ହୋଇଛି। ଏହି ୪ଜଣ ହେଲେ ଭଲି ବଲ୍ କୋଚ୍ ପ୍ରଭାକର ତ୍ରୀପାଠୀ, ବକ୍ସିଙ୍ଗ କୋଚ ଶଙ୍କର ପ୍ରସାଦ ଅଧିକାରୀ, ହ୍ୟାଣ୍ଡ ବଲ୍ କୋଚ୍ ମନୋଜ ପ୍ରସାଦ ଦାସ ଓ ଭଲି ବଲ କୋଚ୍ ଜ୍ଞାନେନ୍ଦ୍ର ପ୍ରସାଦ ବଡ଼େଇ । ସୂଚନା ଯୋଗ୍ୟ ଯେ, କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ଦକ୍ଷତା ଆକଳନ ନେଇ ଏକ ଅନୁଧ୍ୟାନ କମିଟି ଗଠନ ହୋଇଥିଲା। ଏହି କମିଟି ରିପୋର୍ଟ କ୍ରମେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ରାଜ୍ୟ ସରକାର। ୨୦୧୯ ମସିହାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା । ଯେଉଁଥିରେ ୫୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ କର୍ମଚାରୀଙ୍କ କାର୍ଯ୍ୟ ପରାଦର୍ଶିତା ନେଇ ଆକଳନ କରାଯିବ ବୋଲି ଉଲ୍ଲେଖ ଥିଲା। ପ୍ରଭାକର ଗଜପତି ଜିଲ୍ଲାରେ କାର୍ଯ୍ୟରତ ଥିବା ବେଳେ ଶଙ୍କର ଅଧିକାରୀ ଦେବଗଡ଼ ଜିଲ୍ଲାର କାର୍ଯ୍ୟରତ ଥିଲେ। ମନୋଜ ଦାସ ଭଦ୍ରକର କାର୍ଯ୍ୟରତ ଥିଲେ ଏବଂ ଜନାର୍ଦ୍ଦନ ବଢ଼େଇ ରାଜ୍ୟ ସରକାରଙ୍କ କ୍ରୀଡା ବିଭଗରେ କାର୍ଯ୍ୟରତ ଥିଲେ।

## ଅବକାରୀ ଚଢାଉ : ମଦ ଓ ଗଞ୍ଜେଇ ସହ ୨ ଗିରଫ

ଜଳେଶ୍ୱର/ବାଲେଶ୍ୱର, ୧/୧୨(ନିପ୍ର): ପଶ୍ଚିମ ବଂଗରୁ ଓଡିଶାକୁ ବିପୁଳ ମାଦକ ଦ୍ରବ୍ୟର ଚୋରା କାରବାର ସଂପର୍କରେ ଜିଲା ଅବକାରୀ ଡେପୁଟି କମିସନର ତଥା ଭାରପ୍ରାପ୍ତ ଅଧିକ୍ଷକ ଅଶୋକ କୁମାର ଶତପଥିଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ସଦର ରେଞ୍ଜ ଭାରପ୍ରାପ୍ତ ଅଧିକ୍ଷକ ଅଶୋକ କୁମାର ଶତପଥିଙ୍କ ନିର୍ଦ୍ଦେଶରେ ସଦର ରେଞ୍ଜ ଭାରପ୍ରାପ୍ତ ନିରିକ୍ଷକ ପ୍ରବିଣ କୁମାର ପ୍ରଧାନ ଓ ସ୍କ୍ୱାର୍ଡ ନିରିକ୍ଷକ ଗାଲୁରାମ ସରେନ୍‌ଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏକ ୩୦ ଜଣିଆ ଅବକାରୀ ଓ ପୁଲସ୍ ଟିମ୍‌ର ମିଳିତ ଚଢାଉ ହୋଇ ଯାଇଛି। ପଶ୍ଚିମବଂଗ ସୀମା ଠାରୁ ଅଳ୍ପଦୂର ଓଡିଶାର ସୁଗୋ ଅଂଚଳରୁ ଏକ ବାଇକ୍‌ରେ ୫୫ କି.ଗ୍ରା ଗଂଜେଇ ଓ ୪୦ ଲିଟର ନକଲି ହାତତିଆରି ବିଦେଶୀ ମଦ ଜବତ୍ କରାଯାଇଛି । ଏହି ଘଟଣାରେ ସୁଗୋ ଅଂଚଳର ହରେକୃଷ୍ଣ ସାମଲ ଓ ପଶ୍ଚିମବାର୍ଡ ଅଂଚଳର ଦିଲ୍ଲିପ ଦାସଙ୍କୁ ଗିରଫ କରାଯାଇଛି। କିନ୍ତୁ ପଶ୍ଚିମବଂଗରୁ ବିଭିନ୍ନ ଗ୍ରାମାଞ୍ଚଳ ରାସ୍ତ ଦେଇ ବ୍ୟାପକ ଚୋରା ମାଦକ ଦ୍ରବ୍ୟ ଓଡିଶାକୁ ପ୍ରବେଶ କରୁଥିବା ବେଳେ କର୍ମଚାରୀ ଅଭାବ ଓ କର୍ତ୍ତୃପକ୍ଷଙ୍କ ଏଥିପ୍ରତି ଉଦାସୀତନା ଯୋଗୁଁ ତାହା ଓଡିଶାକୁ ପ୍ରବେଶ କରି ବିକ୍ରି ହୋଇ ଆସୁଛି ।

# ବେଲଜିୟମକୁ ହରାଇ ସେମିରେ ଭାରତ



ଭୁବନେଶ୍ୱର,୦୧/୧୨(ନି.ପ୍ର): କଳିଙ୍ଗ ଷ୍ଟାଡିୟମ ରେ ଚାଲିଥିବା ଏଫଆଇଏଚ ଓଡିଶା ହକି ପୁରୁଷ ଜୁନିୟର ବିଶ୍ୱକପ ରେ ଆୟୋଜକ ତଥା ଡିଫେଣ୍ଡିଂ ଚାମ୍ପିୟନ ଭାରତ ସେମି ଫାଇନାଲକୁ ପ୍ରବେଶ କରିଛି। ବୁଧବାର ଖେଳାଯାଇଥିବା ଶେଷ କ୍ୱାର୍ଟର୍ ଫାଇନାଲରେ ବେଲଜିୟମକୁ ୧-୦ ଗୋଲରେ ହରାଇ ଭାରତ ଚତୁର୍ଥ ଦଳ ଭାବେ ସେମିଫାଇନାଲ୍ ଟିକେଟ୍ କାଟିଛି। ଭାରତ ବ୍ୟତୀତ ଜର୍ମାନୀ, ଆର୍ଜେଣ୍ଟିନା, ଫ୍ରାନ୍ସ ଟିମ୍ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସେମିଫାଇନାଲରେ ଭାରତର ସାମ୍ନା ଜର୍ମାନୀ ସହ ହେବ ବୋଲି ଏଫଆଇଏଚର ଅଫିସିଆଲ୍ ୱେବସାଇଟରୁ ସ୍ପଷ୍ଟ ହୋଇଛି। ସେହିପରି ଅନ୍ୟଏକ କ୍ୱାର୍ଟର୍ ମୁକାବିଲା ଫ୍ରାନ୍ସ ଓ ଆର୍ଜେଣ୍ଟିନା ମଧରେ ଖେଳାଯିବ। ଭାରତ ଓ ବେଲଜିୟମ ମଧରେ ଖେଳାଯାଇଥିବା ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମ୍ୟାଚର ପ୍ରଥମ କ୍ୱାର୍ଟରରେ ରେଡ୍ ଲାୟନ୍ସ ପୂରା ଆଟାକିଂ ମୁଡରେ ରହିଥିଲା। ବେଲଜିୟାନ ଷ୍ଟ୍ରାଇକରଙ୍କୁ ଅତି ସୁନ୍ଦର ଭାବେ ଡିଫେନ୍ସ କରୁଥିଲେ ଭାରତୀୟ ଡିଫେଣ୍ଡର। ସୁଯୋଗ ଦେଖି ଭାରତୀୟ ଷ୍ଟ୍ରାଇକର ମାନେ ମଧ ବେଲଜିୟମ ଡିଫେଣ୍ଡରଙ୍କୁ ଅତିକ୍ରମ କରି ▶▶ପୃଷ୍ଠା ୭

# ବଢୁଛି ଓମିକ୍ରନ୍ ଡର : ୪ ଲଣ୍ଡନ ଫେରନ୍ତା କରୋନା ପଜିଟିଭ ଚିହ୍ନଟ



ନୂଆଦିଲ୍ଲୀ,୦୧/୧୨: ଦିଲ୍ଲୀ ବିମାନବନ୍ଦରରେ ୪ଜଣ ଲଣ୍ଡନ ଫେରନ୍ତା କରୋନା ପଜିଟିଭ୍ ବୋଲି ଜଣାପଡିଛି । ଏହାପରେ ବିମାନ ବନ୍ଦରରେ ଟେଷ୍ଟିଂ ଓ ଟ୍ରାକିଂକୁ ଆହୁରି ତ୍ୱରାନ୍ୱିତ କରାଯାଇଛି । ସେଠାରୁ ସଂକ୍ରମିତଙ୍କୁ ସିଧା ଏଲଏନଜେପି ହସ୍ପିଟାଲ ନିଆଯାଇ ସଙ୍ଗରୋଧରେ ରଖାଯାଇଛି । ସୂଚନା ମୁତାବକ, ଲଣ୍ଡନ ଓ ଆର୍ମଷ୍ଟରଡମରୁ ଆସିଥିବା ଯାତ୍ରୀଙ୍କ ଧରୁ ୪ଜଣଙ୍କ ଠାରେ କରୋନା ପଜିଟିଭ୍ ମିଳିଛି । ଓମିକ୍ରନ୍ ମଧରେ ଏହି ଯାତ୍ରୀଙ୍କ ଠାରେ କରୋନା ପଜିଟିଭ୍ ମିଳିବା ସ୍ଥାନୀୟ ଅଞ୍ଚଳରେ ଭୟ ସୃଷ୍ଟି କରିଛି । ସମିକ୍ରନର ଅଶଙ୍କାକୁ ଦୃଷ୍ଟିରେ ରଖି ଏ ସମସ୍ତ ଯାତ୍ରୀଙ୍କ ସାମ୍ପଲକୁ ଜିନୋମ୍ ସିକ୍ୱେନ୍ସିଙ୍ଗ ପାଇଁ ପଠାଯାଇଛି । ଅନ୍ୟପଟେ ମହାରାଷ୍ଟ୍ରରେ ଦକ୍ଷିଣ ଆଫ୍ରିକା ଓ ସଂକ୍ରମିତ ଦେଶରୁ ଫେରିଥିବା ୬ ଯାତ୍ରୀ କରୋନା ପଜିଟିଭ ଚିହ୍ନଟ ହେବା ପରେ କଟକଣା ଜାରି କରିଛନ୍ତି ମହାରାଷ୍ଟ୍ର ସରକାର । 'ଆଟ୍ ରିସ୍କ ବା ପ୍ରଭାବିତ' ଦେଶରୁ ଆସୁଥିବା ଲୋକଙ୍କୁ ୭ ଦିନ କ୍ୱାରେଂଟାଇନରେ ▶▶ପୃଷ୍ଠା ୭

# ଢେଙ୍କାନାଳରେ ୩୩ ଶିକ୍ଷାର୍ଥୀ କରୋନାରେ ଆକ୍ରାନ୍ତ



ଢେଙ୍କାନାଳ,୦୧/୧୨(ନି.ପ୍ର): କରୋନାର କହର ଏବେ ଧିରେ ଧିରେ ଛାତ୍ରଛାତ୍ରୀଙ୍କୁ ଘାରିବାରେ ଲାଗିଛି। ଢେଙ୍କାନାଳ ଜିଲ୍ଲାର ଆବାସିକ ଯୁକ୍ତ ଦୁଇ କଲେଜର ୩୩ ଶିକ୍ଷାର୍ଥୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କଲେଜର ଦୁଇ ନମ୍ବର ୱାର୍ଡର କୁଞ୍ଜକାନ୍ତ ଅଞ୍ଚଳରେ ଥିବା ଛାତ୍ରଛାତ୍ରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏଥିପାଇଁ କୁଞ୍ଜକାନ୍ତ ଅଞ୍ଚଳକୁ ୧୦ ଦିନ ପାଇଁ କଣ୍ଟେନମେଣ୍ଟ ଘୋଷଣା କରାଯାଇଛି। ପୂର୍ବରୁ ବୁର୍ଲା ଭିମସାରରେ ମୋଟ ୭୪ଜଣ କରୋନାରେ ଆକ୍ରାନ୍ତ ହୋଇଥିଲେ। ଭିମସାରରେ କିଛି ଡାକ୍ତରୀ ଛାତ୍ରଛାତ୍ରୀ କରୋନା ପଜିଟିଭ ଚିହ୍ନଟ ହେବା ପରେ ୯ଟି ହଷ୍ଟେଲ ସମେତ ଷ୍ଟାଫଙ୍କ ସରକାରୀ ଘରଗୁଡ଼ିକୁ ଯଥାକ୍ରମେ ମାଇକ୍ରୋ କଣ୍ଟେନମେଣ୍ଟ ଓ ବଫର ଜୋନ୍ ଭାବେ ଘୋଷଣା କରାଯାଇଥିଲା। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲା ସହରର ୬ ନମ୍ବର ୱାର୍ଡରେ ଥିବା ▶▶ପୃଷ୍ଠା ୭

## ଆବାସ ଯୋଗାଇବାରେ ପାତରଅନ୍ତରକୁ ନେଇ ରାଜ୍ୟପାଳଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର,୦୧/୧୨(ନି.ପ୍ର): ମମିତା ମେହେର ପ୍ରସଙ୍ଗରେ ଶାସକ ଦଳକୁ ଘେରିବାକୁ ବିରୋଧୀ ଯୋଜନା କରିଥିବାବେଳେ କାଉଣ୍ଟର କରିବାକୁ ପଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ରର ଅବହେଳା ଅଭିଯୋଗ ଆଣି ପ୍ରତିବାଦ କରିଛି ବିଜେଡ଼ି । ବିଧାନସଭାରୁ ରାଜଭବନ ପର୍ଯ୍ୟନ୍ତ ଶୋଭାଯାତ୍ରା, ବିକ୍ଷୋଭ କରି କେନ୍ଦ୍ର ବିରୋଧରେ ପ୍ରତିବାଦ ଜଣାଇଛନ୍ତି ବିଜେଡି ବିଧାୟକ । କେନ୍ଦ୍ର ସରକାର ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଦେବାରେ ପାତର ଅନ୍ତର କରିଥିବା ଅଭିଯୋଗ କରିଛନ୍ତି । କହିଛନ୍ତି ୧୩ ଲକ୍ଷ ଘର ଆବଶ୍ୟକତା ଥିବା ବେଳେ କେନ୍ଦ୍ର ଦେଇଛି ମାତ୍ର ୫ଲକ୍ଷ । ବାକି ୮ ଲକ୍ଷ ଘର ଦେବାକୁ ମୁଖ୍ୟମନ୍ତ୍ରୀ ବାରମ୍ବାର ଚିଠି ଲେଖିଲେ ବି କେନ୍ଦ୍ର ଶୁଣୁନି । ଗ୍ୟାସ ଦର ବୃଦ୍ଧିକୁ ନେଇ ପ୍ରତିବାଦ କରିବ ବୋଲି ପୂର୍ବରୁ ସୂଚନା ଦେଇଥିଲେ ବି ପରେ ବଦଳି ଯାଇଥିଲା ଶାସକ ଦଳର ରଣନୀତି । ଗ୍ୟାସ ଦର ବୃଦ୍ଧି ବଦଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ▶▶ପୃଷ୍ଠା ୭

# ମୁଖ୍ୟମନ୍ତ୍ରୀଙ୍କ କୋଭିଡ ମୁକାବିଲା ସମୀକ୍ଷା

ଭୁବନେଶ୍ୱର, ୦୧/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି କୋଭିଡର ସମ୍ଭାବ୍ୟ ତୃତୀୟ ଲହରର ମୁକାବିଲା ପାଇଁ ପ୍ରସ୍ତୁତି ସଂପର୍କରେ ସମୀକ୍ଷା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ସତର୍କ ରହିବା ସହିତ କୋଭିଡ ନିୟମାବଳୀକୁ କଡାକଡି ଭାବରେ ପାଳନ କରିବା ଏବଂ ସରକାରଙ୍କୁ ପୂର୍ଣ୍ଣ ସହଯୋଗ ଯୋଗାଇ ଦେବା ପାଇଁ ଅନୁରୋଧ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ କୋଭିଡର ନୂଆ ଭାରିଏଂଟର ଭୟଭୟତା ସଂପର୍କରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସବୁ ଦେଶକୁ ସତର୍କ କରାଇ ଦେଇଛନ୍ତି ଏବଂ ଏହା ଗୁରୁତର ପ୍ରଭାବ ପକାଇବାର ମଧ ଅଶଂକା ବ୍ୟକ୍ତ କରିଛନ୍ତି । ଗତ କିଛି ସପ୍ତାହ ହେଲା ଇରୋପରେ ସଂକ୍ରମଣ ବୃଦ୍ଧି ପାଇଛି। ଏହି ନୂଆ ଭାରିଏଂଟ ଅଧିକ ସଂକ୍ରମଣଶୀଳ ଥିବାରୁ ଜନସାଧାରଣ ଏହାକୁ ଗୁରୁତର ସହ ନେବା ପାଇଁ ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଥମରୁ ହିଁ ଓଡିଶା ଏହି ମହାମାରୀ ମୁକାବିଲା ପାଇଁ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିଆସିଛି । ଆହ୍ୱାନମୂଳକ ପରିସ୍ଥିତି ସତ୍ୱେ ଜନସାଧାରଣଙ୍କ ସହଯୋଗରେ ଓଡିଶା ସଫଳତାର ସହିତ ପ୍ରଥମ ଓ ଦ୍ୱିତୀୟ ଲହରୀର ମୁକାବିଲା କରିଥିଲା ଏବଂ ବର୍ତମାନ ପରିସ୍ଥିତିର ଆମେ ମଧ ସଫଳ ମୁକାବିଲା କରିପାରିବା ବୋଲି ମୁଖ୍ୟମନ୍ତ୍ରୀ ଦୃଢ ଆଶାବ୍ୟକ୍ତ କରିଥିଲେ ।ଏହି ପରିପ୍ରେକ୍ଷୀରେ ଆମର କୋଭିଡ ମୁକାବିଲା ପାଇଁ ଆମର ଥିବା ପ୍ରସ୍ତୁତିକୁ ପୁଣି ଥରେ ପୁନଃ ସକ୍ରିୟ କରିବା ସହିତ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ଏଥିରେ ସଂଶ୍ଲିଷ୍ଟ ସବୁ ଅଧିକାରୀ ମାନଙ୍କୁ ଜାଗତିଆର ରଖିବା ପାଇଁ ପରାମର୍ଶ ଦେଇଥିଲେ । କୋଭିଡ ନିୟମର ଯେପରି କଡାକଡି ପାଳନ କରାଯିବ, ସେଥିପ୍ରତି ସତର୍କ ପଦକ୍ଷେପ ନେବାପାଇଁ ପୋଲିସ ମହାନିର୍ଦ୍ଦେଶକଙ୍କୁ ମଧ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ମାସ୍କ ପିନ୍ଧିବା, ହାତ ଧୋଇବା ଓ ସାମାଜିକ ଦୂରତା ରକ୍ଷା କରିବା ଆଦି କୋଭିଡ ନିୟମ ସଂପର୍କରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ସୂଚନା ଓ ଲୋକସଂପର୍କ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ପଂଚାୟତ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ମିଶନ ଶକ୍ତି ଗ୍ରୁପ ପର୍ଯ୍ୟନ୍ତ ସମାଜର ସବୁ ବର୍ଗର ଲୋକଙ୍କୁ ସାମିଲ କରି ସଚେତନତା ତଥା କୋଭିଡ ନିୟମ ଅନୁପାଳନକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କହିଲେ ଯେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ପୁରାପୁରି ସତର୍କ ଅଛନ୍ତି । କୋଭିଡ ଭିତିଭୂମିକୁ ସୁଦୃଢ ରହିଛି ଏବଂ ତାକୁ ଆହୁରି ଅଧିକ ▶▶ପୃଷ୍ଠା ୭

# ବାତ୍ୟା ଜୱାଦ ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

**- ଓଡ୍ରାଫ୍, ଏନ୍.ଡି.ଆର.ଏଫ୍ ଓ ଅଗ୍ନିଶ୍ରମ ସେବା ସଂସ୍ଥା ଟିମ୍ ପ୍ରସ୍ତୁତ**

**- ପାଚିଲା ଫସଲ, ପରିବାପତ୍ର ଅମଳକରି ନିରାପଦ ସ୍ଥାନକୁ ନେବାକୁ ପରାମର୍ଶ**

ଭୁବନେଶ୍ୱର, ୦୧/୧୨ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ଯୋଗୁଁ ଯେ କୌଣସି ସ୍ଥିତିର ମୁକାବିଲା ନିମନ୍ତେ ପୂର୍ଣ୍ଣ ପ୍ରସ୍ତୁତ ରହିବା ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଉପକୂଳବର୍ତୀ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି । ବୁଧବାର ରାଜ୍ୟ ଲୋକସେବା ଭବନରୁ ଅନୁଷ୍ଠିତ ବୈଠକରେ ମୁଖ୍ୟ ଶାସନ ସଚିବ ଯାଜପୁର, ଢେଙ୍କାନାଳ, ଗଜପତି, କଟକ, ଭଦ୍ରକ, ବାଲେଶ୍ୱର, ଗଞ୍ଜାମ, ନୟାଗଡ଼, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, ଜଗତସିଂପୁର, ମୟୁରଭଞ୍ଜ ଆଦି ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ସେମାନଙ୍କ ପ୍ରସ୍ତୁତି ବିଷୟରେ କଥା ହୋଇଥିଲେ । ତିନି ତାରିଖ ବେଳକୁ ବାତ୍ୟାର ଗତିପଥ ଜଣାପଡ଼ିବା ପରେ ତଳୁଆ ଏବଂ କଚ୍ଚାଘରେ ରହୁଥିବା ଲୋକମାନଙ୍କୁ ନିରାପଦ ସ୍ଥାନକୁ ଆଣିବା, ସମସ୍ତ ବହୁମୁଖ୍ୟ ବନ୍ୟା-ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ପୂର୍ଣ୍ଣ ପ୍ରସ୍ତୁତ କରିବା, ଆଶ୍ରୟସ୍ଥଳ ପରିଚାଳନା ଟିମ୍‌ଙ୍କୁ ପୂର୍ବରୁ କାର୍ଯ୍ୟରେ ନିୟୋଜିତ କରିବା, ଶୁଖିଲା ଖାଦ୍ୟ ଏବଂ ରିଲିଫ୍ ପଦାର୍ଥର ଉପଲବ୍ଧି ବିଷୟରେ ସଜାଗ ରହିବା, ମାଇକ୍ ପ୍ରଚାର ମାଧ୍ୟମରେ ଲୋକ ମାନଙ୍କୁ ଆଗୁଆ ସୂଚନାଦେବା, ଆସନ୍ନପ୍ରସବା ମହିଳା ଏବଂ ନିଃସହାୟ ବୃଦ୍ଧ ବ୍ୟକ୍ତିମାନଙ୍କୁ ଆଗୁଆ ନିରାପଦସ୍ଥାନକୁ ନେବା ଆଦି ନିମନ୍ତେ ସଠିକ୍ ବ୍ୟବସ୍ଥା ନିଶ୍ଚିତ କରାଇବା ପାଇଁ ପାଇଁ ନିର୍ଦ୍ଦେଶ ଦେଇଥିଲେ । 'ଜୱାଦ୍'' ପ୍ରଭାବରେ ଭୀଷଣ ବର୍ଷାହେବାର ସମ୍ଭାବନା ଥିବାରୁ କଟକ, ଭୁବନେଶ୍ୱର, ବାଲେଶ୍ୱର, ଭଦ୍ରକ, ଯାଜପୁର ଆଦି ସହରାଂଚଳରେ ବର୍ଷାଜଳ ନିଷ୍କାସନ ନାଳ ସବୁକୁ ସଫା କରିବାସହ ସମ୍ବେଦନଶୀଳ ଖାଲୁଆ ସ୍ଥାନମାନଙ୍କରେ ପାଣି ନିଷ୍କାସନ ପମ୍ପ୍ ପ୍ରସ୍ତୁତ ରଖିବା ପାଇଁ ମଧ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଦିଆଯାଇଥିବା ପରାମର୍ଶ ଗୁଡ଼ିକୁ କୃଷକମାନଙ୍କ ନିମନ୍ତେ ବ୍ୟାପକଭାବେ

# ଭଣ୍ଡାରିକୁଦା ମେଗା ପାନୀୟ ଜଳପ୍ରକଳ୍ପ ଯୋଜନା ଫେଲ୍

## ନେତା, ଯନ୍ତ୍ରୀ -ତନ୍ତ୍ରୀ ଓ ଠିକାଦାର ମାଲେମାଲ୍

ପୁରୀ,୧/୧୨ (ନି.ପ୍ର): ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଭଣ୍ଡାରିକୁଦା ଠାରେ ବାରବର୍ଷ ତଳୁ ମେଗା ପାନୀୟ ଜଳପ୍ରକଳ୍ପ ଯୋଜନା ଆରମ୍ଭ ହୋଇଥିଲେ ମଧ ବର୍ତମାନ ସୁଦ୍ଧା ତାହା ସମ୍ପୂର୍ଣ୍ଣ ହୋଇପାରିନାହିଁ । ଯାହାଫଳରେ ୭ଟି ଗ୍ରାମ ପଚାଂୟତର ୭୦ଟି ଗାଁ ମଧୁର ସ୍ୱଚ୍ଛ, ନିର୍ମଳ ପାନୀୟଜଳ ପାଇ ପାରୁନାହାଁନ୍ତି । ବ୍ରହ୍ମଗିରି ଅଂଚଳ ବିକାଶ ନାମରେ ଅନେକ ପ୍ରକଳ୍ପ ଆରମ୍ଭ ହୋଇଥିଲେ ମଧ ୮୦ ପ୍ରତିଶତରୁ ଅଧିକ ପକଳ୍ପ କାମ ଶେଷ ନହୋଇ ପଡ଼ି ରହିଛି । ଅଂଚଳବାସୀ ଲୁଣି ଓ ଖାରି ପାଣି ପିଇ ବିଭିନ୍ନ ପେଟ ରୋଗରେ ପଡୁଛନ୍ତି । ଯେତେ କାମ ସେତେ ପିସି ନ୍ୟାୟରେ ଅନେକ ପ୍ରକଳ୍ପ ଆରମ୍ଭ ହୋଇ ଠିକାଦାର ପିସି ଦେଇଥିବା ବେଳେ କାମ ଶେଷ ହେଉନଥିବା ଅଭିଯୋଗ ହେଉଛି । ପଚାଂୟତ ନିର୍ବାଚନ ଆସିଲେ ନେତାଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମରେ ପୋତା ଯାଇଥିବା ପାଣି ପାଇପ୍ କାମ ଖୋଳା ଯାଉଛି । ଏମିତି ଖୋଳା ପକାରେ ୧୨ ବର୍ଷ ବିତିଗଲାଣି । ପାଇପ୍ ଯାଂଚ୍ ନାମରେ ରାସ୍ତାଘାଟ ଖୋଳା ଯାଉଥିବାରୁ ଗ୍ରାମବାସୀମାନେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମେଗା ପାନୀୟ ଜଳ ସ୍ଥାନରେ ପାଣି ଟାଙ୍କି ନିର୍ମାଣ ହୋଇଛି । ୨୦୦୯ ମସିହାରୁ ବହୁ ଚର୍ଚ୍ଚିତ ମେଗା ପାନୀୟଜଳ ପ୍ରକଳ୍ପ ଭିତି ପ୍ରସ୍ତର ପଡ଼ିଥିଲା । ବହୁ ଆଡ଼ମ୍ବରରେ ୨ ବର୍ଷ ମଧ୍ୟରେ କାମ ସରିବ ବୋଲି ପ୍ରଚାରିତ ହୋଇଥିଲା । ବ୍ରହ୍ମଗିରି ଅଂଚଳରେ ଭାର୍ଗବୀ ନଦୀରୁ ମଧୁରପାଣି ଯୋଗାଣ ପାଇଁ ନେତା ପରୀ ଗପ ପରି ରଙ୍ଗୀନ ସ୍ୱପ୍ନ ଦେଖାଇଥିଲେ । ନେତା-ଯନ୍ତ୍ରୀ-ଠିକାଦାରଙ୍କ ମିଳିତ ଯୋଜନା ଫେଲ୍ ମାରିଛି । ବିଭିନ୍ନ ଗ୍ରାମକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ରାସ୍ତାର ୫ ଫୁଟ ତଳେ ପାଣି ପାଇପ ବିଛା ଯାଇଥିଲା । ବିଭିନ୍ନ ଗ୍ରାମରେ ଟ୍ୟାପ୍ ପଂଏଟ ରଖାଯାଇଥିଲା । ମାତ୍ର ପାଇପ ଅଛି, ଟ୍ୟାପ ଅଛି, ପାଣି ଟାଙ୍କି ଅଛି ହେଲେ ପାଣି ଗ୍ରାମକୁ ଆଜି ପର୍ଯ୍ୟନ୍ତ ଆସି ପାରୁନାହିଁ । ସ୍ୱପ୍ନ ସ୍ୱପ୍ନରେ ରହିଯାଇଛି । ରାୟବିଧାର, ମଣପଡ଼ା, କୁଶୁବେଂଟି, ବ୍ରହ୍ମଣିଆ, ଧରଣିକୁଦି, ବଡ଼ବେଣାକୁଦି ଓ କହଲପଦା ଗ୍ରାମ ପଚାଂୟତର ୭୦ଟି ଗ୍ରାମକୁ ଏହି ମଧୁର ପାଣି ଯୋଗାଇବା ପାଇଁ ବ୍ୟବସ୍ଥା ହୋଇଥିଲା । ପାଣି ଟାଙ୍କି ନିକଟରେ ପମ୍ପ ହାଉସ ନିର୍ମାଣ ହୋଇଥିଲା । ବିଦ୍ୟୁତ ଟ୍ରାନ୍ସଫରମର ମଧ ବସିଥିଲା । ରକ୍ଷଣାବେକ୍ଷଣା ଅଭାବରୁ ବିଦ୍ୟୁତ୍ ଖୁଂଟରେ ଅନାବାନା ଲଟି ମାଡ଼ିଗଲାଣି । ମୋଟର ପମ୍ପ କଳଙ୍କି ଧରିଲାଣି । ପାଣି ଟାଙ୍କି ଆସ୍ତେ ଆସ୍ତେ ଫାଟିବାକୁ ବସିଲାଣି । ନେତା ରାଜଧାନୀରେ, ଯନ୍ତ୍ରୀ ଓ ଠିକାଦାର ପୁରୀରେ, ଗ୍ରାମବାସୀ ଗ୍ରାମରେ ଥାଇ ଚାହିଁ ରହିଛନ୍ତି ଟ୍ୟାପରେ ମଧୁର ପାଣି ଆସିବ ।

# ହତ୍ୟା ମାମଲାରେ ଦଣ୍ଡିତ ୨ ଜଣ କଏଦୀ ଅବଧି ପୂର୍ବରୁ ପାଇଲେ ମୁକ୍ତି

କେନ୍ଦୁଝର,୧/୧୨ (ନି.ପ୍ର): ରାଜ୍ୟ ଦଣ୍ଡ ସୁରକ୍ଷା ବୋର୍ଡ ର ଅନୁମୋଦନ କ୍ରମେ କେନ୍ଦୁଝର ଜେଲରେ ହତ୍ୟା ମାମଲାରେ ଆଜୀବନ ସଜା ଭୋଗୁଥିବା ୨ ଜଣ କଏଦୀଙ୍କୁ ସେମାନଙ୍କ ଉତମ ଆଚରଣ ପାଇଁ ନିର୍ଦ୍ଦିଷ୍ଟ ଅବଧି ପୂର୍ବରୁ ଆଜି ତଥା ମଙ୍ଗଳବାର ଦିନ ମୁକ୍ତି ମିଳିଛି । ଚଳିତ ବର୍ଷ ଗୃହ ବିଭାଗର ସୁପାରିଶ ଏବଂ ଆଇନ ବିଭାଗର ଅନୁମୋଦନ ଏବଂ ରାଜ୍ୟପାଳଙ୍କ ସ୍ୱୀକୃତି ମିଳିବା ପରେ କେନ୍ଦୁଝର ଜେଲରେ ଆଜୀବନ ସଜା ଭୋଗୁଥିବା ୪ ଜଣ ବନ୍ଦୀଙ୍କୁ ସେମାନଙ୍କର ସଜା କଟିବାର ଅବଧି ପୂର୍ବରୁ ମୁକ୍ତି ଦିଆଯାଇଛି । ପୂର୍ବରୁ ଗତ ଜୁଲାଇ ୨୩ ତାରିଖରେ ପଣ୍ଡାପଡା ଥାନା ଅନ୍ତର୍ଗତ ମଣିପୁର ଗ୍ରାମର ଦାମୋଦର ବେହେରା ଏବଂ ବଡବିଲ ର ଉତମ ସିଂ ହାଟିଂ ଅଂଚଳର ଲିଟୁ ସିର୍କା ମଧ୍ୟ ରାଜ୍ୟ ସରକାରଙ୍କର ଦଣ୍ଡ ସୁରକ୍ଷା ବୋର୍ଡ ର ଅନୁମୋଦନ କ୍ରମେ ନିର୍ଦ୍ଦିଷ୍ଟ ଅବଧି ପୂର୍ବରୁ କାରାଗାରରୁ ମୁକ୍ତ ହୋଇଥିଲେ । ସେହିପରି ମଙ୍ଗଳବାର ଦିନ ମୁକ୍ତି ପାଇଥିବା କଏଦୀ ଦ୍ୱୟ ହେଲେ ସଦର ଥାନା ଜଳଡିହି ଗ୍ରାମର ବାସୁ ମୁଣ୍ଡା ଏବଂ ଆନନ୍ଦପୁର ଥାନାର ଡାକ୍ତର ଦିଗାର ବୋଲି ଜଣାପଡିଛି । ୩୦୨ ଦଫାରେ ବାସୁ ମୁଣ୍ଡା ଏକ ହତ୍ୟା ମାମଲାରେ ଦଣ୍ଡିତ ହୋଇ ୧୬/୦୭/୧୯୯୭ ରେ ଜେଲରେ ଦଣ୍ଡ ଭୋଗୁଥିବା ବେଳେ ଡାକ୍ତର ଦିଗାର ମଧ୍ୟ ୩୦/୧୦/୨୦୦୦ ରୁ ଏକ ହତ୍ୟା ମାମଲାରେ ଜେଲରେ ଆଜୀବନ କଏଦୀ ଭାବେ ଦଣ୍ଡ ଭୋଗି ଆସୁଥିଲା । ବାସୁ ମୁଣ୍ଡା କୁ ଦୀର୍ଘ ୨୪ ବର୍ଷ ପରେ ଅବଧି ପୂର୍ବରୁ ମୁକ୍ତି ମିଳିଛି । ଜେଲରେ ଥିବା ସମୟରେ ସେ ଜେଲ ବଗିଚାରେ କାମ କରି ପାରିଶ୍ରମିକ ପାଉଥିଲେ । ସେମାନଙ୍କର କାମ ଏବଂ ପରିବର୍ତନ ହୋଇଥିବା ଉତମ ଚତିତ୍ର ଓ କାର୍ଯ୍ୟକୁ ଦେଖି ମୁକ୍ତି ପାଇଁ ସୁପାରିଶ କରାଯାଇଥିଲା ।

# ଧନୁର୍ଯୟପୁର ହାଇସ୍କୁଲର କର୍ମଚାରୀ ନିଖୋଜ: ପୋଲିସ ତଦନ୍ତ ଜାରି

ହରିଚନ୍ଦନପୁର,୧/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ପଣ୍ଡାପଡା ଥାନା ତେନ୍ତଳାପଶି ପଚାଂୟତ ସ୍ଥିତ ଧନୁର୍ଯୟପୁର ହାଇସ୍କୁଲର କର୍ମଚାରୀ ନିଖୋଜ ଅଛନ୍ତି । ପୋଲିସ ପକ୍ଷରୁ ଏନେଇ ତଦନ୍ତ ଜାରି ରହିଛି । ମିଳିଥିବା ଖବର ଅନୁଯାୟୀ, ଉକ୍ତ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ନିରଞ୍ଜନ ନାଏକ ରାତ୍ରୀ ଜଗୁଆଳି ଭାବେ କାର୍ଯ୍ୟ କରିଥାନ୍ତି । ରବିବାର ସଂନ୍ଧ୍ୟାରେ ବଡକମଣ୍ଡରା ଗ୍ରାମ ସ୍ଥିତ ଘରୁ ବାହାରି ସେ ସାଇକେଲ ଯୋଗେ ସ୍କୁଲକୁ ଯାଇଥିଲେ । ହେଲେ ସୋମବାର ସକାଳେ ସେ ଘରକୁ ନଫେରିବାରୁ ପରିବାର ଲୋକେ ତାଙ୍କ ମୋବାଇଲକୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ । ନିରଞ୍ଜନଙ୍କ ଫୋନ୍ ସୁଇଚ ଅଫ୍ ରହିଥିବା ବେଳେ ଅନେକ ଖୋଜା ଖୋଜି ପରେ ବି ତାଙ୍କର କୌଣସି ପତା ମିଳିନଥିଲା । ଘଟଣା ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଜଣେଇବା ସହ ବିଦ୍ୟାଳୟ ପରିସରରେ ତାଙ୍କ ସାଇକେଲ ରହିଥିବା ବେଳେ ସେ ବିଶ୍ରାମ କରୁଥିବା ଘର ଖୋଲା ରହିଥିଲା । ପରିବାର ପକ୍ଷରୁ ପଣ୍ଡାପଡା ଥାନାରେ ଏନେଇ ଲିଖିତ ଅଭିଯୋଗ ପରେ ଥାନା ଅଧିକାରୀଙ୍କ ଉପସ୍ଥିତିରେ ଅନ୍ୟ ଶ୍ରେଣୀ ଗୃହର ତାଲା ଖୋଲାଯାଇ ଛାତ୍ରଛାତ୍ରୀ ପରିକ୍ଷା ଦେଇଥିଲେ । ପଣ୍ଡାପଡା ଥାନାର ଏକ ଟିମ୍ ନିଖୋଜ ନିରଞ୍ଜନଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି ରଖିଛି । ଅନ୍ୟପକ୍ଷରେ ନିରଞ୍ଜନଙ୍କ ସନ୍ଧାନ ନପାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଥିବା ଜଣାପଡ଼ିଛି ।

# ବରପଦର ଗ୍ରାମର ଅଶ୍ୱିନୀ ବେହେରା ହତ୍ୟାକାଣ୍ଡ ଘଟଣା: ଜଣେ ଅଭିଯୁକ୍ତ ଗିରଫ

ନୂଆପଡା,୧/୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ବରପଦର ଗ୍ରାମର ଅଶ୍ୱିନୀ ବେହେରା ନାମକ ଯୁବକଙ୍କ ହତ୍ୟାକାଣ୍ଡ ଘଟଣାର ଖୁଲାସ କରିଛି ଖଡିଆଳ ପୋଲିସ । ଆଜି ପୋଲିସ ଏହିକାଣ୍ଡ ଘଟଣାରେ ସଂପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁନୀଲ କୁମାର ଆଚାର୍ଯ୍ୟ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ଜଣକ ଖଡିଆଳ ସହରର ଶାନ୍ତିନଗର ନିବାସୀ ବଲ୍ଲଭ ଦାଶଙ୍କ ପୁଅ ମାନସ ରଞ୍ଜନ ଦାଶ ବୋଲି ଜଣାପଡିଛି । ପୋଲିସ ସୂଚନା ଅନୁସାରେ ୨୦-୧୦-୨୦୨୧ ତାରିଖ ଦିନ ବରପଦର ଗ୍ରାମର କୁମାରୀ ବେହେରାଙ୍କ ଅଭିଯୋଗ ଅନୁସାରେ ତାଙ୍କ ପୁଅ ଅଶ୍ୱିନୀ ବେହେରାଙ୍କୁ କେହି ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା । ପୋଲିସ ତଦନ୍ତ ପରେ ମାନସ ରଞ୍ଜନ ଦାଶ ନାମକ ଯୁବକ ଗତ ୧୯.୧୦.୨୦୨୧ ତାରିଖ ରାତ୍ର ୭.୩୦ ସମୟରେ ବରପଦର ଗ୍ରାମର ରାସ୍ତାପାଖରେ ଅଶ୍ୱିନୀକୁ ଫୋନ କରି ଡକାଇଥିଲେ । ଉଭୟଙ୍କ ମଧ୍ୟରେ ଭଲି ସମ୍ପର୍କ ଥିବାରୁ ଅଶ୍ୱିନୀ ବେହେରା ଡାକିବା ପରେ ଚାଲି ଆସିଥିଲେ । ଉଭୟଙ୍କ ମଧ୍ୟରେ ଗୁପ୍ତ ସମ୍ପର୍କ ଥିବାରୁ ଏବଂ ଅଶ୍ୱିନୀଙ୍କ ମୋବାଇଲରେ ରେକର୍ଡ ହୋଇ ରହିଥିବାରୁ ଏହି ଘଟଣାକୁ ପ୍ରଘଟ କରିଦେବାର ଭୟରେ ୩୫୩ ନଂ ଜାତୀୟ ରାଜପଥରୁ ୧୫୦ ମିଟର ଦୂରକୁ ଧରି ନେଇ ମାନସ ଦାଶ ଓ ସାଥ ମିଶି ନିର୍ମମ ଭାବରେ ହତ୍ୟା କରିଥିଲେ । ସେମାନେ ଏହି ହତ୍ୟା ଘଟଣାରେ ଲୁହାରଡ, ଲାଠି ସାହାର୍ଯ୍ୟରେ ହତ୍ୟା କରି ଘ. ୮.୩୮ ମିନିଟ ସମୟରେ ସେଠାରୁ ମୋବାଇଲ ଧରି ଚାଲି ଆସିଥିଲେ । ଏହି ଘଟଣାରେ ବ୍ୟବହୃତ ଲୁହାରଡ, ଲାଠି, ବାଇକ, ପିନ୍ଧା ଲୁଗାକୁ ଜବତ କରାଯାଇଥିବା ନେଇ ସୂଚନା ଆରକ୍ଷି ଅଧିକ୍ଷକ ସୂଚନା ଦେଇଛନ୍ତି । ଆହୁରୀ ତଦନ୍ତ ଚାଲିଛି ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଖଡିଆଳ ଏସଡିପିଓ ସନ୍ତକ ଜେନା, ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ ।

# ନିଆଁ ଲାଗି ରୋଷେଇ ଘର ଜଳିଗଲା

ଧର୍ମଶାଳା,୧/୧୨ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଂଚାୟତସ୍ଥ ଆଜାଦ ନଗର ଗ୍ରାମରେ ଅଗ୍ନୀକାଣ୍ଡ ଘଟି ଅବୁତାର ଅଲ୍ଲୀଙ୍କ ଗୋଟିଏ ବଖରା ରୋଷେଇ ଘର ଜଳିଯାଇଛି । ଫଳରେ ରୋଷେଇ ଘରେ ଥିବା ସମସ୍ତ ଆସବାସ ପତ୍ର ପୋଡି ପାଉଁଶ ହୋଇଯାଇଛି । ସୂଚନା ମୁତାବକ, ଆଜି ମଧାହ୍ନରେ ରୋଷେଇ ଘର ଚୁଲିରୁ ନିଆଁ ଲାଗିଯାଇଥିଲା । ଗ୍ରାମବାସୀ ଘଟଣାସ୍ଥଳରେ ପଂହଚି ନିଆଁକୁ ଆୟତ କରିଥିଲେ । ପରେ ରସୁଲପୁର ଅଗ୍ନୀଶମ ବିଭାଗ ଘଟଣାସ୍ଥଳରେ ପଂହଚିବା ପୂର୍ବରୁ ନିଆଁ ଲିଭିଯାଇଥିଲା । ହେଲେ ସେତେବେଳକୁ ଗୋଟିଏ ବଖରା ଘର ଜଳି ପୋଡି ପାଉଁଶ ହୋଇଯାଇଥିଲା । ଗୋଟିଏ ସାଇକେଲ, ୧୦ରୁ ଉର୍ଦ୍ଧ୍ୱ କୁକଡ଼ା ସହ ଘରେ ମହଜୁଦ ଥିବା ଡାଲିଚାଉଳ ଓ ଅନ୍ୟାନ୍ୟ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିବା ଜଣାପଡିଛି ।

# କେରଳରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଖୋର୍ଦ୍ଧା,୧/୧୨ (ନି.ପ୍ର): ଅଧିକ ରୋଜଗାର ଓ ପରିବାର ପ୍ରତିପୋଷଣ ପାଇଁ ସୁଦୂର କେରଳକୁ ଖଟିବାକୁ ଯାଇ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ମୃତ ଶ୍ରମିକ ଜଣକ ହେଉଛନ୍ତି ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ରାଣୀପଡ଼ା ଗ୍ରାମର ଶେଷଦେବ ବେହେରା । ସୂଚନା ମୁତାବକ, ଶେଷଦେବ ଦୀର୍ଘ ୧୦ ବର୍ଷ ହେବ କେରଳର ଥ୍ରୀଶୁର ସହରର ଏକ ଘରୋଇ କମ୍ପାନୀରେ ଇଲେକ୍ଟ୍ରିସିଆନ ଭାବେ କାର୍ଯ୍ୟ କରୁଥିଲେ । ତେବେ କରୋନା ଲାଗି ଦୀର୍ଘ ମାସ ହେବ ଘରେ ବସିଲା ପରେ ଗତ ବର୍ଷ ଜାନୁଆରୀ ମାସରେ ପୁନଶ୍ଚ ସେ କାମ କରିବାକୁ କେରଳ ଯାଇଥିଲେ । ଆଜି ସକାଳେ କମ୍ପାନୀ ଗାଡ଼ି ତାଙ୍କୁ କାମ ନିମନ୍ତେ ନେବାକୁ ଆସିଥିଲା । ଶେଷଦେବ ଏକ ଚା' ଦୋକାନରେ ଚା' ପିଇ କାମକୁ ବାହାରିଲା ବେଳକୁ ହଠାତ୍ ଅଚେତ ହୋଇ ତଳେ ପଡିଯାଇଥିଲେ । ତେବେ ଅଚେତ ଅବସ୍ଥାରେ ଶେଷଦେବଙ୍କୁ କମ୍ପାନୀ ପକ୍ଷରୁ ଚିକିତ୍ସା ପାଇଁ ମେଡିକାଲକୁ ନିଆଯାଇଥିଲା । ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ବୋଲି ତାଙ୍କ ପତ୍ନୀ ସସ୍ମିତା ବେହେରାଙ୍କୁ କମ୍ପାନୀ ସୂଚନା ଦେଇଥିଲା । ତେବେ ଶେଷଦେବଙ୍କ ମୃତ୍ୟୁ କିପରି ହେଲା ସେ ବିଷୟରେ ତାଙ୍କ ପତ୍ନୀ ଅବଗତ ନଥିବାର କହିଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ ରହସ୍ୟ ଜଣାପଡିବ ବୋଲି ପତ୍ନୀ ସସ୍ମିତା କହିଛନ୍ତି । ଅପରପକ୍ଷେ ସସ୍ମିତା ଅତି ଗରିବ ହୋଇଥିବା ବେଳେ ତାଙ୍କର ବୟସ୍କ ଶାଶୁ ଏବଂ ଦୁଇ ପୁଅ ଝିଅଙ୍କୁ ନେଇ ଏକ ଭଡ଼ାଘରେ ରହୁଥିବାର କୋହଭରା କଣ୍ଠରେ କହିଛନ୍ତି । ତାଙ୍କ ପରିବାରର ଏକ ମାତ୍ର ରୋଜଗାରକ୍ଷମ ସ୍ୱାମୀ ଶେଷଦେବଙ୍କ ଅକାଳ ବିୟୋଗ ପରେ ସସ୍ମିତା ଦୁଃଖରେ ଭାଙ୍ଗିପଡିଛନ୍ତି । ବର୍ତମାନ ଚଳିବା ପାଇଁ ଏବଂ ପିଲାଙ୍କ ଭବିଷ୍ୟତ ଗଢିବାରେ ଜନୈକ କମ୍ପାନୀ ସହଯୋଗ କରୁ ବୋଲି ସସ୍ମିତା ଦାବି କରିଛନ୍ତି । ଶେଷଦେବଙ୍କ ମର ଶରୀର ଆଜି ତାଙ୍କ ଗ୍ରାମକୁ ଆସିବ ବୋଲି ଜଣାପଡିଛି ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଶୋଇ ଓ ବିଜାତଳା ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ

ରାଇରଙ୍ଗପୁର,୧/୧୨ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବିଶୋଇ ବ୍ଲକ ଓ ବିଜାତଳା ବ୍ଲକ ବିଡ଼ିଓଙ୍କ ଜରିଆରେ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ନ୍ୟାୟ ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏ ସମ୍ବଳିତ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘ ପକ୍ଷରୁ ମୟୁରଭଞ୍ଜ ଜିଲ୍ଲା ଭାରତୀୟ ମଜଦୁର ସଂଘ ଜିଲ୍ଲା ସଭାପତି ନିଗମାନନ୍ଦ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ସପ୍ତାହେ ବ୍ୟାପି ପ୍ରତ୍ୟେକ ବ୍ଲକରେ ଚାଲିଛି । ଏଥିରେ ଅନ୍ୟ ମାନଙ୍କ ମଧ୍ୟରୁ ସାରଥୀ ମହାନ୍ତ, ଚଂଚଳା ବେହେରା, ଗୋଲାପୀ ନାଏକ, ତୋୟିଲୋକ୍ୟ ନାଥ ବେହେରା, ଜୋସ୍ନାରାଣୀ ମୁର୍ମୁ, ସୁକରମଣି ହେମ୍ରମ, ନନ୍ଦିନୀ ନାଏକ, ବି. ଏମ. ଏସ ବିଶୋଇ ବ୍ଲକ ସଭାପତି ଭୀମଚରଣ ମହାକୁଡ଼, ଦୀନବନ୍ଧୁ ବେହେରା, ଧୋନୀ ନାଏକ ପ୍ରମୁଖ ନେତୃତ୍ୱ ନେଇଥିଲେ । ରାଜ୍ୟରେ କାର୍ଯ୍ୟରତ ସମସ୍ତ ଅସଂଗଠିତ କ୍ଷେତ୍ରର କର୍ମକର୍ତାଙ୍କୁ ଉଚିତ ନ୍ୟାୟ ମିଳୁନଥିବାରୁ ବି. ଏମ. ଏସ. ଆନୁକୂଲ୍ୟ ରେ ଏ ଆନ୍ଦୋଳନ ସାରା ରାଜ୍ୟରେ ସପ୍ତାହ ବ୍ୟାପୀ ଚାଲିଛି । ଏ କ୍ଷେତ୍ର ରେ କାର୍ଯ୍ୟରତ ଅଙ୍ଗନବାଡି ୱ୍ୱାର୍କର ଓ ହେଲ୍ପର, ସମସ୍ତ ଆଶା କର୍ମୀ ମାନଙ୍କୁ ସରକାରୀ କରିବା ଓ ତାଙ୍କର ଦରମା ବୃଦ୍ଧି, ସମସ୍ତ ଶ୍ରମିକଙ୍କର ପରିଚୟ ପତ୍ର ସହ ସାମାଜିକ ବୋର୍ଡ କୁ ଯଥେଷ୍ଟ ସରକାରୀ ପାଣ୍ଠି ଯୋଗାଣ, ଚିକିତ୍ସା ନିମନ୍ତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ତଥା ଆୟୁଷ୍ମାନ ଯୋଜନା ଅନୁସାରେ ସ୍ମାର୍ଟ କାର୍ଡ ଦେବା, ଶ୍ରମିକ ମାନଙ୍କୁ ପଞ୍ଜିକରଣ କରି ପରିଚୟ ପତ୍ର ଓ ରାସନ କାର୍ଡ ପ୍ରଦାନ, ଶ୍ରମ ବିଭାଗ ରେ ଖାଲି ପଡ଼ିଥିବା ପଦବୀ ପୂରଣ ସହିତ ନୂତନ ନିଯୁକ୍ତି ଦାବୀ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ବ୍ଲକ ବିଡ଼ିଓଙ୍କ ଜରିଆରେ ଦିଆଯାଇଛି । ତେବେ ରାଜ୍ୟ ସରକାର ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି ଜିଲ୍ଲା ସଭାପତି ଶ୍ରୀ ପଟ୍ଟନାୟକ ।

# ପାଣିକୋଇଲି ପୋଲିସ ପକ୍ଷରୁ ମାସ୍କ ବଂଟନ ଓ ସଚେତନତା କାର୍ଯ୍ୟକ୍ରମ

କୋରେଇ,୧/୧୨ (ନି.ପ୍ର): ସମଗ୍ର ବିଶ୍ୱରେ କରୋନା ତାର କାୟା ପୁଣି ବିସ୍ତାର କରିଥିବା ବେଳେ କଟକଣା ପରେ ଗୁରୁତ୍ୱାରୋପ କରାଯାଇଛି । ପୁଲିସ ପକ୍ଷରୁ ମାସ୍କ, ହେଲମେଂଟ ଯାଂଚକୁ କଡାକଡି କରାଯାଇଛି । ଏଥି ସହିତ ଡିସେମ୍ବର ପହିଲାରୁ ଯାଂଚ୍ କୁ ଆହୁରି କଡାକଡି କରାଯିବା ସହ ଜୋରିମାନକୁ ବଢାଇ ଦିଆଯାଇଛି । ତା ପୂର୍ବରୁ ଆଜି ପାଣିକୋଇଲି ପୁଲିସ ପକ୍ଷରୁ ପାଣିକୋଇଲି ଓଭରବ୍ରିଜ ତଳେ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ଛାତ୍ରଛାତ୍ରୀ, ବାଇକ୍ ଓ ସାଇକେଲ ଆରୋହୀ, ୪ ଚକିଆ ଗାଡି ଚାଳକ ମାନଙ୍କୁ ଅଟକା ଯାଇ ମାସ୍କ ବଂଟନ କରାଯାଇଥିଲା । ଥାନାଧିକାରୀ ଚିନ୍ମୟୀ ବେହେରା, ଏସଏସଆଇ ପ୍ରଭାସ ବେଉରା, ପ୍ରତାପ ଗଡନାୟକ, ସତ୍ୟବାନ ଦାସ, ଚିତ୍ରଗୁପ୍ତ ନରେନ୍ଦ୍ର ସିଂହ, ପ୍ରଜ୍ଞାପରମିତା ରାୟ, ପ୍ରଭାସିନି ବିଶ୍ୱାଳ, ସୁମିତ୍ରା ଗୋଗୋପେଇ, ମନୋଜ ପୂର୍ତି,ଗଣେଷ ଲେଙ୍କା, ବ୍ରଜକିଶେର ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ ।

# ଅସହାୟଙ୍କୁ ଖାଦ୍ୟ ବଂଟନ

କୋରେଇ,୧/୧୨ (ନି.ପ୍ର): ପଥରପଦା ପଂଚାୟତ ଅନ୍ତର୍ଗତ ଦାମୋଦରପୁର ଗ୍ରାମର କୁଶାସନ ଦାଶଙ୍କ ପୁଅ ହରିହର ଗତ କାର୍ତିକ ପୂର୍ଣ୍ଣିମା ଦିନ ପୋଖରୀରେ ବୁଡ଼ି ପ୍ରାଣ ହରାଇଥିଲେ । ହରିହର ଜଣେ ମେଳାପି ଓ ପରୋପକାରୀ ଯୁବକ ଥିବା ସହିତ ଦାମୋଦରପୁର ଉନ୍ନୟନ କମିଟିର ସଦସ୍ୟ ମଧ ଥିଲେ । ତାଙ୍କର ଅକାଳ ମୃତ୍ୟୁରେ ମ୍ରିୟମାଣ ହୋଇ କମିଟିର ସଦସ୍ୟ ମାନେ କେହି ତାଙ୍କର ଦ୍ୱାଦଶାହ ଭୋଜି ଖାଇବେ ନାହିଁ ଏବଂ ହରିହରଙ୍କ ଆତ୍ମାର ଶାନ୍ତି ନିମନ୍ତେ ଉକ୍ତ ଖାଦ୍ୟକୁ ଅସହାୟ, ପାଗଳ ଓ ଭିକାରୀ ମାନଙ୍କୁ ବାଂଟିବା ଲାଗି ନିଷ୍ପତି ହୋଇଥିଲା । ମଙ୍ଗଳବାର ତାଙ୍କର ଦ୍ୱାଦଶାହ କ୍ରିୟା ଉପଲକ୍ଷେ କମିଟିର ସଦସ୍ୟ ଅଶୋକ ଲେଙ୍କା, ଅଭିରାମ ବିଶ୍ୱାଳ, ଅରୁଣ କୁମାର ଜେନା, ମଧୁସୁଦନ ସ୍ୱାଇଁ ଓ ତାରିଣୀ କୁମାର ପଟ୍ଟନାୟକ ମାନଙ୍କ ଦ୍ୱାରା କୁଶାସନ ଦେଇଥିବା ଖାଦ୍ୟ ପୁଡ଼ିଆକୁ ପାଣିକୋଇଲି ବଜାରରେ ବୁଲୁଥିବା ଅସହାୟ, ଭିକାରୀ ଓ ପାଗଳ ମାନଙ୍କୁ ବଂଟନ କରାଯାଇଥିଲା ।

# କ୍ୟାନସର ରୋଗର ଚକିତ୍ସା ଓ ଉପଶମ ପାଇଁ ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡ଼ା,୧/୧୨ (ନି.ପ୍ର): କ୍ୟାନସର ରୋଗର ଉପଶମ ପାଇଁ ଏକ ପ୍ରଶିକ୍ଷଣ ଶିବିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକ, ଡିପିଏଚଓ ଡାକ୍ତର ମିର୍ଜା ବାବର ବେଗ ପ୍ରମୁଖ ଜିଲ୍ଲାରେ କାର୍ଯ୍ୟରତ ଥିବା ସମସ୍ତ ଆୟୁସ ଡାକ୍ତର ମାନଙ୍କୁ କ୍ୟାନସର ରୋଗାକ୍ରାନ୍ତ ଲୋକ ମାନଙ୍କୁ କିଭଳି ଔଷଧ ଦ୍ୱାରା ଠିକ୍ କରାଯାଇ ପାରିବ ସେନେଇ ପ୍ରଶିକ୍ଷଣ ଦିଆଯାଇ ଥିଲା । ଏଥି ସହିତ ରୋଗାକ୍ରାନ୍ତ ବରିଷ୍ଠ ନାଗରିକ ମାନଙ୍କୁ ଠିକ୍ ସମୟରେ ଚିକିତ୍ସା କରାଇବା ଆଦି ଉପରେ ପ୍ରଶିକ୍ଷଣ ଦିଆଯାଇ ଥିଲା । ଏହି ଶିବିରରେ ମହାମାରୀ ବିଶେଷଜ୍ଞ ସୁଶାନ୍ତ ପଟ୍ଟନାୟକ, ସଂଯୋଜକ ଏସ୍ଏସ୍ ବିଶ୍ୱାଳ, ଏଫ୍ଏଲ୍ସି ଏସ୍ଏସ୍ ସିଂହ ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ ।

# ବୋରିଗୁମ୍ମାରେ ଆହାର କେନ୍ଦ୍ର ଖୋଲିବାକୁ ଦାବି

ଜୟପୁର ,୧/୧୨ (ନି.ପ୍ର): ବୋରିଗୁମ୍ମା ବ୍ଲକରେ ଗୋଟିଏ ଆହାର କେନ୍ଦ୍ର ଖୋଲିବା ପାଇ ଦାବି ହୋଇଛି । ଯୁବ ନେତା ସିଦ୍ଧାର୍ଥ ପାଣିଗ୍ରାହୀ ନେତୃତ୍ୱର ସମାଜସେବି ହରି ବାବୁ ଙ୍କ ତତ୍ୱାବଧାନରେ ଉପ ଜିଲାପାପାଳ ବେଦବର ପ୍ରଧାନ ଙ୍କ ଜରିଆରେ ଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ରାଜ୍ୟର ସବୁଠାରୁ ବଡ ବ୍ଲକ ହେଉଛି ବୋରିଗୁମ୍ମା ବ୍ଲକ । ପ୍ରତ୍ୟେକ ଦିନ ବ୍ଲକ ଅଫିସ , କୋର୍ଟ ଓ ତହସିଲଅଫିସ ଉପାନ୍ତ ଅଂଚଳର ଗରିବ ଲୋକ ମାନେ ଆସୁଛନ୍ତି । ଗିରବ ହୋଇଥିବା ବେଳେ ଦରଦାମ ବୃଦ୍ଧି ଯୋଗୁଁ ବାହାରେ ଖାଇବା କୁ ଅକ୍ଷମତା ପ୍ରକାଶ କରୁଛନ୍ତି । ଫଳରେ ଦିନ ସାରା ଏଠାରେ କାମ କରି ଭୋକ ଉପବାସରେ ଘରକୁ ଫେରୁଛନ୍ତି । ତେଣୁ ରାଜ୍ୟ ସରକାର ଗିରବ ଲୋକଙ୍କ ପାଇ ଗୋଟିଏ ଆହାର କେନ୍ଦ୍ର କରି ଖାଦ୍ୟ ଓ ପାନିୟ ବ୍ୟବସ୍ଥା କରାଯାଉ । ଏହା ହୋଇପାରିଲେ ବୋରିଗୁମ୍ମା ବ୍ଲକର ବହୁ ଗରିବ ଅଧିବାସୁ ଉପକୃତ ହୋଇଥାନ୍ତେ ସିଦ୍ଧାର୍ଥ ପାଣିଗ୍ରାହୀ, ହରି ବାବୁ , ଶିତଳ ରଥ ଭଲ ରାମ ଜାନି ପ୍ରମୁଖ ଦାବି କରିଛନ୍ତି ।

# ଫିରିଙ୍ଗିଆ ଖେଳପଡିଆ ନିକଟରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କନ୍ଧମାଳ,୧/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଠାରେ ଥିବା ନୋଡାଲ ସ୍କୁଲ ଖେଳପଡିଆ ନିକଟରେ ମଙ୍ଗଳବାର ଜଣେ ଯୁବକ ଙ୍କ ମୃତ ଦେହ ଉଦ୍ଧାର କରାଯାଇଛି । ସୂଚନା ଅନୁସାରେ ମଙ୍ଗଳବାର ସକାଳୁ ଉକ୍ତ ଖେଳପଡିଆକୁ ପିଲା ମାନେ ଖେଳିବାକୁ ଆସିଥିବା ବେଳେ ଖେଳପଡିଆ ପାଖ ରେ ଥିବା ଏକ ସାଗୁଆନ ଗଛ ରେ ଜଣେ ଯୁବକ ଙ୍କ ଶବ ଝୁଲୁଥିବା ଦେଖିବାକୁ ପାଇ ପୋଲିସ କୁ ଖବର ଦେଇଥିଲେ । ଫିରିଙ୍ଗିଆ ଥାନା ଅଧିକାରୀ ପି ଶ୍ୟାମସୁନ୍ଦର ରାଓଙ୍କ ନିର୍ଦ୍ଦେଷ କ୍ରମେ ଅତିରିକ୍ତ ଥାନା ଅଧିକାରୀ ପ୍ରଦୀପ କୁମାର ରାଉଳ ଘଟଣାସ୍ଥଳରେ ପହଂଚି ଉକ୍ତ ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠେଇଦେଇ ତଦନ୍ତଜାରି ରଖିଥିବା ଜଣାପଡିଛି । ତେବେ ମୃତ ଯୁବକ ଜଣକ ଦିର୍ଘ ଚାରିବର୍ଷ ହେବ ଫିରିଙ୍ଗିଆ ଫିରିଙ୍ଗିଆ ସହରରେ ଜଣେ ଗାଡି ଡ୍ରାଇଭର ଭାବରେ କାର୍ଯ୍ୟକରି ଆସୁଥିବା ବେଳେ ବେଳେବେଳେ ଫିରିଙ୍ଗିଆ ବ୍ଲକ ଛକ ସ୍ଥିତ ଏକ ହୋଟେଲ ରେ କାମ କରୁଥିଲେ । ପୋଲିସ ର ପ୍ରାଥମିକ ତଦନ୍ତ ଓ ପାରିପାର୍ଶ୍ୱିକ ପରିସ୍ଥିତି ଯୁବକ ଜଣକ ଆମତ୍ମହତ୍ୟା କରିଥିବା ଜଣାପଡୁଥିବା ବେଳେ ଯୁବକଙ୍କ ମୃତଦେହ ପାଖରୁ ପୋଲିସ ଏକ ସୁଇସାଇଡାଲ ନୋଟ ଜବତ କରିଛି । ତେବେ ଯୁବକ ଜଣକ ଙ୍କ ନା କାଳିଆ ବେହେରା ବୋଲି ଜଣାପଡିଥିବା ବେଳେ ତାଙ୍କ ଘର ଅନୁଗୁଳ ଜିଲ୍ଲା ବିକ୍ରମପୁର ଥାନା ତେରଣ ପୁର ଗାଁ ର ବୋଲି ଜଣାପଡିଥିବା ବେଳେ ତାଙ୍କ ବାପାଙ୍କ ନା ଦାମୋଦର ବେହେରା ବୋଲି ଜଣାପଡିଛି । ଏହି ଘଟଣା ସକ୍ରାନ୍ତରେ ଫିରିଙ୍ଗିଆ ପୋଲିସ ୧୬/୨୦୨୧ ରେ ଏକ ଅପମୃତ୍ୟୁ ମାମାଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ମୃତ ଯୁବକ ଙ୍କ ପରିବାର ଲୋକେ ଆସିଲେ ଶବବ୍ୟବଚ୍ଛେଦ କରାଜିବ ବୋଲି ଘଟଣାର ତଦନ୍ତକାରି ପୋଲିସ ଅଫିସର ସୂଚନା ଦେଇଛନ୍ତି ।

# କୋଟପା ଆଇନ ପ୍ରଶିକ୍ଷଣ ଶିବିର

ଖୋର୍ଦ୍ଧା,୧/୧୨ (ନି.ପ୍ର): ଜିଲା ସ୍ୱାସ୍ଥ୍ୟ ଅଣ ସଂକ୍ରମଣ ରୋଗ ବିଭାଗ ପକ୍ଷରୁ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏସପି ରାଜକିଶୋର ଦୋରା, ଆଇନ ପରାମର୍ଶଦାତା ଲକ୍ଷ୍ମୀଧର ବିଶ୍ୱାଳ, ଅତିରିକ୍ତ ଜିଲା ଆରକ୍ଷୀ ଅଧିକାରୀ ସୁରେଶ ଦାସ, ଉପ ଆରକ୍ଷୀ ଅଧିକାରୀ, ରାଜ୍ୟ ଅଣ ସଂକ୍ରମଣ ରୋଗ ବିଭାଗର ପରାମର୍ଶଦାତା ଡା ଗିରିଜା ଶଙ୍କର ମିଶ୍ର,ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ଶଲ୍ୟ ଚିକିତ୍ସକ ପ୍ରସନ୍ନ ମିତ୍ର,ଖାଦ୍ୟ ସୁରକ୍ଷା ଅଧିକାରୀ ସତ୍ୟଜିତ ପଟେଲ,ଜିଲା ଅଣ ସଂକ୍ରମଣ ରୋଗ ବିଭାଗର ପରାମର୍ଶଦାତା ସୁଦେଶନା ସେନାପତିଙ୍କ ସମେତ ଜିଲାର ସମସ୍ତ ଥାନା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ବିଷ୍ଣୁବ୍ରତ ରାଉତରାୟ ବାଣ୍ଟିଲେ ଚତୁର୍ଥ ଦିନରେ ସ୍ମାର୍ଟ କାର୍ଡ




ବାସୁଦେବପୁର,୧/୧୨ (ନି.ପ୍ର): ବାସୁଦେବପୁର ବ୍ଲକର ଚତୁର୍ଥ ଦିନରେ ବିଭିନ୍ନ ପଂଚାୟତ ଯଥା ବିରସ, ରାଜଘରପୋଖରୀ, ଗୋବିନ୍ଦପୁର, ଆନ୍ଦୋଲା, ବାଲିମେଦ, ଲକ୍ଷ୍ମୀଦାସପୁର ପ୍ରଭୃତି ପଂଚାୟତରେ ବାସୁଦେବପୁରର ମାନ୍ୟବର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହିତାଧିକାରୀ ମାନଙ୍କୁ ସ୍ମାର୍ଟ କାର୍ଡ ବଣ୍ଟନ କରିଛନ୍ତି । ଏହି ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ବିଡ଼ିଓ ସତ୍ୟଜିତ ରାଉତ, ବିଧାୟକ ପ୍ରତିନିଧି ଅସିତ ଦାଶ, ସାଂସଦ ପ୍ରତିନିଧି ସୁରେଶ ମହାନ୍ତି, ବିଜେଡ଼ି ବ୍ଲକ ସଭାପତି ଦୀନବନ୍ଧୁ ଦାସ, ମାନସ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ ପଂଚାୟତ ର ନେତୃବୃନ୍ଦ ପ୍ରଫୁଲ୍ଲ ପଳିତା, ଜଗବନ୍ଧୁ ଖିଲାର, ମାମିନା ଖିଲାର, ନିରଞ୍ଜନ ଦାସ,ପବିତ୍ର ରଂଜନ ପୂହାଣ ପ୍ରମୁଖ ଯୋଗ ଦେଇଥିଲେ । ବିଜୁ ଛାତ୍ର ଜନତା ଦଳ ସଭାପତି କାଳନ୍ଦୀ ସାହୁ,ଅକ୍ଷୟ ମହାନ୍ତି , ପ୍ରଦୀପ ବଳ ପ୍ରମୁଖ ସହଯୋଗ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂତନ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କୁ ବିଧାୟକ ଶ୍ରୀ ରାଉତରାୟ ଉଚ୍ଚ ପ୍ରଶଂସା କରିଥିଲେ । ମଞ୍ଚ ସଂଯୋଜନା କରିଥିଲେ ଆଦର୍ଶ ଶିକ୍ଷକ ଅମୀୟ ପାଣିଗ୍ରାହୀ । ବହୁ ସଂଖ୍ୟାରେ ମହିଳା ମାନେ ଯୋଗ ଦେଇଥିଲେ ଓ ସେମାନଙ୍କୁ ବିଧାୟକ ସ୍ମାର୍ଟ କାର୍ଡ ବାଣ୍ଟିଥିଲେ ।

# ବାବୁହତା ଭିତରେ ହେବ ଇଣ୍ଡୋର ଷ୍ଟାଡିୟମ

କେନ୍ଦ୍ରାପଡ଼ା,୧/୧୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ଖଡିଅଙ୍ଗ ମୌଜାର ରଣପଡା ଠାରେ ଥିବା ଜଳ ସମ୍ପଦ ବିଭାଗର ପୁରୁଣା ଏସଡିଓ କ୍ୱାର୍ଟର ଥିବା ବାବୁହତା ପରିସରରେ ଇଣ୍ଡୋର ଷ୍ଟାଡିୟମ କରାଯିବ । ଏହି କ୍ୱାର୍ଟର ଓ ତା ସଂଲଗ୍ନ ପ୍ରାୟ ୮୭ ଡିସିମିଲ ଜମି ଉପରେ ଇଣ୍ଡୋର ଷ୍ଟାଡିୟମ କରାଯିବ ବୋଲି ଜଣାପଡିଛି । ଦୀର୍ଘ ବର୍ଷହେବ ଏହି କ୍ୱାର୍ଟର ଅବ୍ୟବହୃତ ହୋଇ ପଡିରହିବା ସହ ଏହାକୁ ଭାଙ୍ଗିରୁଜି କେତେକ ଲୋକ ମୁଲ୍ୟବାନ ଉପକରଣ ସମେତ ଅନ୍ୟାନ୍ୟ ଜିନିଷପତ୍ର ଲୁଟି ନେଇଛନ୍ତି ।

# ଡିଜିଟାଲ୍ ଡିଭାଇସ୍‌ର ବିପଦ



କରୋନା ଭୂତାଣୁ କାରଣରୁ ସ୍କୁଲ, କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ବନ୍ଦ ଅଛି । ତେଣୁ ଅନ୍‌ଲାଇନ୍‌ରେ ଚାଲିଛି ପିଲାଙ୍କ ପାଠପଢ଼ା । ଦେଶ ବିଦେଶର ଅନେକ ସ୍କୁଲ ପୂରାପୂରି ରିମୋଟ ବା ହାଇବ୍ରିଡ୍ ଲର୍ଣ୍ଣି ମଡେଲ ପ୍ରସ୍ତୁତ କଲେଣି । ଏଭଳି ପରିସ୍ଥିତିରେ ପିଲାଙ୍କ ସ୍କ୍ରିନିଂ ଟାଇମ୍ ବଢ଼ିବା ସୁନିଶ୍ଚିତ । ଅର୍ଥାତ୍ ସେମାନେ ସ୍ମାର୍ଟଫୋନ୍ ଓ ଲ୍ୟାପ୍‌ଟପ୍ ସ୍କିନ୍ ସାମ୍ନାରେ ଅଧିକରୁ ଅଧିକ ସମୟ ବିତାଇବେ । ଫଳରେ ବାପା, ମା' ପିଲାମାନଙ୍କ ସ୍ୱାସ୍ଥ୍ୟ ବିଶେଷକରି ସେମାନଙ୍କ ଦୃଷ୍ଟିଶକ୍ତିକୁ ନେଇ ଚିନ୍ତିତ ହେଉଛନ୍ତି ।

ଗତ ମାର୍ଚ୍ଚ ମାସରେ ପିୟୁ ରିସର୍ଚ୍ଚ ସେଣ୍ଟରର ଏକ ସର୍ଭେରୁ ଜଣାପଡ଼ିଛି ଯେ ପିଲାଏ ସ୍ମାର୍ଟଫୋନ୍, ଲ୍ୟାପ୍‌ଟପ୍ ଓ କମ୍ପ୍ୟୁଟର ଆଦିରେ ଅଧିକ ସମୟ ବିତାଇବାକୁ ନେଇ ଅଧିକାଂଶ ଅଭିଭାବକ ଚିନ୍ତା ପ୍ରକଟ କରିଛନ୍ତି । ସ୍କ୍ରିନ୍ ସାମ୍ନାରେ ଅଧିକ ସମୟ ବିତାଇବା ଦ୍ୱାରା ମାନସିକ ଚାପ, ଥକାପଣ, ମୁଣ୍ଡବ୍ୟଥା ଭଳି ସମସ୍ୟା ଉପୁଜିଥାଏ । ତେବେ ପିଲାଙ୍କର ଏସବୁ ସମସ୍ୟା ଦୂର କରିବା ପାଇଁ ବିଶେଷଜ୍ଞମାନେ ଅଭିଭାବକଙ୍କୁ ସହଜ ଉପାୟ ବତାଇଛନ୍ତି । ଆସନ୍ତୁ ଜାଣିବା ସହଜ ଉପାୟଗୁଡ଼ିକ ବିଷୟରେ ।

**ଭାଇରସ୍‌ଠାରୁ ସୁରକ୍ଷିତ ଦୂରତା :**

ଅପ୍ଟୋମେରିଷ୍ଟ ଓ ଗ୍ଲୋବଲ୍ ମାୟୋପିଆ ଆୱାରନେସ୍ କୋଆଲିସନ୍‌ର ପ୍ରବକ୍ତା ଡା. ମିଲିସେଣ୍ଟ ନାଇଟ୍‌ଙ୍କ କହିବାନୁସାରେ, ସାଧାରଣତଃ ଆମେ ବହିକୁ ଆଖିଠାରୁ ୧୬ ଇଞ୍ଚ ଦୂରତାରେ ରଖି ପଢୁଥିଲୁ । ମାତ୍ର ବର୍ତ୍ତମାନ ଦେଖାଯାଉଛି, ଲୋକମାନେ ୧୦ରୁ ୧୨ ଇଞ୍ଚ ଦୂରତାରେ ପଢୁଛନ୍ତି । ବିଶେଷକରି ଯେଉଁମାନେ ଫୋନ୍ ଜରିଆରେ ପଢୁଛନ୍ତି ସେମାନେ ଏଭଳି କରୁଛନ୍ତି । ଏତିକି ଦୂରତାରେ ଆଖି ଆରାମ ବଦଳରେ ସ୍କ୍ରିନ୍ ଉପରେ ଫୋକସ୍ କରିଥାଏ । ଏହା ଦ୍ୱାରା କିଛି ସମୟ ପରେ ଆଖିର ମାଂସପେଶୀ ପ୍ରଭାବିତ ହୁଏ ଓ ଏହି କାରଣରୁ ମୁଣ୍ଡବ୍ୟଥା ଓ ଦେଖିବା ସମ୍ବନ୍ଧୀୟ ଅନ୍ୟାନ୍ୟ ସମସ୍ୟା ସୃଷ୍ଟି ହୁଏ । ତେବେ ମାୟୋପିଆ (ନିକଟରେ ଥିବା ଜିନିଷ ସ୍ପଷ୍ଟ ଦେଖିପାରିବା ଓ ଦୂରର ଜିନିଷ ଝାପ୍‌ସା ଦେଖାଯିବ) ଏବଂ ସ୍ମାର୍ଟଫୋନ୍, ଲାପ୍‌ଟପ୍ ଆଦିର ସ୍କ୍ରିନ୍ ବ୍ୟବହାର ମଧ୍ୟରେ କିଛି ସମ୍ପର୍କ ଥିବା କୌଣସି ରିସର୍ଚ୍ଚରୁ ଜଣାପଡ଼ିନାହିଁ । ଆମେରିକାନ୍ ଆପ୍ଟୋମେରିକ ଆସୋସିଏସନ୍‌ର ତଥ୍ୟ ଅନୁସାରେ, ୨୦୧୮ରେ ଚାରି ଜଣ ଅଭିଭାବକଙ୍କ ମଧ୍ୟରୁ ଜଣକର ସନ୍ତାନଙ୍କ ନିକଟରେ ମାୟୋପିଆ ସମସ୍ୟା ଥିଲା ।

**୨୦/୨୦/୨୦ ନିୟମ କ'ଣ ? :**

ଡାକ୍ତର ନାଇଟ୍ ଅଭଭାବକ ଓ କେୟାରଟେକର୍ ବା ତତ୍ତ୍ୱାବଧାରକଙ୍କୁ ୨୦/୨୦/୨୦ ନିୟମ ଫଲୋ କରିବା ପାଇଁ ପରାମର୍ଶ ଦିଅନ୍ତି । ଏହାର ଅର୍ଥ ପ୍ରତି ୨୦ ମିନିଟରେ ଆପଣଙ୍କୁ ୨୦ ଫୁଟ ଦୂରତାକୁ କମ୍ ସେ କମ୍ ୨୦ ସେକେଣ୍ଡ ପର୍ଯ୍ୟନ୍ତ କୌଣସି ଜିନିଷକୁ ଦେଖିବା ଉଚିତ । ଏହା ଦ୍ୱାରା ଆଖିକୁ ଆରାମ ମିଳିଥାଏ ଏବଂ ଆଖି ନିଜର ପ୍ରାକୃତିକ ପୋଜିସନକୁ ଆସିପାରିଥାନ୍ତି । ନୀଳ ଆଲୋକ ରୋକିପାରୁଥିବା ଚଷମା ବ୍ୟତୀତ ମଝିରେ ମଝିରେ ବ୍ରେକ୍ ନେବା ଠିକ୍ ବୋଲି କହିଛନ୍ତି ଡାକ୍ତର ଲ୍ୟୁକ୍ । ସେ ଆହୁରି ମଧ କହିଛନ୍ତତି ଯେ, ଅନେକ ଅଭିଭାବକ ସେମାନଙ୍କ ପିଲାଙ୍କ ପାଇଁ ଏଭଳି ଚଷମା ସମ୍ପର୍କରେ ପଚାରିଥାନ୍ତି । ମାତ୍ର ଏଭଳି ଚଷମା ବ୍ୟବହାର କରିବା ପାଇଁ ସେ କୌଣସି ଅଭିଭାବକଙ୍କୁ ପରାମର୍ଶ ଦିଅନ୍ତି ନାହିଁ । କାରଣ ଆଖି କ୍ଳାନ୍ତି ଦୂର କରିବା ପାଇଁ ଏହି ଚଷମା ଏକମାତ୍ର ଉପଯୋଗୀ । ଏହା ଆଜିଯାଏଁ ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇନାହିଁ । ଡାକ୍ତର ଲ୍ୟୁକ୍‌ଙ୍କ କହିବାନୁସାରେ, ଅଭିଭାବକ ପିଲାଙ୍କ ପାଇଁ ସନ୍‌ଗ୍ଲାସେସ୍ ବ୍ୟବହାର କରିବାକୁ ଉତ୍ସାହିତ କରିବା ଦରକାର । ଏହା ଦ୍ୱାରା ପିଲାଙ୍କ ଆଖିକୁ ଅଲ୍‌ଟ୍ରାଭାଓଲେଟ୍ କିରଣରୁ ରକ୍ଷା କରାଯାଇପାରେ ।

**ମାୟୋପିଆର ଚିକିତ୍ସା ଜରୁରୀ :**

ଯଦି ମାୟୋପିଆର ଚିକିତ୍ସା କରାନଯାଏ, ତା' ହେଲେ ତାହା ଭବିଷ୍ୟତରେ ମାୟୋପିକ ମ୍ୟାକ୍ୟୁଲର ଡିଜନରେସନ, ରେଟିନାଲ୍ ଡିଟାଚ୍‌ମେଣ୍ଟ, କ୍ୟାଟେରେକ୍ଟସ୍ ଏବଂ ଗ୍ଳୁକୋମା ଭଳି ଗମ୍ଭୀର ରୋଗର କାରଣ ହୋଇପାରେ ।

କରୋନା ଭାଇରସ୍ ଯୋଗୁ ଏଯାଏଁ ସ୍କୁଲ ଯାଇନାହାନ୍ତି ପିଲାଏ । ଅନ୍‌ଲାଇନ୍‌ରେ ସେମାନଙ୍କ ପାଠପଢ଼ା ଚାଲିଛି । ଫଳରେ ପିଲାଏ ସ୍ମାର୍ଟଫୋନ୍, ଲ୍ୟାପ୍‌ଟପ୍ ସାମ୍ନାରେ ଅଧିକରୁ ଅଧିକ ସମୟ ବିତାଉଛନ୍ତି । ଏହାଦ୍ୱାରା ପିଲାମାନେ ମୁଣ୍ଡବ୍ୟଥା, ଥକାପଣ, ଦୃଷ୍ଟି ସମସ୍ୟା ଭୋଗିବା ଆଶଙ୍କା ରହିଛି । ଏ ସମସ୍ୟାକୁ କିଭଳି ଦୂର କରାଯିବ ଜାଣିବା ଆସନ୍ତୁ ।

**ଦୁଇ ଫୁଟ ଦୂରତା ରକ୍ଷା :**

ଲସ୍‌ଏଞ୍ଜେଲ୍‌ସର ପିଡିଆଟ୍ରିକ୍ ଅପ୍‌ଥୋଲମୋଲଜିଷ୍ଟ ଡାକ୍ତର ଲ୍ୟୁକ ନାଇଟ୍‌ଙ୍କ କହିବାନୁସାରେ, ଡିଜିଟାଲ୍ ଡିଭାଇସ୍‌କୁ ଆଖି ଲେବଲଠାରୁ ଅତି କମ୍‌ରେ ଦୁଇ ଫୁଟ ଦୂରତାରେ ରଖିବା ଉଚିତ । ଏହି ଦୂରତା କମ୍ ହେଲେ ଇମେଜକୁ ସ୍ପଷ୍ଟ ଦେଖିବା ପାଇଁ ଆମ ଆଖି ଫୋକସ୍ କରିବାରେ ଅସୁବିଧା ସାମ୍ନା କରିଥାଏ । ଏହା ଆଖି ଉପରେ ଅଯଥା ଚାପ ପକାଇବା ସହିତ ମାୟୋପିଆକୁ ବିଗାଡ଼ି ଦେବାର ଆଶଙ୍କା ରହିଛି । ସାଧାରଣତଃ ପିଲାମାନେ ଟେବୁଲ ଉପରେ କହୁଣୀ ରଖନ୍ତି ଓ ଦୁଇ ହାତକୁ ମୁଣ୍ଡର ଦୁଇପଟେ ରଖିଥାନ୍ତି । ଏହି ପୋଜିସନ୍‌ରେ ପିଲାଏ କହୁଣୀକୁ ଉଠାଇ ସ୍କ୍ରିନ୍‌କୁ ଛୁଇଁବା ଉଚିତ ବୋଲି ପରାମର୍ଶ ଦିଅନ୍ତି ଡାକ୍ତର ନାଇଟ୍ ।



**ସତର୍କ ରୁହନ୍ତି :**

ମୁଣ୍ଡବ୍ୟଥା, ଆଖିପତା ଅଧିକ ପକାଉଠା କରିବା, ଆଖି ମଳିବା ବା ପିଲାଏ ଥକିଯିବା ଭଳି ଅନୁଭବ କରିବା ଇତ୍ୟାଦି ସେମାଙ୍କ ବ୍ୟସ୍ତତାର ଲକ୍ଷଣ । ଡାକ୍ତର ଲ୍ୟୁକ୍‌ଙ୍କ ଅନୁସାରେ, ପିଲାଏ ସ୍ମାର୍ଟଫୋନ୍ ଲ୍ୟାପଟପ୍ ଆଦିରୁ ନିର୍ଗତ ତୀବ୍ର ଆଲୁଅରୁ ଦୃଡା ରକ୍ଷା କରିବା ଜରୁରୀ । ଘରେ ଥିବାବେଳେ ସ୍କ୍ରିନ୍‌ର ବ୍ରାଇଟ୍‌ନେସ୍ ବା ଉଜ୍ଜ୍ୱଳତାକୁ କମ୍ ରଖିବା ଦରକାର । ଏହା ସହିତ ଡିଜଟାଲ୍ ଡିଭାଇସ୍‌ର ଅତ୍ୟଧିକ ବ୍ୟବହାର ନ କରିବାର ଭଲ । ଆଖି ଶୁଷ୍କ ଲାଗିବା ମଧ ଚିନ୍ତାର ବିଷୟ ।

ଡାକ୍ତରଙ୍କ କହିବାନୁସାରେ, ଲୋକମାନେ ଡିଭାଇସ୍‌ରେ ପଢ଼ନ୍ତି । ପ୍ରତି ମିନିଟ୍‌ରେ ସେମାନଙ୍କର ବ୍ଲିଙ୍କ୍ ରେଟ୍ (ଆଖିପତା ପକାଇବା, ଉଠାଇବା ହାର) ୫ରୁ ୧୦ ଥର କମ୍ ହୋଇଯାଏ । ଏହା ଆଖି ଶୁଖିଲା ହେବାର କାରଣ ହୋଇଥାଏ । ତେବେ ପିଲାଙ୍କ ଆଖି ବଡ଼ମାନଙ୍କ ଆଖି ଭଳି ଶୁଖିଯାଏ ନାହିଁ । ପିଲାଟି ସ୍କ୍ରିନ୍‌କୁ ଦେଖି ବାରମ୍ବାର ଆଖିପତତା ପକାଉଥିଲେ ହେଁ ସେମାନଙ୍କୁ ଏ ସମ୍ବନ୍ଧରେ ବାରମ୍ବାର ମନେପକାନ୍ତୁ ଓ ଏଭଳି କରିବାକୁ ଉତ୍ସାହିତ କରନ୍ତୁ । ଆପଣଙ୍କ ସତର୍କତା ହିଁ ସେମାନଙ୍କୁ ନାନା ସମସ୍ୟାରରୁ ମୁକ୍ତିଦେବାର ଏକମାତ୍ର ବାଟ ।





## କୃତ୍ରିମ ହସ ହସୁଛନ୍ତି କି ? ସାବଧାନ ରୁହନ୍ତୁ

ଯଦି କେବେ କାହାକୁ ଦେଖି ମନ ରଖିବା ପାଇଁ ବା କାହାକୁ ଖୁସି କରିବାକୁ କୃତ୍ରିମ ହସ ହସୁଛନ୍ତି, ତା' ହେଲେ ଜାଣି ରଖନ୍ତୁ ଯେ ଆପଣ ମସ୍ତବଡ଼ ଭୁଲ କରୁଛନ୍ତି । କାରଣ କୃତ୍ରିମ ହସ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ ବୋଲି ଗବେଷକମାନେ ଏକ ସନ୍ଧାନରୁ ଜାଣିପାରିଛନ୍ତି । ଏହା ଦ୍ୱାରା ହାର୍ଟ ଉପରେ ପ୍ରଭାବ ପଡ଼ିବା ସହ ସ୍ୱାସ୍ଥ୍ୟଗତ ସମସ୍ୟା ବି ଦେଖାଦେଇଥାଏ । ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଜର୍ଣ୍ଣାଲ୍ ଅନୁସାରେ କୃତ୍ରିମ ହସ ହସୁଥିବା ଲୋକମାନଙ୍କ ଆୟୁ କମ୍ ହୋଇଥାଏ । ବସ୍, ଅଟୋରେ ଅଫିସ୍ କିମ୍ବା କୌଣରସି ବ୍ୟବସାୟିକ ଅନୁଷ୍ଠାନକୁ ଗଲେ ଆପଣଙ୍କୁ ଅଭିବାଦନ କରିବା ଅବସରରେ ଯେଉଁମାନେ କୃତ୍ରିମ ହସ ହସୁଛନ୍ତି, ସେମାନେ ଜାଣିନାହାନ୍ତି ଯେ ଏହା ସେମାନଙ୍କର ସ୍ୱାସ୍ଥ୍ୟ ପାଇଁ କେତେ ଖରାପ । ଏଣୁ ସବୁବେଳେ ସଜାଗ ରୁହନ୍ତୁ, କୃତ୍ରିମ ହସରୁ ଦୂରେଇ ରୁହନ୍ତୁ । ଯଦି ଆପଣ କାହାକୁ ଦେଖି ସ୍ମିତହାସ୍ୟ ଦେଉଛନ୍ତି, ସ୍ୱାଭାବିକ ଭାବେ ଦିଅନ୍ତୁ । ମାତ୍ର ବାଧ୍ୟବାଧକତାରେ ତାହା କରନ୍ତୁ ନାହିଁ ।



## ପ୍ରକୃତ ସୌନ୍ଦର୍ଯ୍ୟ ହୃଦୟରୁ ଦେଖାଯାଏ

ଶେହେନାଜ୍ ଗିଲ୍ ନିଜ ଫ୍ୟାନ୍‌ମାନଙ୍କୁ ବହୁତ ଭଲ ପାଇବା ସହିତ ସେମାନଙ୍କୁ ସରପ୍ରାଇଜ୍ ଦେବା ଲାଗି ଗୋଟିଏ ବି ସୁଯୋଗ ମିସ୍ କରନ୍ତିନି । ସେ ଫ୍ୟାନ୍‌ମାନଙ୍କ ସହିତ ପ୍ରାୟ ସମୟ ଲାଇଭ୍ ଚାଟ୍ କରିଥାନ୍ତି । ନିକଟରେ ଇନ୍‌ଷ୍ଟାଗ୍ରାମରେ



ତାଙ୍କର ଫଲୋଅର୍ସଙ୍କ ସଂଖ୍ୟା ୫ ମିଲିୟନରେ ପହଞ୍ଚିଛି । ଯେଉଁଥିପାଇଁ ସେ ଖୁସି ହୋଇ ଧନ୍ୟବାଦ ଜଣାଇବା ସହ ଏକ ସ୍ପେଶିଆଲ୍ ଭିଡିଓ ମଧ ଶେୟାର କରିଥିଲେ । ନିକଟରେ ସେ କରିଥିବା ଫଟୋଶୁଟ୍ ଇନ୍‌ଷ୍ଟାରେ ଅପ୍‌ଲୋଡ କରିଥିଲେ । ଏହି ଫଟୋଗୁଡ଼ିକ ପାଇଁ ଶେହେନାଜ୍ ଏବେ ଚର୍ଚ୍ଚାରେ । ଏଥିରେ ସେ ଖୁବ୍ ସୁନ୍ଦର ମଧ ଦିଶୁଛନ୍ତି । ଫଟୋ ସହିତ ସେ ଏକ କ୍ୟାପସନ୍ ଲେଖିଛନ୍ତି । ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ । ସେ ଲେଖିଛନ୍ତି ଯେ, ମଣିଷର ପ୍ରକୃତିର ସୌନ୍ଦର୍ଯ୍ୟ କେବଳ ହୃଦୟରୁ ହିଁ ଦେଖାଯାଏ । କାହାକୁ ନିଜର ସୌନ୍ଦର୍ଯ୍ୟତା ଦେଖାଇବା ଦରକାର ନାହିଁ, ଯିଏ ତୁମର ହୋଇଥିବ ତମେ ତା' ପାଖରେ ସବୁବେଳେ ସୁନ୍ଦର ଦିଶିବ । ସୁନ୍ଦରତା ଦେଖାଇବା ପାଇଁ ସମ୍ପୂର୍ଣ୍ଣ ଡ୍ରେସ କିମ୍ବା ସର୍ଟ ଡ୍ରେସ ପିନ୍ଧିବାର ଆବଶ୍ୟକତା ନାହିଁ । ନିଜ ଭିତରେ ଥିବା ଆତ୍ମବିଶ୍ୱାସକୁ ଦୃଢ଼ କରିବା ଦରକାର । ନିଜ ରଙ୍ଗ, ସଂସ୍କୃତିକୁ ଚିହ୍ନିବା ଦରକାର । ତାକୁ ହିଁ ନିଜର ଷ୍ଟାଇଲ ବନାନ୍ତୁ । ତାଙ୍କର ସବୁ ଫଟୋ ଗୁଡ଼ିକୁ ଫ୍ୟାନମାନେ ଭୂରି ଭୂରି ପ୍ରଶଂସା କରିଛନ୍ତି । କେହି କେହି ତାଙ୍କୁ କମେଣ୍ଟରେ କୁଇନ୍ ବୋଲି ଲେଖିଛନ୍ତି ।

## ମିଠା କିଲୋ ପ୍ରତି ୫୦ ହଜାର

ସ୍ୱାଦିଷ୍ଟ କବାବ ପାଇଁ ଲକ୍ଷ୍ନୌ ସହର ବେଶ ବିଦେଶରେ ସ୍ୱତନ୍ତ୍ର ପରିଚିତି ପାଇଛି । ଅନେକ ହୁଏତ ଜାଣିନଥିବେ ଭାରତର ସବୁଠୁ ଦାମୀ ମିଠା ପ୍ରସ୍ତୁତକାରୀ ସହରରର ମୁକୁଟ ମଧ ଏହା ହାସଲ କରିଛି । 'ଏକ୍‌ଜୋଟିକା' ନାମକ ମିଠାର ମୂଲ୍ୟ ଶୁଣିଲେ ବିଶ୍ୱାସ କରିପାରିବେ ନାହିଁ, କିନ୍ତୁ ଏହା ସତ । ଏହି ମିଠାର ମୂଲ୍ୟ କିଲୋ ପ୍ରତି ୫୦ ହଜାର ଟଙ୍କା । ଲୋକପ୍ରିୟ ମିଠା ଦୋକାନ ଛପ୍ପନ ଭୋଗ ଏହି ମିଠା ପ୍ରସ୍ତୁତ କରେ । ଏହାର ନିର୍ଦ୍ଦେଶକ ରବିନ୍ଦ୍ର ଗୁପ୍ତାଙ୍କ କଠିନ ପରିଶ୍ରମ ପାଇଁ ଏହି ଶୁଖିଲା ମିଠା ବିଶ୍ୱ ସ୍ତରରେ ମାନ୍ୟତା ପାଇଛି । ରବିନ୍ଦ୍ର, ତାଙ୍କର ଦୁଇ ଭାଇ ଓ ବାପା ମିଳିତ ଭାବେ ୧୯୯୨ ମସିହାରେ ଏହି ମିଠା ବ୍ୟବସାୟ ଆରମ୍ଭ କରିଥିଲେ । ଏକ୍‌ଜୋଟିକା ମିଠା ବିଶ୍ୱର ବିଭିନ୍ନ ସ୍ଥାନରୁ ସଂଗୃହିତ ୭-୮ଟି ଉପାଦାନରେ ପ୍ରସ୍ତୁତ । ଆମେରିକାରୁ ବ୍ଲୁବେରି, ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆରୁ ମାକାଡାମିଆ, ୟୁରୋପରୁର ହାଜେଲନଟ୍ ଏବଂ ବିଶ୍ୱର ଅନ୍ୟ ସ୍ଥାନମାନଙ୍କରୁ ନିଆଯାଇଥିବା ପାଇନ୍ ନଟ୍, ସାଫ୍ରନ୍ ଓ ମାମ୍ରା ବାଦାମରୁ ଏହି ମିଠା ପ୍ରସ୍ତୁତ । ୨୦୦୭ ମସିହାରେ ଦୀପାବଳି ଉପଲକ୍ଷେ ଦିଲ୍ଲୀର ଜଣେ ବ୍ୟବସାୟୀ ସ୍ୱତନ୍ତ୍ର ମିଠା ପ୍ରସ୍ତୁତ ନିମନ୍ତେ ଅନୁରୋଧ କରିବାରୁ ରବିନ୍ଦ୍ର ଓ ତାଙ୍କ ଟିମ୍ ଏହି ଏକ୍‌ଜୋଟିକା ମିଠା ପ୍ରସ୍ତୁତ ଆରମ୍ଭ କରିଥିଲେ । କେବଳ ଲକ୍ଷ୍ନୌର ସଦର ବଜାର ସ୍ଥିତ ଛପ୍ପନ ଭୋଗ ମିଠା ଦୋକାନରେ ହିଁ ଏକ୍‌ଜୋଟିକା ମିଠା ଉପଲବ୍ଧ । ଏକ୍‌ଜୋଟିକାର ଗୋଟିଏ ବ୍ୟାଚ୍ ପ୍ରସ୍ତୁତ କରିବାକୁ କାରିଗରଙ୍କୁ ୬-୭ ଘଣ୍ଟା ସମୟ ଲାଗେ । ବର୍ଷ ସାରା ଏହା ଉପଲବ୍ଧ ହୋଇଥାଏ । ନିଆରା ପ୍ୟାକିଂ ଯୋଗୁ ଏହାକୁ ନେବାଆଣିବା ଖୁବ୍ ସହଜ ହୋଇଥାଏ । କାଠ ବାକ୍ସରେ ମିଠା ପ୍ୟାକ୍ ହୋଇଥାଏ । ଏହା ଏଭଳି ଭାବେ ଡିଜାଇନ୍ ହୋଇଛି, ଯଦ୍ୱାରା ୨୦-୩୦ ଦିନ ଧରି ମିଠା ତା' ଭିତରେ ସତେଜ ରହିପାରିବ । ଗୋଟିଏ ମିଠାର ଆକାର ୨.୫ ସେମି । ସବୁଠୁ ମଜାଦାର କଥା ହେଉଛି, ଖାଣ୍ଟି ଖାଇବାଯୋଗ୍ୟ ସୁନାକୁ ମିଠା ଉପରେ ଆସ୍ତରଣ ଦିଆଯାଇଛି । ବଡ଼ ବଡ଼ ଉଦ୍ୟୋଗପତିଙ୍କଠାରୁ ଆରମ୍ଭ କରି ବଲିଉଡ୍ ସେଲିବ୍ରିଟିମାନେ ଏହି ମିଠାକୁ ପସନ୍ଦ କରିଛନ୍ତି । ଏପରିକି ନରେନ୍ଦ୍ର ମୋଦି ମଧ ଏହି ନିଆରା ମିଠାକୁ ଖୁବ୍ ପସନ୍ଦ କରିଛନ୍ତି ବୋଲି ଦୋକାନ ମାଲିକ କହିଛନ୍ତି ।



## ୱାଟର କ୍ୟାନନ ସାଲ୍ୟୁଟ୍

ଯୁଦ୍ଧବିମାନ ରାଫାଲ ଭାରତରେ ପହଞ୍ଚିବା ପରେ ଅମ୍ବାଲା ଏୟାରବେସ୍‌ରେ 'ୱାଟର କ୍ୟାନନ ସାଲ୍ୟୁଟ' ପ୍ରଦାନ କରାଯାଇଥିଲା । ସାରା ପୃଥିବୀରେ ବିମାନକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହି ପରମ୍ପରା ପ୍ରଚଳିତ ।



ବାଦବିବାଦ, ଆଶାଆଶଙ୍କା ଭିତରେ ଲଢୁଆ ଯୁଦ୍ଧବିମାନ 'ରାଫାଲ' । ୭୦୦୦ କିଲୋମିଟର ଦୀର୍ଘପଥ ଅତିକ୍ରମ କରି ଏହି ବିମାନ ଭାରତୀୟ ବାୟୁସେନାର ଅମ୍ବାଲା ଏୟାରବେସ୍‌ରେ ପହଞ୍ଚିଥିଲା । 'ରାଫାଲ'ର ଉପସ୍ଥିତି ବାୟୁସେନାର ଶକ୍ତିବୃଦ୍ଧି କରିଥିବା ବେଳେ 'ୱାଟର କ୍ୟାନନ ସାଲ୍ୟୁଟ୍' ବା 'ଜଳ ସଲାମି' ସହ ଏହାକୁ ସ୍ୱାଗତ କରାଯାଇଥିଲା । ଅମ୍ବାଲା ଏୟାରବେସ୍‌ରେ ଅବତରଣ କରିବା ପରେ ଗେଟ୍ ନିକଟରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ସ୍ୱତନ୍ତ୍ର ଉପକରଣ ସହାୟତାରେ ପାଣିର ଏକ ସ୍ରୋତ ସୃଷ୍ଟି କରିଥିଲେ । ଆକାଶରେ ଏହି ଜଳସ୍ରୋତ ଅର୍ଦ୍ଧୟ ବୃତ୍ତାକାର ଆକାର ଧାରଣ କରିବା ପରେ ବିମାନଟି ଏହା ମଧ ଦେଇ ଗତି କରିଥିଲା । ଅନେକ ସମୟରେ ୱାଟର ସ୍ୟାଲୁଟ୍ ସମୟରେ ପାଣି ଫୁଆରା ଇନ୍ଦ୍ରଧନୁ ସୃଷ୍ଟି କରି ଆକର୍ଷଣୀୟ ଦେଖାଯାଇଥାଏ । ସାଧାରଣତଃ ସିନିୟର ପାଇଲଟ୍, ଏୟାର ଟ୍ରାଫିକ କଣ୍ଟ୍ରୋଲରଙ୍କ ଅବସର, ଏୟାରପୋର୍ଟରେ କୌଣସି ଏୟାରଲାଇନ୍ସର ପ୍ରଥମ କିମ୍ବା ଶେଷ ଉଡାଣ, ସ୍ୱତନ୍ତ୍ର ଏୟାରକ୍ରଫ୍ଟର ପ୍ରଥମ କିମ୍ବା ଶେଷ ଉଡାଣ ଏବଂ କୌଣସି ସ୍ମୃତିକୁ ରୋମନ୍ଥନ କରିବା ମୁହୂର୍ତ୍ତରେ 'ୱାଟର କ୍ୟାନନ ସାଲ୍ୟୁଟ' ଦିଆଯାଇଥାଏ । ଏହା ଏବେ ବାୟୁସେନାର ପରମ୍ପରା ପାଲଟିଯାଇଛି । ତେଣୁ ଯେତେବେଳେ ବି ଏକ ନୂଆ ବିମାନ ବାୟୁସେନା ସ୍କ୍ୱାଡ୍ରେନ୍‌ରେ ସାମିଲ ହୁଏ ତାକୁ 'ୱାଟର କ୍ୟାନନ ସାଲ୍ୟୁଟ୍' ଦିଆଯାଇଥାଏ । ଗତ ଜାନୁଆରରୀରେ ତାଞ୍ଜୋରରେ ସୁଖୋଇ-୩୦ ଏମ୍‌କେଆର ଯୁଦ୍ଧବିମାନରେ ବ୍ରହ୍ମୋସ୍ ମିଶାଇଲ ଖଞ୍ଜାଯିବା ପରେ ଏହାର ମାରକ କ୍ଷମତତା ବୃଦ୍ଧି ପାଇଥିଲା । ଏହି ସମୟରେ ମଧ ସୁଖୋଇକୁ 'ୱାଟର କ୍ୟାନନ ସାଲ୍ୟୁଟ୍' ସହ ସମ୍ମାନିତ କରାଯାଇଥିଲା । ଏଥିପୂର୍ବରୁ ୨୦୧୯ରେ ବାୟୁସେନାରୁ 'ମିଗ୍-୨୭'କୁ ବିଦାୟ କରାଯାଇଥିଲା । ସୂଚନାଯୋଗ୍ୟ, 'ମିଗ୍-୨୭' ଭାରତୀୟ ବାୟୁସେନାରେ ଦୀର୍ଘ ୩୪ ବର୍ଷ ଧରି ସେବା ଯୋଗାଇ ଆସୁଥିଲା । କେବଳ ଭାରତ ନୁହେଁ ଆମେରିକା, ଚାଇନା, ବ୍ରିଟେନ ସମେତ ଅନ୍ୟ ଦେଶରେର ମଧ 'ୱାଟର କ୍ୟାନନ ସାଲ୍ୟୁଟ୍' ପରମ୍ପରା ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାୟିତ୍ୱ ଗ୍ରହଣ କରିବା ପରେ ୨୦୧୬ରେ ପ୍ରଥମ ଥର ପାଇଁ ସରକାରୀ ଭାବେ ବିମାନରେ ବସିଥିଲେ । ଏହି ସମୟରେ ତାଙ୍କୁ ମଧ 'ୱାଟର କ୍ୟାନନ ସାଲ୍ୟୁଟ୍' ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଏହି ଜଳ ସଲାମି ଜାହାଜକୁ ମଧ ଦିଆଯାଇଥାଏ । ସମୁଦ୍ରରେ 'ୱାଟର କ୍ୟାନନ ସାଲ୍ୟୁଟ୍' ପାଇଁ ବୋଟ ସହାୟତାରେର ପାଣି ଛଡ଼ାଯାଇଥାଏ । ଜାହାଜରେ ପ୍ରଥମ ଏବଂ ଅନ୍ତିମ ଯାତ୍ରା ସମୟରେ ହେଉଥିବା ସମାରୋହରେ ମୁଖ୍ୟତଃ ଏପରି ସମ୍ମାନ ପ୍ରଦାନ କରାଯିବା ପରମ୍ପରା ରହିଛି । ବିଶେଷଜ୍ଞଙ୍କ କହିବା କଥା, ଏପରି ସମ୍ମାନ ପ୍ରଥମେ ନୌସେନାରେ ଆରମ୍ଭ ହୋଇଥିଲା । ଏହାପରେ ବାୟୁସେନା, ସ୍ଥଳସେନାଠାରୁ ଆରମ୍ଭ କରି ବିମାନ ଯାଏ ପହଞ୍ଚିଛି ।

## କରୋନା ଭୟ ଦୂର କରିବ ହରର୍ ସୋ'

ସାରା ବିଶ୍ୱରେ ଏବେ କରୋନା ଭାଇରସ୍‌ର ଭୟ ଜାରି ରହିଛି । ଏହା ଯୋଗୁଁ ଲୋକଙ୍କ ବଞ୍ଚିବାର ଶୈଳୀରେ ପରିବର୍ତ୍ତନ ହୋଇଛି । ତଥାପି ମଧ ଲୋକଙ୍କ ମନରୁ ଏଥିଜନିତ ଚାପ କମୁନାହିଁ । ଏପରିସ୍ଥଳେ ଲୋକଙ୍କର ମାନସିକ ସ୍ଥିତିକୁ ଟିକେ ହାଲ୍‌କା କରିବା ଲାଗି ଜାପାନର ଏକ ଗ୍ରୁପ୍ ପକ୍ଷରୁ ଏକ ଅଜବ ଉପାୟ ଚିନ୍ତା କରାଯାଇଛି । ହରର୍ ସୋ' ମାଧ୍ୟମରେ ଲୋକଙ୍କ ମନରୁ ଭୟ ଦୂର କରିବା ଲାଗି ଗ୍ରୁପ୍ ଲକ୍ଷ୍ୟ ରଖିଚି । ଲୋକଙ୍କୁ ଏଥିଲାଗି କଫିନ୍ ଭଳି ଏକ ବଡ଼ା କାଠ ବାକ୍ସ (ପ୍ରାୟ ସାଢ଼େ ୬ ଫୁଟ ଲମ୍ବା) ମଧ୍ୟରେ ଭର୍ତ୍ତି କରାଯିବ । ସେହି ଅବସ୍ଥାରେ ତାଙ୍କୁ ଭୟାନକ କାହାଣୀ ଶୁଣାଯିବ । ହରର୍ ଫିଲ୍ମର ଦୃଶ୍ୟ ଭଳି କିଛି ଅଭିନେତା ତାଙ୍କ ଚାରିପଟେ ଅଭିନୟ କରିବେ । ଏପରିକି ସେମାନେ ତାଙ୍କ ତଣ୍ଟି ଚିପିବାକୁ ଆସୁଥିବା ସେ ଅନୁଭବ କରିବେ । ଏପରି କାର୍ଯ୍ୟ ପଚର ଉଦ୍ଦେଶ୍ୟ ହେଲା ଲୋକମାନେ ଏହାଦ୍ୱାରା ଭୟଭୀତ ହୋଇ ପାଟି କରିବେ । ଫଳରେ ସେମାନଙ୍କର ମାନସିକ ଚାପ କିଛିଟା କମିଯିବ । ଚଳିତ ସପ୍ତାହ ଶେଷରେ ଟୋକିଓରେ ଏହି ସୋ' ଆରମ୍ଭ ହେବାକୁ ଆଉଛି । ଏ ସଂପର୍କରେ ପ୍ରଡକ୍ସନ୍ କଂପାନି କୋୱାଗସେଟାଇର ସଂଯୋଜକ କେଣ୍ଟା ଇୱାନା କହିଛନ୍ତି, 'ଏହି ମହାମାରୀ ସମୟରେ ବହୁ ଲୋକ ମାନସିକ ଚାପର ଶିକାର ହୋଇଛନ୍ତି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅନିଶ୍ଚିତତା ଭିତରେ କୃଷି ଓ କୃଷକ...

ନରେନ୍ଦ୍ର ମୋଦୀଙ୍କ ସରକାର ତିନିଗୋଟିଯାକ ବିବାଦୀୟ କୃଷି ଆଇନକୁ ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହେବାର ପ୍ରଥମ ଦିନରେ ହିଁ ହଟ୍ଟଗୋଳ ଭିତରେ ପ୍ରତ୍ୟାହାର କରି ନେଇଛନ୍ତି । ଗତ ବର୍ଷ ଏହି ଆଇନ ତିନୋଟିଯାକ ପାରିତ ହେବା ବେଳେ ସରକାର ସଂସଦର ଉଭୟ ସଦନରେ ଏହା ଉପରେ ଆଲୋଚନା ବା ବିଚାର ବିମର୍ଶ କରି ନଥିଲେ କି ପ୍ରତ୍ୟାହାର କରିବା ସମୟରେ ମଧ୍ୟ ଆଲୋଚନା କରିବା ନିମନ୍ତେ ବିରୋଧୀ ଦଳମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରି ନଥିଲେ । ଉଭୟ ସମୟରେ ସରକାର ସଂସଦରେ ରହିଥିବା ତାଙ୍କ ସଂଖ୍ୟା ଗରିଷ୍ଠତାର ଶକ୍ତିକୁ ପ୍ରଦର୍ଶନ କରିଥିଲେ । ସୋମବାର ସଂସଦର ଅଧିବେଶନ ଆରମ୍ଭ ହେବାର ମାତ୍ର କେତେ ମିନିଟ୍ ଭିତରେ କୃଷି । ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ପ୍ରଥମେ ଏହି ଆଇନକୁ ଲୋକସଭା ଓ ପରେ ପରେ ରାଜ୍ୟସଭାରେ ଉପସ୍ଥାପନ କରି ବାଚନିକ ଭୋଟରେ ପ୍ରତ୍ୟାହାରକୁ ଗୃହୀତ କରାଇ ନେବା ସହିତ ବିରୋଧୀମାନଙ୍କ ଆଲୋଚନା ଦାବିକୁ ଏଡ଼ାଇ ଯିବା ବିରୋଧୀମାନଙ୍କୁ ଅସନ୍ତୁଷ୍ଟ କରିଛି । ଏହାପରେ ସଦନରେ କଂଗ୍ରେସର ନେତା ଥିବା ଅଧୀର ଚୌଧୁରୀ କହିଥିଲେ, 'ସାର୍, ବିଲ୍‌ରେ (ଆଇନଗୁଡ଼ିକ ପ୍ରତ୍ୟାହାର କରିବା) ଲେଖା ହୋଇଛି, "ବିଲ୍‌ଗୁଡ଼ିକର ବିଚାର ଏବଂ ଅନୁମୋଦନ କରାଯିବ । ଯଦି ଏହା 'ବିଚାର କରାଯିବ ଏବଂ ଅନୁମୋଦନ କରାଯିବ', ତା' ହେଲେ ଏହା ଉପରେ କାହିଁକି ଆଲୋଚନା କରାଗଲା ନାହିଁ ? ତେବେ ବିରୋଧୀ ନେତାଙ୍କର ଏହି ପ୍ରଶ୍ନର ଉତ୍ତର ଥିଲା ଅତ୍ୟନ୍ତ ନିରୁତ୍ସାହଜନକ ଯେ ବିରୋଧୀମାନେ ସଦନରେ ହଟ୍ଟଗୋଳ କରିଥିଲେ, ଯାହାକୁ କଦାଚିତ୍ ସଂସଦୀୟ ପରମ୍ପରାର ଅନୁକୂଳ କୁହାଯାଇ ପାରିବ । ସେ ଯାହାହେଉ, ବର୍ଷାଧିକ କାଳ ଖରା, ବର୍ଷା, ଶୀତ କାକରରେ ସଡ଼କରେ ପଡ଼ି ରହି କୃଷି ଆଇନ୍ ତ୍ରୟର ବିରୋଧ କରିଥିବା ଚାଷୀମାନଙ୍କର ଦାବିକୁ ଶେଷରେ ସରକାର ମାନି ନେବାକୁ ବାଧ୍ୟ ହୋଇଛନ୍ତି ଏବଂ ଆଇନଗୁଡ଼ିକୁ ଫେରାଇ ନେଇଛନ୍ତି । ଆଇନଗୁଡ଼ିକର ପ୍ରତ୍ୟାହାର ହୁଏତ ଚାଷୀ ଏବଂ ବିରୋଧୀ ଦଳମାନଙ୍କ ପାଇଁ ଏକ ବିଜୟ ହୋଇପାରେ, ତେବେ ଏହା ସେହି ପର୍ଯ୍ୟନ୍ତ ଠିକ୍, ଯେଉଁ ପର୍ଯ୍ୟନ୍ତ ସରକାରଙ୍କ ଦ୍ୱାରା ଏହାକୁ ଲୋକମାନଙ୍କ ଉପରେ ଜୋର ଜବରଦସ୍ତ ଲଦି ଦେବାର ଉଦ୍ୟମ କରାଯାଇଥିଲା ଏବଂ ଯାହା ଉପରେ ଶାସକ ବିଜେପି ଦଳ ଅନେକ ମାନସିକ ଓ ବୌଦ୍ଧିକ ପୁଞ୍ଜି ଖଟାଇ ପାରିତ କରାଇ ଥିଲା ଓ ଶେଷରେ ଫେରାଇ ନେବାକୁ ବାଧ୍ୟ ହୋଇଛି । ନିଃସନ୍ଦେହରେ କୃଷି ଆଇନକୁ ଫେରାଇ ନେବା ବହୁମତବିଶିଷ୍ଟ ସରକାରଙ୍କ ପାଇଁ ଏକ ବଡ଼ ଝଟ୍‌କା, କିନ୍ତୁ ଏହା ମଧ୍ୟ ବୁଝିବାର ଆବଶ୍ୟକତା ରହିଛି ଯେ ତିନୋଟିଯାକ ଆଇନର ପ୍ରତ୍ୟାହାର କୃଷକମାନଙ୍କ ପରିସ୍ଥିତିକୁ ବଦଳାଇ ପୂର୍ବାପେକ୍ଷା ଅଧିକ ଉନ୍ନତ କରିଦେବାକୁ ଯାଉନାହିଁ । ଦେଶରେ କୃଷି କ୍ଷେତ୍ରରେ ଲାଗି ରହିଥିବା ସଂକଟ ଯେମିତି ଥିଲା, ସେମିତି ରହିବାକୁ ଯାଉଛି । ପର୍ଯ୍ୟାପ୍ତ ପରିମାଣର ଲାଭ ପ୍ରଦାନ କରୁ ନଥିବା ଚାଷର ସ୍ୱଭାବ ଏକଦା ଅଧିକ ଜମିର ମାଲିକ ଥିବା ଚାଷୀମାନଙ୍କୁ ଶିକ୍ଷାନୁଷ୍ଠାନରେ ନାମଲେଖା ହେଉ ବା ସରକାରୀ ଚାକିରିଗୁଡ଼ିକରେ ସ୍ଥାନ ସଂରକ୍ଷଣ ନିମନ୍ତେ ଦାବି କରିବାକୁ ସଡ଼କକୁ ନେଇ ଆସିଛି । ଭାରତୀୟ କୃଷି ମଧ୍ୟ ଏଯାବତ୍ ପ୍ରତିଯୋଗିତାପୂର୍ଣ୍ଣ ହୋଇ ପାରିନାହିଁ । ଆଉ । ଫସଲ ଚାଷ କରିବାର ଧାରା ସହିତ ଦିନକୁ ଦିନ କମି କମି ଯାଉଥିବା ଭୂତଳ ଜଳର ସ୍ତର ସହିତ କୃଷିଜାତ ପଦାର୍ଥର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ପରିସର ବିପର୍ଯ୍ୟୟ ଘଟାଇଛି । କହିବା ବାହୁଲ୍ୟ, ତିନିଗୋଟିଯାକ କୃଷି ଆଇନ ପାରିତ ହେବା ପୂର୍ବରୁ କୃଷି କ୍ଷେତ୍ର ପାଇଁ କିଛି ନୂଆ କାର୍ଯ୍ୟ କରାଯିବା ଆବଶ୍ୟକ ମନେ ହେଉଥିଲା ଏବଂ ଯେଉଁ ଆଇନ ତିନୋଟିକୁ ସରକାର ପାରିତ କରିଥିଲେ ଏବଂ ଯେଉଁ ଭଳି ଭାବରେ ଏହା କରାଯାଇଥିଲା, ତାକୁ ପ୍ରତ୍ୟାହାର କରିନେବା ପରେ ଯେ ବିତର୍କର ଅନ୍ତ ଘଟିବ, ସେପରି ମଧ୍ୟ ନୁହେଁ; ଏହି ବିତର୍କ ଚାଲୁ ରହିଥିଲା ଏବଂ ବେଶ୍ କିଛି କାଳ ପର୍ଯ୍ୟନ୍ତ ଚାଲୁ ରହିବ ମଧ୍ୟ । ତେବେ ସତ୍ୟ ହେଉଛି, କୃଷି ଓ କୃଷକର ଅବସ୍ଥାରେ ଉନ୍ନତି ଘଟାଇବାକୁ ହେଲେ କିଛି ନା କିଛି ନୂଆ କାର୍ଯ୍ୟ କରାଯିବାର ଆବଶ୍ୟକତା ରହିଛି । ସରକାରଙ୍କ ଦ୍ୱାରା ଆଇନଗୁଡ଼ିକ ପ୍ରତ୍ୟାହାର ହେବା ପରେ କୃଷି କ୍ଷେତ୍ରର ସ୍ଥିତି ପୂର୍ବବତ୍ ରହିବ, ପରନ୍ତୁ ଏଥିରେ ଉତ୍ସାହିତ ହୋଇ ଏହାକୁ ବିଜୟ ଉତ୍ସବ ଭାବରେ ପାଳିବାର ସେପରି କିଛି ରହିଛି ବୋଲି ମନେହୁଏ ନାହିଁ । ବରଂ ଏହା । ପରିବର୍ତ୍ତେ ଏଇ କୃଷିପ୍ରଧାନ ଦେଶର ମେରୁଦଣ୍ଡ ଭାବରେ ବିବେଚିତ କୃଷି କ୍ଷେତ୍ର ଓ କୃଷକମାନଙ୍କ ପାଇଁ ଅର୍ଥନୀତିକ ବାସ୍ତବିକତା ଥିବା, ପାରିବେଶିକ ପ୍ରସଙ୍ଗକୁ ବିଚାରକୁ ନେଉଥିବା, ପରିବର୍ତ୍ତିତ ପରିସ୍ଥିତିରେ ଜଳବାୟୁ ସଂକଟର ପ୍ରତିରୋଧୀ ହେଉଥିବା ତଥା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ, ଦଳମତ ନିର୍ବିଶେଷରେ ରାଜନୀତିକ ବିଚାରଧାରାରୁ ଉର୍ଦ୍ଧ୍ୱରେ ରହୁଥିବା କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯିବାର ଜରୁରୀ ଆବଶ୍ୟକତା ରହିଛି । ଆଉ ଏହି ପଦକ୍ଷେପ କେନ୍ଦ୍ର ସରକାର ନୁହନ୍ତି, ବରଂ ରାଜ୍ୟ ସରକାରମାନଙ୍କ ନେତୃତ୍ୱରେ ନିଜ ନିଜ ରାଜ୍ୟର ପରିବେଶକୁ ସୁହାଇବା ଭଳି କରାଯିବା ଉଚିତ। ସମ୍ପ୍ରତି କୃଷି ଆଇନଗୁଡ଼ିକ ପ୍ରତ୍ୟାହାର ହେବା ପରେ ମଧ୍ୟ କୃଷକମାନେ ଏମ୍ଏସ୍ପିକୁ ଆଇନସମ୍ମତ କରିବା ଜିଦ୍‌ରେ ଅଡ଼ି ବସିଛନ୍ତି । ଏକ ଆଇନଗତ ଅଧିକାର ଭାବରେ ଏମଏପି ଦାବି କରିବା ଅବଶ୍ୟ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ସାବ୍ୟସ୍ତ ହେବାକୁ ଯାଉଛି । ଯେଉଁ କୃଷି ଆଇନ ପ୍ରଣୟନ କରାଯାଇଥିଲା, ସେଗୁଡ଼ିକ ଭଲ ଥିଲା କି ଖରାପ ଏବଂ ସେଗୁଡ଼ିକ ପ୍ରତ୍ୟାହାର କରି ନିଆଯିବା ଉଚିତ ହୋଇଛି କି ଅନୁଚିତ, ସେ ବିଷୟରେ ମତପାର୍ଥକ୍ୟ ରହିବା ସୁନିଶ୍ଚିତ, କିନ୍ତୁ ଏସବୁ ବାଦ୍ ଗୋଟିଏ କଥା ଅସ୍ୱୀକାର କରିହେବ ନାହିଁ ଯେ ବର୍ତ୍ତମାନ କେନ୍ଦ୍ର ସରକାର କୃଷି କ୍ଷେତ୍ର ପାଇଁ ଏକ ଗଭୀର ପ୍ରଭାବ ପକାଇବା ଭଳି ସାଂଗଠନିକ ସଂସ୍କାର ଆଣିବା ନିମନ୍ତେ ଉତ୍ସାହ ହରାଇଛନ୍ତି । ସମୟ କହିବ, ରାଜ୍ୟ ସରକାରମାନେ କୃଷି ଓ କୃଷକର ଅବସ୍ଥାରେ ପରିବର୍ତ୍ତନ ଘଟାଇବାକୁ କେଉଁସବୁ ପଦକ୍ଷେପ ନେଉଛନ୍ତି କି ନାହିଁ, ଯାହାର ନିଶ୍ଚିତ ଆବଶ୍ୟକତା ରହିଛି ।

# ଚୀନ ବିରୁଦ୍ଧରେ ବିଶ୍ୱ

ସୌମେନ୍ଦ୍ର ଜେନା

ଚୀନ ବିରୋଧରେ ବିଶ୍ୱବ୍ୟାପି ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ନିକଟରେ ଦକ୍ଷିଣ କୋରିଆର ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ରରେ ଚୀନର ୨ଟି ବୋଟକୁ ବୁଡାଇ ଦିଆଯାଇଛି । ଇଣ୍ଡୋନେସିଆ ଉପକୂଳରେ ଚୀନର ୫୭ଟି ମାଛ ଧରା ବୋଟକୁ ନଷ୍ଟ କରାଯାଇଛି । ଦକ୍ଷିଣ ଆମେରିକାର ଆର୍ଜେଣ୍ଟିନାର ଜଳସୀମାରେ ଗାଲାପାଗୋସ ଠାରେ ଚୀନର ମାଛଧରା ବୋଟଗୁଡିକୁ ନଷ୍ଟ କରାଯାଇଛି । ଦକ୍ଷିଣ କୋରିଆର ତଟରକ୍ଷୀ ବାହିନୀ ୟେନଗିଓଙ୍ଗ ଦ୍ୱୀପର ଉତ୍ତରରେ ୧୮୦ଟି ଚୀନା ବୋଟ ଉପରେ ଚଢାଉ କରିଥିଲେ । ଜାପାନ ଓ ସାମୋଆ ଦ୍ୱୀପର ଉପକୂଳରେ ଚୀନା ବୋଟକୁ ଜବତ କରାଯାଇଛି । ନିକଟ ଅତୀତରେ ପାକିସ୍ତାନର ଗ୍ୱାଦର ବନ୍ଦର ନିକଟରେ ଚୀନର ଟ୍ରଲରଗୁଡିକ ମାଛ ଧରିବା ନେଇ ଅଭିଯୋଗ ଉଠିଥିଲା । ସ୍ଥାନୀୟ ଧୀବରଙ୍କ ରୋଜଗାରକୁ ଆତ୍ମସାତ କରିବାକୁ ଚୀନାମାନେ ବନ୍ଦରର ନିର୍ମାଣରେ ନିଯୁକ୍ତ ଥିବା କର୍ମଚାରୀଙ୍କ ସହାୟତାରେ କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ଉଠିଥିଲା । ଏହା ପରେ ପରେ ଗ୍ୱାଦର ବନ୍ଦରରେ ସ୍ଥାପିତ ଜିନ୍ନାଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନୀୟ ଲୋକେ ଭାଙ୍ଗି ନଷ୍ଟ କରିଦେଇଥିଲେ । ଏପରିକି ଚୀନା କର୍ମଚାରୀଙ୍କୁ ନେଇ ଯାଉଥିବା ଏକ ଯାନକୁ ବୋମାମାଡ କରି ଉଡାଇ ଦେଇଥିଲେ । ସେହି ଘଟଣାରେ ୬ ଚୀନା କର୍ମଚାରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇ ଥିଲା ଏବଂ ଅନ୍ୟ ୯ଜଣ ଆହତ ହୋଇଥିଲେ । ଚୀନା କର୍ମଚାରୀଙ୍କୁ ବିରୋଧ କରି ବଲୋଚ ଲିବରେସନ ଆର୍ମି ସହ ସ୍ଥାନୀୟ ଲୋକେ ବେଲୁଚସ୍ଥାନରେ ଆକ୍ରମଣ ଜାରି ରଖିଛନ୍ତି । ଏକଥା ସତ ଯେ ଚୀନାବାସୀଙ୍କ ଖାଦ୍ୟାଭାବ ଦୂରକରିବା ପାଇଁ ସାମୁଦ୍ରିକ ଖାଦ୍ୟ କେତେକାଂଶରେ ସାହାଯ୍ୟ କରିଥାଏ । ଅସରପା ଠାରୁ ଝିଟିପିଟି, ବିଛା ପର୍ଯ୍ୟନ୍ତ ସବୁକିଛି ଚୀନର ମାଛ ମାର୍କେଟରେ ବିକ୍ରି ହୋଇଥାଏ । ସାରା ପୃଥିବୀର ଭିନ୍ନ ଭିନ୍ନ ଦେଶ ଜଳସୀମାରେ ପ୍ରବେଶ କରି ମାଛଧରିବା ପାଇଁ ୨୫୦୦ ଦୂରଗାମୀ ଏବଂ ୧୭୦୦୦ ସାନ ମାଛଧରା ବୋଟକୁ ଚୀନ ସରକାର ଅନୁମତି ଦେବା ସହ ଆର୍ଥିକ ସହାୟତା ଦେଇଛନ୍ତି । ଏମାନେ ଦକ୍ଷିଣ ଆମେରିକା, ଅଷ୍ଟ୍ରେଲିଆରୁ ଆଫ୍ରିକାର ଉପକୂଳ ଯାଏ ମାଛ ଧରିବା କାର୍ଯ୍ୟ କରୁଛନ୍ତି । ୨୦୧୩ରେ ଜିନପିଙ୍ଗ ବଡ ମାଛଧରା ଜାହାଜ ନିର୍ମାଣ ପାଇଁ ପ୍ରୋତ୍ସାହନ ଦେଇଥିଲେ ।

ଚୀନରେ ବାକ୍ ସ୍ୱାଧୀନତା ନାହିଁ ଏହା ସମସ୍ତଙ୍କୁ ଜଣାଅଛି । ଏକଛତ୍ର ସାମ୍ୟବାଦୀ ଶାସନ ବିରୋଧ କହୁଥିବା ଲୋକକୁ ସରକାର ସହ୍ୟ କରିପାରେ ନାହିଁ । ଚଳିତ ବର୍ଷ ୨ ନଭେମ୍ବରରେ ଚୀନର ପ୍ରମୁଖ ମହିଳା ଖେଳାଳୀ ପେଙ୍ଗ୍ ସୁଆଇ ପୂର୍ବତନ ଉପରାଷ୍ଟ୍ରପତି ଝାଙ୍ଗ ଗାଓଲିଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ସୋସିଆଲ ମିଡିଆରେ ଆଣିଥିଲେ । ତା ପରଠାରୁ ତାଙ୍କ ସୋସିଆଲ ମିଡିଆ ପାଙ୍ଗା ଏବଂ ସେ ଗାଏବ ହୋଇଛନ୍ତି । ଚୀନର ଇଣ୍ଟରନେଟ ୱେଇବୋ ପୃଷ୍ଠାରୁ ପେଙ୍ଗଙ୍କୁ ବ୍ଲକ କରାଯାଇଛି । ୨୦୧୮ରେ ଚୀନ ଅଭିନେତ୍ରୀ ଫାନ୍ ବିଙ୍ଗ୍‌ବିଙ୍ଗ୍‌ଙ୍କ ବିରୋଧରେ ଟିକସ ଠକେଇ ଅଭିଯୋଗ ଉଠିଲାପରେ ସେ ଗାଏବ ହୋଇଗଲେ । ପରେ ଅକ୍ଟୋବର ମାସରେ ଦେଖାଦେଇ ସାଧାରଣରେ କ୍ଷମା ପ୍ରାର୍ଥନା କଲେ । ୨୦୧୮ରେ ଗାଏବ ହୋଇଥିବା ଅନ୍ୟ ପ୍ରସିଦ୍ଧ ଲୋକ ଥିଲେ ବୈଜ୍ଞାନିକ ହେ ଜିଆନକୁଇ, ଇଣ୍ଟରପୋଲ ମୁଖ୍ୟ ମେଙ୍ଗ୍ ହୋନଗ୍ୱେଇ, ପୁରସ୍କୃତ ଫଟୋଗ୍ରାଫର ଲୁ ଗୁଆଙ୍ଗ, ଚର୍ଚ୍ଚର ନେତା ୱାଙ୍ଗ ୟି ଜିନ୍‌ପିଙ୍ଗ୍‌ଙ୍କ ପୋଷ୍ଟରରେ କାଳି ବୋଳିଥିବା ଝିଅ ଡୋଙ୍ଗ ୟାଓକିଓଙ୍ଗ ଗାଏବ ହୋଇଥିଲେ । ୨୦୧୨ରେ ଜିନପିଙ୍ଗ୍ କ୍ଷମତାକୁ ଆସିବାପରେ ସମାଲୋଚକଙ୍କ ମୁହଁ ବନ୍ଦ କରିବାକୁ ଯେଉଁ ଆଇନ ଲାଗୁକଲେ ତା ପରଠାରୁ ଅଦ୍ୟାବଧି ପ୍ରାୟ ୩୦,୦୦୦ ଲୋକଙ୍କୁ ସରକାର ଗାଏବ କରିସାରିଲେଣି । ସାମ୍ବାଦିକା ଝାନ୍ ଝାଙ୍ଗ୍ କୋରୋନା ମୃତ୍ୟୁର ଅସଲ ତଥ୍ୟ ପ୍ରଦାନ କରି ସରକାରଙ୍କ ଦ୍ୱାରା ଅଟକ ରହିବା ପରେ ଏବେ ମୃତ୍ୟୁ ସହ ଲଢୁଛନ୍ତି । ତେଣୁ ଦେଶ ଭିତରେ ଅସନ୍ତୋଷ ପରିବ୍ୟାପ୍ତ ରହିଛି । ଲୋକେ ସାମ୍ୟବାଦୀ ବ୍ୟବସ୍ଥା ବିରୋଧରେ କହିଲେ ସରକାର ସେମାନଙ୍କୁ ଗିରଫ କରି ହତ୍ୟା କରୁଛନ୍ତି କିମ୍ବା ଜେଲରେ ଯନ୍ତ୍ରଣା ଦେଉଛନ୍ତି । ଜନ ଅସନ୍ତୋଷ ଦେଶ ଭିତରେ କୁହୁଳୁଛି, ଏଥିରେ ସନ୍ଦେହ ନାହିଁ । ଚୀନ ସରକାର ନିଜର ଦୋଷକୁ ଲୁଚାଇବାକୁ ଯେତେ ଚେଷ୍ଟା କଲେ ମଧ୍ୟ ଅନେକ ତଥ୍ୟ ଲୋକଙ୍କ ଦ୍ୱାରା ଆଲୋକକୁ ଆସୁଛି, କୋରୋନା ଭୂତାଣୁ ସଂକ୍ରାନ୍ତରେ ତଥ୍ୟ ପ୍ରକାଶ ପାଇବା ଏହାର ପ୍ରମାଣ ।

ଚୀନ୍ ସରକାର କେବଳ ତିବ୍ବତୀୟ ବୌଦ୍ଧ, ଉଇଘୁର ମୁସଲମାନ କିମ୍ବା ଖ୍ରୀଷ୍ଟିଆନଙ୍କୁ ଯେ ବିରୋଧ କରୁଛି ତା ନୁହେଁ ଦେଶରେ ୭ମ ଶତାବ୍ଦୀଠାରୁ ବସବାସ କରି ଆସୁଥିବା ଅଳ୍ପସଂଖ୍ୟାରେ ଥିବା ଇହୁଦୀମାନଙ୍କୁ ମଧ୍ୟ ବିରୋଧ କରୁଛି । ଏହି ଇହୁଦୀମାନେ ଏବେ ମାତ୍ର ୨୫୦୦ ସଂଖ୍ୟାରେ ହେନାନ୍ ପ୍ରଦେଶର କାଇଫେଙ୍ଗଠାରେ ବସବାସ କରୁଛନ୍ତି । ୨୦୨୦ରେ ସେମାନଙ୍କ ପ୍ରାଚୀନ ପ୍ରାର୍ଥନାସ୍ଥଳୀକୁ ଭାଙ୍ଗି ଦିଆଯାଇଥିଲା । ହିବ୍ରୁ ଭାଷାରେ ଥିବା କାନ୍ଥ ଲିଖନକୁ ଲିଭାଇ ଦିଆଯାଇଥିଲା । ସେମାନଙ୍କ ସଂଗ୍ରହାଳୟକୁ ମଧ୍ୟ ସରକାରଙ୍କ ପକ୍ଷରୁ ହଟାଇ ଦିଆଯାଇଥିଲା । ଦେଶର ଇହୁଦୀମାନଙ୍କ ସହ ବାହାର ଦେଶର ଇହୁଦୀଙ୍କ ସାକ୍ଷାତ, ସମ୍ମେଳନ ଆଦି ସରକାରଙ୍କ ପକ୍ଷରୁ ବନ୍ଦ କରାଯାଇଛି। ଏହି ସଂଖ୍ୟା କମ୍ ଇହୁଦୀମାନଙ୍କୁ ଇସ୍ରାଏଲ ସରକାର ଗ୍ରହଣ କରିନେବାକୁ ପ୍ରସ୍ତୁତ ଥିଲେ ହେଁ ଚୀନ ସରକାର ସେମାନଙ୍କୁ ଛାଡିବାକୁ ପ୍ରସ୍ତୁତ ନାହିଁ । ଚୀନରେ ବୌଦ୍ଧ, ତାଓ, ଇସଲାମ, ପ୍ରୋଟେଷ୍ଟାଣ୍ଟ ଏବଂ କ୍ୟାଥୋଲିକ୍ ଧର୍ମକୁ ସ୍ୱୀକୃତି ମିଳିଛି । ଏସବୁ ବାହାରେ ଅନ୍ୟ ମତପନ୍ଥର ଲୋକମାନଙ୍କୁ ଶକ୍ତି ପ୍ରୟୋଗ କରି ସରକାରଙ୍କ ପକ୍ଷରୁ ରୀତିନୀତି ପାଳନକୁ ବାରଣ କରାଯାଉଛି, ସ୍ଥଳ ବିଶେଷରେ ଦମନ କରାଯାଉଛି ।

ସଂଯୁକ୍ତ ଆରବ ଅମିରାତ ବା ୟୁଏଇରେ ଚୀନ ସେନା ପକ୍ଷରୁ ନିର୍ମିତ ହେଉଥିବା ଏକ ସାମରିକ ଘାଟୀର ନିର୍ମାଣକୁ ଆମେରିକାର ଗୋଇନ୍ଦା ସଂସ୍ଥା ଧରିବା ପରେ ବନ୍ଦ ରଖାଯାଇଛି । ଅମିରାତର ଖଲିଫା ବନ୍ଦରଠାରେ ଚୀନର ବନ୍ଦର କମ୍ପାନୀ କସ୍‌କୋ ପକ୍ଷରୁ ନିର୍ମାଣ ଚାଲିଥିଲା, ସେଠାରେ ବହୁତଳ ପ୍ରାସାଦ ନିର୍ମାଣ ପାଇଁ ଖୋଳା କାର୍ଯ୍ୟ ଜାରିଥିଲା । ଗତ ସେପ୍ଟେମ୍ବର ମାସରେ ଆମେରିକାର ସୁରକ୍ଷା ପରାମର୍ଶଦାତା ଜ୍ୟାକ୍ ସୁଲିଭାନ ଏବଂ ହ୍ୱାଇଟ ହାଉସର ମଧ୍ୟ ପ୍ରାଚ୍ୟ ପରାମର୍ଶଦାତା ବ୍ରେଟ ମାକଗୁର୍କ ଅମିରାତର ଅଧିକାରୀଙ୍କୁ କାଗଜପତ୍ର ଦେଖାଇବା ପରେ ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯାଇଥିଲା । ଗତ ଚାରିବର୍ଷ ପୂର୍ବେ ଆଫ୍ରିକାର ଜିବୁତିର ଡୋଲାରେ ବନ୍ଦରଠାରେ ଚୀନ ନିର୍ମିତ ବନ୍ଦର ମଧ୍ୟରେ ନୌସେନା ଘାଟୀକୁ ସମାନ ଢଙ୍ଗରେ କରାଯାଇଥିଲା ।

ଆବୁଧାବି ନିକଟସ୍ଥ ବନ୍ଦରରେ ଚାଲିଥିବା ଅମିରାତ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଚେତାବନୀ ଦିଆଯାଇଛି । ଏହାଦ୍ୱାରା ଦୁଇଦେଶର ସଂପର୍କ ବ୍ୟାହତ ହୋଇପାରେ ବୋଲି ପ୍ରକାଶ କରାଯାଇଛି । ଆବୁଧାବିର ଗଭୀର ଜଳ ପରିବହନ ପାଇଁ ଉଦ୍ଦିଷ୍ଟ ୧୨ ଡିସେମ୍ବର ୨୦୧୨ରେ ଦେଶର ରାଷ୍ଟ୍ରପତି ଶେଖ ଖଲିଫା ବିନ ଜାୟେଦ ଅଲ ନହ୍ୟାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ୨୦୧୯ରେ ବନ୍ଦରର ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇ ୨୦୨୧ସୁଦ୍ଧା ଶେଷ କରିବା ଲାଗି ଲକ୍ଷ୍ୟ ରହିଥିଲା । ୪୦ବର୍ଷର ପୁରୁଣା ମୁସାଫା ବନ୍ଦର ଏବଂ ଜାୟେଦ ବନ୍ଦର ଉପରୁ ଚାପ ହ୍ରାସ କରିବାକୁ ଆବୁଧାବି ଓ ଦୁବାଇ ମଧ୍ୟରେ ତୱିଲାହଠାରେ ଅବସ୍ଥିତ ଖଲିଫା ବନ୍ଦରର ପ୍ରସାରଣ ଚାଲିଛି । ଏହି ବନ୍ଦର ଖଲିଫା ଇଣ୍ଡଷ୍ଟ୍ରିଆଲ ଜୋନ୍ ଆବୁଧାବି ନିକଟରେ ରହିଛି । ଇତିହାଦ ରେଳ ସହ ଏହି ବନ୍ଦର ସଂଯୁକ୍ତ ହେବ । ସେହିପରି ଅନ୍ୟ ଏକ ଘଟଣାରେ ଦକ୍ଷିଣ ଚୀନ ସାଗରରେ ଫିଲିପାଇନ୍ସର ଜାହାଜ ଉପରକୁ ଚୀନର ନୌସେନା ପାଣିମାଡ କରି ଘଉଡାଇବା ଘଟଣା ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଏହାକୁ କେନ୍ଦ୍ରକରି ଆମେରିକା ପକ୍ଷରୁ ଚୀନକୁ ଚେତାବନୀ ଦିଆଯାଇଛି । ଦକ୍ଷିଣ ଚୀନ ସାଗରରେ ପଡୋଶୀ ରାଷ୍ଟ୍ରର ଗତାଗତକୁ ବନ୍ଦ କରି ନିଜର ଏକାଧିପତ୍ୟ ଜାହିର କରିବାକୁ ଚୀନ ପକ୍ଷରୁ ଉଦ୍ୟମ ଜାରି ରହିଛି ।

ଦିନକୁ ଦିନ ଭାରତ ଓ ତାଇୱାନ ସହ ସୀମା ଉତ୍ତେଜନା ବୃଦ୍ଧି, ଆମେରିକା ଓ ଜାପାନ ସହ ବିବାଦ, ଅନ୍ୟ ଦେଶର ଜଳସୀମା ମଧ୍ୟରେ ପ୍ରବେଶ କରି ମାଛ ଧରାକୁ ନେଇ ସଂଘର୍ଷ ଆଦି ଘଟଣା ଚୀନକୁ ଏକପ୍ରକାର ଏକଘରିକିଆ କରିଦେଇଛି। ଯେଉଁ କାରଣରୁ ଚୀନ ରାଷ୍ଟ୍ରପତି କୌଣସି ଆନ୍ତର୍ଜାତିକ ଆଲୋଚନାକୁ ନଯାଇ ଘରେ ଲୁଚି ରହିଛନ୍ତି । ପାକ୍-ଚୀନ-ତୁର୍କୀ ମେଣ୍ଟକୁ ପୃଥିବୀରେ ଆଦୌ ଭଲ ଦୃଷ୍ଟିରେ କେହି ଦେଖୁନାହିଁ। ଚୀନ ସରକାର ଦିନକୁ ଦିନ ଦେଶ ଭିତରେ ଏବଂ ଦେଶ ବାହାରେ ସଂକୁଚିତ ହେବାକୁ ଯାଉଛନ୍ତି। ଶ୍ରୀଲଙ୍କା, ସାମୋଆ ଏବଂ ପାପୁଆ ନିଉଗିନି ପରି ଛୋଟ ଛୋଟ ଦେଶ ଏବେ ଚୀନ ସରକାରଙ୍କୁ ନାଲି ଆଖି ଦେଖାଉଛନ୍ତି, ତ୍ରୁଟିପୂର୍ଣ୍ଣ ନୀତିର ସମାଲୋଚନା କରୁଛନ୍ତି, ବାଣିଜ୍ୟିକ ବୁଝାମଣାର ବିରୋଧ କରୁଛନ୍ତି । ଫଳରେ ବିଶ୍ୱବ୍ୟାପି ଚୀନକୁ ବିରୋଧ କରାଯାଉଥିବା ହେତୁ ଆର୍ଥିକ, ବାଣିଜ୍ୟିକ, ରାଜନୀତିକ ଦୃଷ୍ଟିରୁ ଡ୍ରାଗନର ଦେଶ ସର୍ବତ୍ର ଏବେ ସଙ୍କଟରେ । ଚୀନ ବିରୋଧୀ ବାତାବରଣ ଯୋଗୁ ପୃଥିବୀରେ ଏହି ଦେଶ ଏବେ ଖଳନାୟକ ହୋଇଛି । ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମରେ ସାଧାରଣ ଲୋକେ ଚୀନର ସରକାରଙ୍କ ନୀତି ବିରୋଧରେ ବିକ୍ଷୋଦଗାର କରୁଛନ୍ତି । ବିଶ୍ୱସାରା ଚୀନ ବିରୋଧୀ ସଣ୍ଢୁଆସୀ ଆକ୍ରମଣ ଯୋଗୁ ଚୀନର ସଙ୍କଟ ବଢିଯାଇଛି ବୋଲି କହିବା ଠିକ୍ ହେବ ।


+ ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩


# ସଭ୍ୟ ସମାଜ ଓ ଆତଙ୍କର ଅତିବାଦ



ଗୋପାଳ ମହାପାତ୍ର

ସଂସ୍କୃତି ଏବଂ ଶିକ୍ଷାରୁ ପ୍ରାପ୍ତ ସଂସ୍କାର ଉଜ୍ଜ୍ୱଳ ବ୍ୟକ୍ତିତ୍ୱର ନିର୍ମାଣ ସହ ଧର୍ମ ତଥା କର୍ମକୁ ମଧ୍ୟ ପରିଭାଷିତ କରିଥାଏ ଏବଂ ସମାଜର ଚରିତ୍ର ନିର୍ମାଣରେ ସହାୟକ ହୋଇଥାଏ। ହିନ୍ଦୁ ସଂସ୍କୃତି ସହ ଜଡ଼ିତ ଶିକ୍ଷା ପ୍ରଣାଳୀ ବାସ୍ତବିକ ସଂସ୍କାର ଶିଖାଇଥାଏ ଏବଂ ଆର୍ଯ୍ୟାବର୍ତ୍ତର ଲୋକଙ୍କୁ ଚରିତ୍ରବାନ ହେବାର ଶିକ୍ଷା ଦେଇଥାଏ। ଏଥି ସହିତ ଉଦାରତା, ତ୍ୟାଗ ଏବଂ ରାଷ୍ଟ୍ରପତି ସମର୍ପଣ ଭାବ ପାଇଁ ପ୍ରେରିତ କରିଥାଏ। ଏ ପ୍ରସଙ୍ଗରେ ସାଧୁ ଏବଂ ବିଛାର ପ୍ରକୃତି ପ୍ରଦତ୍ତ ବ୍ୟବହାରର ଏକ ଲୋକକଥା ଅତ୍ୟନ୍ତ ପ୍ରାସଙ୍ଗିକ। କଥା ଅନୁସାରେ ଜଣେ ସାଧୁ ତାଙ୍କ ଶିଷ୍ୟମାନଙ୍କ ସହ ନଦୀରେ ସ୍ନାନ କରୁଥିଲେ। ସେତେବେଳେ ଜଳଧାରରେ ଏକ ବିଛା ଭାସି ଆସୁଥିଲା। ସାଧୁଜଣକ ବିଛାର ପ୍ରାଣ ବଞ୍ଚାଇବା ପାଇଁ ତାକୁ ହାତରେ ଧରିନେଲେ କିନ୍ତୁ ସ୍ୱଭାବ ବଶତଃ ବିଛାଟି ସାଧୁଙ୍କ ତାର ବିଷାକ୍ତ ଡଙ୍କରେ ଆଘାତ କଲା। ଡଙ୍କର ଆଘାତ କାରଣରୁ ସାଧୁ ଜଣକ ବିଛାଟିକୁ ଛାଡିଦେଲେ ଓ ବିଛାଟି ପୁଣି ଭାସି ଯାଉଥିଲା। ସାଧୁଜଣକ ପୁନର୍ବାର ବିଛାକୁ ବଞ୍ଚାଇବା ପାଇଁ ଚେଷ୍ଟା କଲେ ଓ ବିଛା ପୁଣି ଡଙ୍କ ମାରିଲା। ଏଭଳି ୩ରୁ ୪ଥର ସାଧୁ ଜଣକ ବିଛାକୁ ବଞ୍ଚାଇବାର ଉଦ୍ୟମ କଲେ ଓ ବିଛା ମଧ୍ୟ ଡଙ୍କ ମାରିଲା। ହେଲେ ଶେଷରେ ସାଧୁ ବିଛାଟିକୁ ପାଣିରୁ ଆଣି ବାହାରେ ଛାଡିଦେଲେ। ଏସବୁ କଥା ଦେଖି ଶିଷ୍ୟମାନେ ଆଶ୍ଚର୍ଯ୍ୟ ହୋଇ ସାଧୁଙ୍କୁ ପଚାରିଲେ ଯେ, ଗୁରୁଜୀ, ବିଛାଟି ଆପଣଙ୍କୁ ବାରମ୍ବାର ଡଙ୍କ ମାରୁଥିଲା । କିନ୍ତୁ ଆପଣ ତାକୁ କାହିଁକି ବଞ୍ଚାଇବା ପାଇଁ ଉଦ୍ୟମ କରୁଥିଲେ? ସାଧୁ ଉତ୍ତରରେ କହିଲେ ବିଛାର ପ୍ରକୃତିଗତ ସ୍ୱଭାବ ହେଉଛି ଡଙ୍କ ମାରିବା ତେଣୁ ସେ ତାର ସ୍ୱଭାବ ଛାଡିବ କିପରି? ଶିଷ୍ୟମାନେ ପୁନର୍ବାର ପ୍ରଶ୍ନ କଲେ ଯେ, ଆପଣ ତ ବିଛାକୁ ଛାଡି ଦେଇଥାନ୍ତେ ଆପଣ ବାରମ୍ବାର ତାକୁ ବଞ୍ଚାଇବା ପାଇଁ ଉଦ୍ୟମ କଲେ କାହିଁକି? ସାଧୁ ଜଣକ ସ୍ମିତ ହାସ୍ୟ ହସି କହିଲେ ବିଛା ପରି ଜୀବ ତାର ସ୍ୱଭାବ ଛାଡିପାରିଲା ନାହିଁ ତେବେ ମୁଁ ଜଣେ ସାଧୁ ହୋଇ ମୋର ସ୍ୱଭାବ ଛାଡିବି କେମିତି? ବିପରୀତ ଆଚରଣରେ ପ୍ରାଣୀମାନେ ମଧ୍ୟ ସମନ୍ୱୟ ରକ୍ଷା କରିଚଲିଥାନ୍ତି। ଏ ପ୍ରସଙ୍ଗରେ ଭାରତୀୟ ସାହିତ୍ୟରେ ଅନେକ ଉଦାହରଣ ରହିଛି। ଭାରତୀୟ ସାହିତ୍ୟ ସିଧା ଭାବରେ କହିବାକୁ ଗଲେ ହିନ୍ଦୁ ସଂସ୍କୃତି ସହ ଜଡ଼ିତ ସାହିତ୍ୟକୁ ଛାଡିଦେଲେ ଅନ୍ୟ କୌଣସି ଧର୍ମର ସାହିତ୍ୟରେ ଏଭଳି ଉଦାହରଣ ନାହିଁ।

ଆଫଗାନିସ୍ତାନରେ ତାଲିବାନମାନେ ଯେଭଳି ଶାସନ ଗାଦିକୁ ଅକ୍ତିଆର କଲେ ଏବଂ ଯେଭଳି ନାରକୀୟ କାଣ୍ଡ ଘଟାଇଲେ ତାକୁ ସଂସ୍କାରିତ କାର୍ଯ୍ୟ ବୋଲି କୁହାଯାଇପାରିବ କି? କଠୋରପନ୍ଥୀମାନେ ଇସଲାମ ଉପଧର୍ମାବଲମ୍ବୀଙ୍କ ସମେତ ସବୁ ଧର୍ମର ମହିଳାମାନଙ୍କୁ ନିର୍ଯାତନା ଦେଉଥିବା ବେଳେ ସାରା ବିଶ୍ୱର ଇସଲାମ ସମାଜ ପୁରାପୁରି ମୌନ ରହିଥିଲା। ଆମ ଦେଶର କିଛି ବୁଦ୍ଧିଜୀବୀ ତାଲିବାନ ସପକ୍ଷରେ ମତ ଦେଉଛନ୍ତି କିନ୍ତୁ ସେଠାରେ ନାବାଳିକାଙ୍କୁ ଯୌନ ଶୋଷଣ ଓ ହଜାର ହଜାର ପୁରୁଷଙ୍କୁ ହତ୍ୟା କରାଯାଉଥିବା ଉପରେ ଚୁପ୍ ରହୁଛନ୍ତି। ଆଫଗାନିସ୍ତାନରେ ତାଲିବାନ ଶାସନ ପରଠାରୁ ଯାହା ଚାଲିଥିଲା ତାକୁ ଆତଙ୍କବାଦ ବୋଲି କୁହାଯିବ ନିଶ୍ଚୟ। ଆତଙ୍କବାଦ କିଛି ନୂଆ ଘଟଣା ନୁହେଁ। ସଭ୍ୟତାର ବିକାଶକ୍ରମର ପ୍ରାରମ୍ଭରୁ ଏଭଳି ଘଟଣା ସବୁ ଦେଖିବାକୁ ମିଳୁଛି। କିନ୍ତୁ ଯେତେବେଳେ ଉଇଗର ମୁସଲିମ୍ ଆତଙ୍କବାଦ ଗ୍ରସ୍ତ ଦେଶ ଚୀନ ତାଲିବାନମାନଙ୍କୁ ସମର୍ଥନ କରେ ସେତେବେଳେ ଏ ବାବଦରେ ଅଧିକ ଭାବେ ଚିନ୍ତା କରାଯିବା କଥା ସ୍ୱତଃ ଉଠିଥାଏ। ଆତଙ୍କବାଦରେ ଘୋର ବିରୋଧୀ ଦେଶ ରୁଷିଆ ମଧ୍ୟ ତାଲିବାନ ସରକାର ସହ ବନ୍ଧୁତାର ହାତ ବଢାଇବାର ଉଦ୍ୟମ କରୁଛି। ଜାମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମହବୁବା ମୁଫତି କାଶ୍ମୀର ସହ ଆଫଗାନିସ୍ତାନର ତୁଳନା କରିଦେଲେ କିନ୍ତୁ କାଶ୍ମୀରର ବିସ୍ଥାପିତ ପଣ୍ଡିତମାନଙ୍କ କଥା ତାଙ୍କ ଦୃଷ୍ଟିକୁ ଆସିଲାନାହିଁ। ମୁନବର ରାଣାଙ୍କ ଭଳି ସାହିତ୍ୟିକ ଧାର୍ମିକ ପୂର୍ବାଗ୍ରହ ଗ୍ରସିତ ହୋଇ ତାଲିବାନକୁ ସମର୍ଥନ କଲେ ଓ ଭାରତ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ମନ୍ତବ୍ୟ ଦେଇଥିଲେ। ଏସବୁରୁ ଏମାନଙ୍କ ଭାରତ ବିରୋଧୀ ମାନସିକତା ସ୍ପଷ୍ଟ।

ଏସବୁ ଘଟଣାକୁ ଦେଖି ଆମେ କ'ଣ ଭାବିବା ଯେ ଭାରତୀୟ ସନାତନ ଉଦାରତାର କିଛି ମୂଲ୍ୟ ନାହିଁ? ଆଫଗାନିସ୍ତାନରେ ତାଲିବାନୀମାନେ ଗୋଟିଏ ପରେ ଗୋଟିଏ ସହର କବ୍‌ଜା କରିଚାଲିଥିବା ବେଳେ ଆମେରିକା ଦ୍ୱାରା ପ୍ରଶିକ୍ଷଣ ପ୍ରାପ୍ତ ତଥା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଆଫଗାନ ସେନା ସେମାନଙ୍କ ଆଗରେ ନିଜକୁ ସମର୍ପଣ କରିଦେଇଥିଲେ। ଏଥିରୁ ସ୍ପଷ୍ଟ ଯେ, ଧାର୍ମିକ ଚରମପନ୍ଥର ପ୍ରକୃତିଜନ୍ୟ ମାନସିକତା ଆଗରେ ଆଫଗାନ ସେନା ନିଜକୁ ସମର୍ପି ଦେଇଥିଲେ। କୋଉଠିମଧ୍ୟ ସଂଘର୍ଷ ଘଟିନଥିଲା। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ସୁନ୍ନି ମୁସଲମାନଙ୍କ ରକ୍ତରେ କଠୋରତାର ଜହର ଭରି ରହିଥିଲା। କଥିତ ଏହି ଘଟଣା ପାଇଁ ଅନେକେ ଆମେରିକାକୁ ଦୋଷୀ ବୋଲି କହିଥିଲେ। କିନ୍ତୁ ଚିନ୍ତା କରିବାର କଥା ହେଉଛି ଆମେରିକାର ଯାହାବି ଉଦ୍ଦେଶ୍ୟ ଥାଉନା କାହିଁକି ଆଫଗାନରେ ଏକ ଲୋକତାନ୍ତ୍ରିକ ବ୍ୟବସ୍ଥାର ପ୍ରଚଳନ ପାଇଁ ଆମେରିକା ପ୍ରୟାସ କରିଥିଲା। ଆଫଗାନିସ୍ତାନର ବିକାଶ ପାଇଁ ମଧ୍ୟ ଆମେରିକା ଉଦ୍ୟମ କରିଥିଲା। ଭାରତ ମଧ୍ୟ ଏଥିରେ ଭାଗିଦାରୀ ଥିଲା। କିନ୍ତୁ ଯାହାଙ୍କ କାନ୍ଧରେ ଏହି ବ୍ୟବସ୍ଥାର ମୁଖ୍ୟ ଦାୟିତ୍ୱ ଥିଲା ସିଏ ଦେଶ ଛାଡି ପଳାୟନ କଲେ। ଏପରିସ୍ଥଳେ ଆମେରିକା କ'ଣ ବା କରିପାରିଥାନ୍ତା?

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)






## କର୍ମଫଳ

ଈଶ୍ୱର ମଙ୍ଗରାଜ

ଦୁର୍ଲ୍ଲଭ ମାନବ ଶରୀର ଗଠନ
ଗୋରା କଳା କି ପାର୍ଥକ
ଭାଷା ପୀଡା ଦିଏ ସ୍ୱାମୀ ପରିଜନ
ଚରିତ୍ର ନେଇ ବିବେକ
କର୍ମ ଧର୍ମ ଭାଗ୍ୟ ଠିକ।
ଯିଏ ଯାହାକୁ କରଇ ଭକ୍ତି ମତି
ଆତ୍ମ ଗର୍ବ ଜନ୍ମ ଗତ
ପର ଆପଣ ଭାଷା ଗତ କଟୁକ୍ତି
ପର ନିଜ କିଏ ସତ
କହ ସତ ତ ପଣ୍ଡିତ।
ପିତା ମାତାଙ୍କ ମିଳନ ଭାଗ୍ୟ ସୃଷ୍ଟି
ମାତା ଆଦର୍ଶ ଚରିତ୍ର
ପିତାଙ୍କ ମଂଜି ଉତ୍ପାଦନ ସମଷ୍ଟି
ସୁ ସନ୍ତାନ ହୁଏ ଜାତ
ସଂସାରୀ ନାରୀଟି ସତ ।
କର୍ମ ଧର୍ମ ସମ୍ପର୍କ କରାଏ ଦୃଢ
ନାରୀ ସ୍ୱଭାବ ପବିତ୍ର
ପୁରୁଷ ଶ୍ରୀ ନାରୀ ସରଳ କିମ୍ବା ମୂଢ଼
ସୁନ୍ଦରୀ ସଦା ଗର୍ବିତ
ଏହାର ଜନ୍ମ ଜାତକ ।
ଯାହାର ସ୍ୱାମୀ ସୁନ୍ଦରୀ ନାରୀ ପ୍ରାପ୍ତ
ତା ରୂପ ପାଇଁ ବିପଦ
ରୂପବତୀ ସ୍ତ୍ରୀଟି ସ୍ୱାମୀ କରାୟେତ
ଉକ୍ତ ଘରେ କଳି ଜାତ
ଭାବି ଭାବି ହନ୍ତ ସନ୍ତ।

କର୍ମ ନେଇଟି ସୀତା କୁନ୍ତୀ ଦ୍ରୌପଦୀ
ଉକ୍ତ ବଂଶଜ ଅଶାନ୍ତି
ଏହି ନାରୀ ଭାଗ୍ୟ ରୂପ ଟାଣେ ଶକ୍ତି
ଦୁଇ କୁଳ କୁ ଶାସ୍ତି।
ଆଧୁନିକ କାମା ଆସକ୍ତି।
ସତ କି ମିଛ ପ୍ରମାଣିତ
ରାମାୟଣ ମହଭାରତ
ଏ କଳି ଯୁଗ ନାରୀ ଉଦ୍ଧତ।


♥ ଖୋର୍ଦ୍ଧା କାଇପଦର
(ମୋ)୭୯୭୮୭୩୦୨୧୭.


## କର୍ମ ହିଁ ଭଗବାନ

ସୁଶାନ୍ତ ରଣା



ସବୁଜ କ୍ଷେତ
ମୋ ପାଇଁ ମଠ ମନ୍ଦିର
ମୋ ହଳିଆ ଗୀତ
ସତେକି ସେ, ଭାଗବତ
ଶ୍ରୋତା ମୋ ସ୍ତ୍ରୀ ମୋ ପରିବାର
ନିତ୍ୟ ହୋନ୍ତି ଏଠି ରୁଣ୍ଡ ।
ବଳଦ ରଡ଼ି
ସତେକି ସେ ଶଙ୍ଖ ସ୍ୱର
ଲଙ୍ଗଳ ଟାଣନ୍ତି ନୀତି
ମୋର ଦୁଇ ବଳ, ବଳଦ ।
ଆଣ୍ଠୁଏ କାଦୁଅ ରାସ୍ତା
ମୋ ପାଇଁ ସେ ବଡ଼ ଦାଣ୍ଡ
କ୍ଷେତ୍ରରୁ ଅମଳ ଶସ୍ୟ
ମୋ ପାଇଁ ଲକ୍ଷ୍ମୀ ଭଣ୍ଡାର ।
ମୁଁ ଯେ, ସବୁଜ କ୍ଷେତର ପୂଜାରୀ
ପୂଜା ମୋର ନୀତି କର୍ମ
ମାଟି ସାଥେ ଭାବ ମୋର
ମୁଁ ଭକ୍ତ, କର୍ମ ହିଁ ଭଗବାନ ।


♥ ରାଧାବଲ୍ଲଭ ପଡ଼ା
ତେରେସିଂହା, ଜି. କଳାହାଣ୍ଡି,
ମୋ- ୭୮୯୪୬୫୮୨୭୪


## ଶରଶଯ୍ୟା

ସଂଜୀବ କୁମାର ଦାଶ



ସମୟର ଆରମ୍ଭ ହେବାଠୁଁ, ଘୁରୁଛି ବସୁଧା
ଅବିରାମ, ଅବିଶ୍ରାନ୍ତ,
ଋତୁ ବଦଳୁଛି, ଆଲୁଅ
ଅନ୍ଧାରର ପକ୍ଷ ଗଢୁଛି,
ଅଜଣା ଅତୀତରୁ ଏ ମହାଯାତ୍ରା,
ୟା'ଭିତରେ ଜାହିର ଅସଂଖ୍ୟ କୃତ୍ରିମତାର
ଦୀକ୍ଷାନ୍ତ ଇସ୍ତାହାର....

ବିଭତ୍ସ ଅଗ୍ନିତାଣ୍ଡବ, ବତାସର ଅମିତ
ପ୍ରବହମାନତାରେ ହିଁ
କାୟାକଳ୍ପ ନିଏ,
ବିବର୍ତ୍ତନ ବିଲୟର ସୂକ୍ଷ୍ମଧାରା ସ୍ରୋତ,
ଏସବୁ ଘନଘଟା ଭିତରେ ମଣିଷ ଲେଖୁଛି,
ଭାଗ୍ୟ ଭବିଷ୍ୟତ,
ନିରୀହ ସେ ମୁଦାଲା ପ୍ରକୃତି !
ଚଳନର ଠିକଣା ତା'
ନିଜେ ସେ ଜାଣେନା,
ଏବେ ବନିଛି କେବଳ,
ବ୍ୟାପ୍ତ ପରିଧିର ନରସାମ୍ରାଜ୍ୟ,
ଦେଖୁଛି, ସହୁଛି ଅଗଣିତ
ଅସଙ୍ଗତିର ବିଷମ ମେଳଣ ।

ପୂର୍ଣ୍ଣତାର ପାହାଡ ଧସୁଛି,
ତରଳୁଛି ହିମସ୍ତୁପ, ଫୁଲୁଛି ସାଗର,
ଉପରେ ଭିତରେ ଅଗ୍ନିର ହିଲ୍ଲୋଳ,
ଅତିଷ୍ଠ ଗୁଳଗୁଳିରେ ବି ଯୋଡୁଛି କେ,
ବିକଟ ଉନ୍ମାଦନାର ଗୋଲାପୀଫର୍ଦ୍ଦ ।

ସଭିଏଁ ଜାଣନ୍ତି, ବୁଝନ୍ତି ,
ବିବିଧତାର ବର୍ଣ୍ଣାଳୀରେ ତାଙ୍କରି ଅସ୍ତିତ୍ୱ,
ସୁଖର ଗଡ, ସ୍ୱପ୍ନର ସହର,
ଏନ୍ତୁଡ଼ିରୁ ମଶାଣି, ସବୁ ଏଇଠି ହିଁ ସମାହିତ,
ପାଣି ଟିକେ ଦେବାକୁ ନାହାନ୍ତି
କେ ପ୍ରତିବେଶୀ ଗ୍ରହ ଅଧିବାସୀ ।

ତଥାପି ମାୟା ଲାଗେନି ମାତୃବତ
ପ୍ରକୃତିର ସେ କାକୁସ୍ଥ,
ଘନଶୀତଳ ଛାୟାରେ ,
ବାହୁନି କାନ୍ଦଇ ସିଏ, କି ଲେଖୁଛି ବିହୀ,
ଲୁହ ଝରେ, ପୁଅଝିଅ ମନ୍ଦ ଭାଲ ଦେଖି,
ଚତୁଃବର୍ଗଫଳ ପାଇଁ ଯେ ବାହୁ ପ୍ରସାରିଲା,
ତା'ଲାଗି ସଜ୍ଜିତ କୋଟି ତୀକ୍ଷ୍ଣ ଶରଶଯ୍ୟା।


♥ ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ
ଦେବଗଡ଼ ମହାବିଦ୍ୟାଳୟ
(ମୋ) ୯୪୩୭୭୩୯୫୭୭


## ଆସିଛି ମଗୁଶୁର

ଧ୍ରୁବ ଚରଣ ବେହେରା



ମଗୁଶୁର ମାସ ଆହା କି ସୁନ୍ଦର
ମନେ ଆଣେ ପ୍ରେମ ପ୍ରୀତି
କଅଁଳିଆ ଖରା ପ୍ରକୃତି କୋଳରେ
ଲାଗୁଥାଏ ସତେ ମୋତି ।

ବାଡି ବଟିଚାରେ ଗେଣ୍ଡୁଫୁଲ ହସେ
କି ସୁନ୍ଦର ଶୋଭା ଦିଶେ
ରମଣୀ ମନରେ ଗରୁବାର ଓଷା
ଆନନ୍ଦ ଜଗାଇ ଆସେ ।

ଘରଠୁ ଦୁଆର ଚିତା ଝୋଟି ପଡି
ଝଟକଇ ଗାଆଁ ଦାଣ୍ଡ
ସବୁରି ଘରରେ ଶୁଭେ ମାଆ ସ୍ତୁତି
ପୂଜା ନୈବେଦ୍ୟର କାଣ୍ଡ ।

ଜାତି ଭେଦ ଭାବ ରଖି ମନୁ ଦୂରେ
ମହାଲକ୍ଷ୍ମୀ ଆସିଥାନ୍ତି
ଶ୍ରୀୟା ଚଣ୍ଡାଳୁଣୀ ଭକ୍ତି ଭାବ ପୁରେ
ବିଜେ 'ମା' କରି ରୁହନ୍ତି ।

ଶ୍ରୀମନ୍ଦିର ତେଜି ମହାପ୍ରଭୁ ପରା
ଗାଆଁ ଦାଣ୍ଡେ ବୁଲୁଥାନ୍ତି
ଲକ୍ଷ୍ମୀ ଅଭିଶାପେ ଅନ୍ନ ପାଣି ଲାଗି
ବାର ଦୁଆର ହୁଅନ୍ତି ।

ଓଡିଆ ଜାତିର ମହାନ୍ ସଂସ୍କୃତି
ଗୁରୁବାର ମାଣବସା
ପିଠା ପଣା ଖିରି ସ୍ୱାଦିଷ୍ଟ ବ୍ୟଞ୍ଜନେ
ମହକଇ ଏହି ଓଷା ।

ସମୀର ଗାଆଇ ମହକର ବାଣୀ
ମଗୁଶୁର ପ୍ରେମ ରସ
ପ୍ରେମ ପ୍ରୀତି ଆଉ ଏକତାର ସ୍ୱର
ଓଡିଆ ପର୍ବର ଯଶ ।

ସୁନ୍ଦର ସଂସ୍କୃତି ଜଗନ୍ନାଥଙ୍କର
କଳିଙ୍ଗର ଇତିହାସ
ଆମ ପରମ୍ପରା ଆମରି ଏ ପ୍ରଥା
ମଗୁଶୁର ଶ୍ରେଷ୍ଠ ମାସ ।

ବାରମାସେ ତେର ଜାନି ଓ ଯାତରା
ଓଡିଆର ଜୟ ଘୋଷ
ଭାଇଚାରା ଶିକ୍ଷା ଦିଏ ଏ ସଂସ୍କୃତି
ଧନ୍ୟ ମଗୁଶୁର ମାସ ।


+ (ସାମରିକ ସେବା)
ଅଠରବାଟିଆ, ବାଲୁଗାଁ,ଖୋର୍ଦ୍ଧା
(ମୋ) ୮୩୨୮୯୩୦୫୫୪

ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟଙ୍କୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

## ଭାଗ-୩୮

ମୁଁ କର୍ଣ୍ଣ । ତମାମ ଜୀବନ ନିଜ ଛାତିକୁ ପଥର କରି ଅନେକ ସହି ଆସିଛି । କେତେ ନିର୍ଯାତନା, ଅପମାନ, ନିନ୍ଦା, ଅବହେଳାକୁ ଚନ୍ଦନସମ ବୋଲି ହୋଇଛି । ଆଜି କାହିଁକି ଧୈର୍ଯ୍ୟହରା ହୋଇପଡୁଛି । ଲହୁଣୀ ଭଳି ତରଳି ଯାଉଛି ।

ମାଆଙ୍କର କ'ଣ ହୋଇଛି ଖୋଲିକରି କୁହନ୍ତୁ। ମୋ କଥାରେ ରାଜବୈଦ୍ୟ ବିଚଳିତ ହୋଇପଡ଼ିଲେ । ବ୍ୟସ୍ତ ହୁଅନ୍ତୁ ନାହିଁ ଅଂଗରାଜ। ମାଆଙ୍କର ଏବେ ବାର୍ଦ୍ଧକ୍ୟ ଅବସ୍ଥା । ଏ ସମୟରେ ଏମିତି ହୁଏ । ତେବେ, ତାଙ୍କର ହୃଦ୍‌ସ୍ପନ୍ଦନ ଧୀରେଧୀରେ ବଢ଼ିବାରେ ଲାଗିଛି । ସେ ନିସ୍ତେଜ ହୋଇ ପଡୁଛନ୍ତି । ମୁଁ ସେଥିପାଇଁ ଔଷଧ ଦେଇଛି। ଅପେକ୍ଷା କରୁଛି ତାଙ୍କର ଚେତା ଫେରିଆସିବା ପର୍ଯ୍ୟନ୍ତ ।

ସତକୁ ସତ କିଛି ସମୟପରେ ମାଆଙ୍କର ଚେତା ଫେରିଆସିଲା । ଆଖି ଖୋଲି ମୋତେ ଅନାଇଲେ । ମୋତେ ପାଖକୁ ଡାକିଲେ । କିଛି କହିବାକୁ ଚାହୁଁଥିଲେ ବୋଧେ । ଓଠ ତାଙ୍କର ଥରୁଥିଲା । କିଛି ବି କହିପାରିଲେ ନାହିଁ । ପୁନଶ୍ଚ ଚେତା ହରାଇଲେ । ସେଇ ଯେ ଆଖି ବୁଜିଦେଲେ ଆଉ ଖୋଲିଲେ ନାହିଁ ।

ବାସ୍, ମାଆଙ୍କ ଜଡ଼ଶରୀର ପଡ଼ି ରହିଲା । ନିଜକୁ ସମ୍ଭାଳି ପାରିଲି ନାହିଁ । ତାଙ୍କ ପାଦତଳେ ଲୋଟିପଡ଼ିଲି । ମୋ ଭାଗ୍ୟରେ ମାଡ଼ି ଆସୁଥିଲା ବିପର୍ଯ୍ୟୟ । ମୋ ଉପରେ ଲଦା ହୋଇଥିଲା ଦୁଃଖର ବୋଝ । ମୁଁ ଓ ମୋର ଅନୁଜ ଭାଇ ସମସ୍ତେ ମାତୃହୀନା ହୋଇଗଲୁ । ଗୋଟିଏ ଦୁଃଖର ସ୍ମୃତି ମନରୁ ପାସୋରି ଯାଇଛି କି ନାହିଁ ପୁନଶ୍ଚ ଆଉ ଏକ ଦୁଃଖ ମୋ ଜୀବନରେ ଆସିଗଲା । ମାଆଙ୍କ ଦେହାନ୍ତର ଅଳ୍ପଦିନ ପରେ ବାପା ମଧ୍ୟ ଚାଲିଗଲେ ଆରପୁରକୁ । ସମସ୍ତେ କୁହାକୁହି ହେଉଥିଲେ ସୁଖୀ ଦମ୍ପତ୍ତି ଥିଲେ ସେମାନେ । ସତେଯେମିତି ଦୁହେଁ ଦୁହିଁଙ୍କୁ ଡକାଡକି ହୋଇ ଚାଲିଗଲେ । ଏକାଠି ରହିବେ ସ୍ୱର୍ଗପୁରରେ ।

ସେମାନଙ୍କର ସଂସାର ଯାତ୍ରା ସରିଗଲା । ସୁଖ ଦୁଃଖରେ ଦୁହେଁ ଚାଲିଗଲେ । ହେଲେ ମୋତେ କ'ଣ ମିଳିଲା । କିଛି ଲୁହଭିଜା ସ୍ମୃତି ଆଉ ତାର ସ୍ମାରକୀ ସ୍ୱରୂପ ମୁଠାଏ ପାଉଁଶ । ସେଇ ସମ୍ବଳଟିକକ ନେଇ ମୋତେ ଆଗକୁ ବଢ଼ିବାକୁ ପଡ଼ିବ ।

ବାପାମାଆଙ୍କ ଦେହାନ୍ତ ପରେ ବେଶ୍ କିଛିଦିନ ମୁଁ ଦୁଃଖରେ ଭାଂଗି ପଡ଼ିଥିଲି । ବିଶେଷ କୁଆଡ଼େ ବାହାରୁ ନଥିଲି । ଧୀରେଧୀରେ ନିଜକୁ ବୁଝାଇ ନେଲି । ଆଗରେ ମୋର ଲମ୍ବା ଭବିଷ୍ୟତ । ମୋତେ ମୋ କର୍ତ୍ତବ୍ୟ କରିବାକୁ ପଡ଼ିବ । ଏହା ମଧ୍ୟରେ ପଦ୍ମା ଏକ ପୁତ୍ରସନ୍ତାନର ଜନନୀ ହୋଇସାରିଛି । ମାତ୍ର ଦୁର୍ଭାଗ୍ୟ, ଜୀବିତ ଅବସ୍ଥାରେ ସେମାନେ ପୌତ୍ର ମୁହଁ ଦେଖିପାରିଲେ ନାହିଁ । କେତେ ଆଶା ନ ଥିଲା ତାଙ୍କର ।

ଶଶିକଳା ପରି ପୁତ୍ର ମୋର ଧୀରେଧୀରେ ବଡ଼ ହେଉଥିଲା । ବାପାଙ୍କ ସ୍ମୃତିକୁ ସ୍ମରଣ କରି ଆମେ ପୁଅର ନାମ ରଖିଥିଲୁ ବୃଷକେତୁ । କାରଣ ମୋ ବାପାଙ୍କ ପ୍ରିୟ ନାମ ବୃଷ । ମୋତେ ତେଣୁ ଶ୍ରଦ୍ଧାରେ ସେ ଡାକୁଥିଲେ ବସୁ । କିଏ ଜାଣେ ହୁଏତ ବାପା ବଞ୍ଚିଥିଲେ ଏଇ ନାମଟିକୁ ସେ ପସନ୍ଦ କରିଥାନ୍ତେ ।

ଏବେ ମୋର ଦାୟିତ୍ୱ ବଢ଼ି ଯାଇଥିଲା । ମୁଁ କେବଳ ଅଂଗରାଜ କର୍ଣ୍ଣ ନୁହେଁ, ବୃଷକେତୁର ପିତା ମଧ୍ୟ । ରାଜ୍ୟଶାସନ ଆଡ଼କୁ ଧୀରେଧୀରେ ମନୋନିବେଶ କଲି । ଏପଟେ ପିତାର କର୍ତ୍ତବ୍ୟ କରିବାକୁ ମଧ୍ୟ ସଂକଳ୍ପ ନେଲି । ପିତାମାତାଙ୍କ ମୃତ୍ୟୁଜନିତ ଶୋକ ଧୀରେଧୀରେ ମୋ ସ୍ମୃତିପଟରୁ ପାସୋରି ଦେଲି । ମୁଁ କର୍ଣ୍ଣ । କର୍ତ୍ତବ୍ୟ ଓ ଧର୍ମ ପାଇଁ ମୁଁ ସଦା ସଚେତନଶୀଳ । ପ୍ରତିଟି ପରିସ୍ଥିତିକୁ ସାମନା କରିବା ମୋର ଧ୍ୟେୟ ହେବା ଉଚିତ । ନିଜକୁ ସଜାଡ଼ି ନେଲି । ପୂର୍ବପରି ରାଜ୍ୟଭାର ସମ୍ଭାଳିବା ସହ ଦାନଧର୍ମରେ ମନୋନିବେଶ କଲି। ମୋ ପାଖରୁ କେହି ବି ରିକ୍ତ ହସ୍ତରେ ଫେରୁ ତାହା ମୁଁ ଚାହେଁନା । ଦାନକୁ ତେଣୁ ମୁଁ ମୋ ଜୀବନର ବ୍ରତ ରୂପେ ଗ୍ରହଣ କରିନେଇଥିଲି । ମନେମନେ ସଂକଳ୍ପ କରିଥିଲି । ଯେତେଦିନ ବଞ୍ଚିବି ଏମିତି ଦାନଧର୍ମ କରି ଜୀବନ ବିତାଇଦେବି ।

– ପଇଁତିରିଶ –

ସମୟ । ଚିର ଗତିଶୀଳ । ସେ କାହାକୁ ଅପେକ୍ଷା କରେନା । ଅବିରାମ ଗତିରେ ଗଡ଼ିଚାଲେ। ମୁଁ ମୋ ନିଜ ରାଜକାର୍ଯ୍ୟରେ ପ୍ରାୟ ବ୍ୟସ୍ତ ରହୁଥାଏ । ତେବେ, ଦୁର୍ଯ୍ୟୋଧନ ମୋତେ ପ୍ରାୟ ଲୋଡ଼ନ୍ତି । ସାକ୍ଷାତ ହୋଇ ନପାରିଲେ ମଧ୍ୟ ତାଙ୍କ ସମ୍ବନ୍ଧରେ ସବୁ ସମ୍ବାଦ ମୋ ନିକଟରେ ପହଞ୍ଚେ। ଆଉ ଏହା ମଧ୍ୟ ଖବର ମିଳୁଥାଏ ଯେ, ପାଣ୍ଡବମାନଙ୍କ ଉନ୍ନତିରେ ଈର୍ଷାଳୁ ହୋଇ ପଡୁଥାନ୍ତି ଦୁର୍ଯ୍ୟୋଧନ । ସହଜେ ତ ଦୁର୍ଯ୍ୟୋଧନଙ୍କ ରକ୍ତକୋଷରେ ପାଣ୍ଡବ ବିଦ୍ୱେଷୀ କୀଟାଣୁ ଭରି ରହିଛି । ତା ଉପରେ ପୁଣି ଗାନ୍ଧାର ନରେଶ ଶକୁନି, ଯାହାଙ୍କ ନିଃଶ୍ୱାସର ପବନରେ ନିର୍ଗତ ହେଉଥାଏ ବିଷ । ସେହି ଉତ୍କଟ ବିଷବାଷ୍ପର ବଳୟ ମଧ୍ୟରେ ଭଣଜାଙ୍କୁ ଘୂରାଇ ଅଣନିଃଶ୍ୱାସୀ କରୁଥାନ୍ତି । ମହାରାଜ ଧୃତରାଷ୍ଟ୍ର ତ ଚିରକାଳ ଅନ୍ଧ । ଅନ୍ଧତ୍ୱ ମଧ୍ୟରେ ତାଙ୍କର ଲୋପ ପାଇଯାଇଛି ବିବେକ, ବିଚାର ଆଉ ବୁଦ୍ଧି। ଯିଏ ଯାହା କହନ୍ତୁ ନା କାହିଁକି, ଗାନ୍ଧାର ନରେଶ ହିଁ ତାଙ୍କର ମୁଖ୍ୟ ପରାମର୍ଶଦାତା । ଯାହାର ଛତ୍ରଛାୟା ତଳେ ପୁତ୍ର ଦୁର୍ଯ୍ୟୋଧନ ବେଶ୍ ସୁରକ୍ଷିତ।

ଗାନ୍ଧାର ନରେଶଙ୍କ ମୁହଁରୁ ପାଣ୍ଡବମାନଙ୍କ ଗୁଣଗାନ କରିବା ମୁଁ କେବେ ଜାଣେନି, ପ୍ରଥମରୁ ଦେଖିଆସିଛି ପାଣ୍ଡବ ବିଦ୍ୱେଷୀ ସୂତ୍ର ପ୍ରୟୋଗ କରି ଉଭୟପକ୍ଷ ମଧ୍ୟରେ ଭେଦଭାବ ସୃଷ୍ଟି କରିବାରେ ସେ ଓସ୍ତାଦ । ଇନ୍ଦ୍ରପ୍ରସ୍ଥକୁ ଦୂତପଠାଇ ସେମାନଙ୍କ ଟିକିନିଖି ସମ୍ବାଦ ସଂଗ୍ରହ କରି ଦୁର୍ଯ୍ୟୋଧନଙ୍କ ମନରେ ଉତ୍ତେଜନା ସୃଷ୍ଟି କରିବା ତାଙ୍କର ମୁଖ୍ୟ କାମ । ଯେଉଁଠି ଦେଖନା କାହିଁକି ପାଣ୍ଡବ ବିରୋଧୀ ଆଲୋଚନା କରି କୁରୁ ରାଜ୍ୟର ଜଳବାୟୁକୁ କଳୁଷିତ କରୁଛନ୍ତି । କେଜାଣି କାହିଁକି ଗାନ୍ଧାର ନରେଶଙ୍କ ଏପ୍ରକାର ମତିଗତି ମୋତେ ଭଲ ଲାଗେନି । ହେଲେ ମୋର ବା ଚାରା କ'ଣ ? ଶକୁନିମାମୁଁଙ୍କ ନାଗଫାଶ ମଧ୍ୟରୁ ଦୁର୍ଯ୍ୟୋଧନଙ୍କୁ ମୁକୁଳାଇ ଆଣିବା ମୋ ଦେଇ ସମ୍ଭବପର ନୁହେଁ । ମୁଁ ତେଣୁ ସେମାନଙ୍କ ସହ ନିରବଦ୍ରଷ୍ଟା ଭାବେ ରହିଥାଏ । ପ୍ରତିବାଦ କରିବାର ଅଧିକାର ମୋର ନାହିଁ । କାରଣ ମୁଁ ତ ନିଜେ ମିତ୍ର ଦୁର୍ଯ୍ୟୋଧନଙ୍କ ଅନୁକମ୍ପାରୁ ଅଂଗରାଜ।

ଯୁଧିଷ୍ଠିର କିନ୍ତୁ ଭିନ୍ନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଖାଣ୍ଡବପ୍ରସ୍ଥକୁ ଇନ୍ଦ୍ରପ୍ରସ୍ଥରେ ରୂପାନ୍ତରିତ କରି ବି ସେ ସ୍ଥିର ହୋଇ ବସିନାହାଁନ୍ତି । ତାଙ୍କ ମନରେ ରହିଛି ଗୁରୁଜନ ମାନଙ୍କ ପ୍ରତି ଗ୍ରଗାଢ଼ ଭକ୍ତିଭାବ । ସେଇଥିପାଇଁ ସେ ମଝିରେ ମଝିରେ ଭାଇମାନଙ୍କୁ ନେଇ ମହର୍ଷି ବ୍ୟାସଦେବଙ୍କ ପାଖକୁ ଯାଆନ୍ତି । ତାଙ୍କଠାରୁ ପରାମର୍ଶ ମାଗନ୍ତି, ପାଆନ୍ତି ମଧ୍ୟ ଆଶୀର୍ବାଦ । ପିତାମହ ଭୀଷ୍ମଙ୍କ ପରି ମହର୍ଷି ବ୍ୟାସଦେବଙ୍କର ମଧ୍ୟ ପାଣ୍ଡବପ୍ରୀତି ରହିଛି । ସେମାନଙ୍କ ଆଶୀର୍ବାଦରୁ ଇନ୍ଦ୍ରପ୍ରସ୍ଥ ଏବେ ଏକ ସୁଶାସିତ ରାଜ୍ୟ । ଚାରିଆଡ଼େ ଇନ୍ଦ୍ରପ୍ରସ୍ଥର ଭୁରିଭୁରି ପ୍ରଶଂସା । ପାଣ୍ଡବମାନଙ୍କ ଉଦ୍ୟମରୁ ହୃତଗୌରବ ଫେରିଆସିଛି । କେବଳ ସେତିକି ନୁହେଁ, ପୂର୍ବଠାରୁ ଅନେକଗୁଣରେ ବଢ଼ିଯାଇଛି ମଧ୍ୟ । ଯୁଧିଷ୍ଠିରଙ୍କ ସୁଶାସନ, ପ୍ରଜାବତ୍ସଳତା, ନମ୍ରତାର ଫଳସ୍ୱରୂପ ଇନ୍ଦ୍ରପ୍ରସ୍ଥ ଏବେ ହସ୍ତିନାପୁର ଠାରୁ ମଧ୍ୟ ସମୃଦ୍ଧିଶାଳୀ । ଧର୍ମରାଜ ସେ । ତାଙ୍କ ପାଖରେ ପାପ, ଅନୀତି, ଅତ୍ୟାଚାର, ଅଧର୍ମର ସ୍ଥାନ ନାହିଁ । ସବୁଠି ଉଡୁଛି ଧର୍ମର ଧ୍ୱଜା । ହସ୍ତିନାପୁରରୁ ଅନେକ ପ୍ରଜା ଯାଇ ଯୁଧିଷ୍ଠିରଙ୍କ ରାଜ୍ୟରେ ଅବସ୍ଥାନ କଲେଣି । ସବୁଠି ମହାରାଜ ଯୁଧିଷ୍ଠିର ଆଉ ପାଣ୍ଡବମାନଙ୍କର ଜୟଜୟ କାର।

ସେଦିନ ଖବର ଆସିଲା ମଗଧର ରାଜା ଜରାସନ୍ଧ ନିହତ । ପ୍ରବଳ ପ୍ରତାପୀ ଜରାସନ୍ଧ । ଯାହାର ନାମ ଶୁଣିଲେ, ପଡ଼ୋଶୀ ରାଜ୍ୟମାନେ ଭୟରେ ଥରହର ହେଉଥିଲେ, ତାକୁ ପୁଣି ଦ୍ୱିତୀୟ ପାଣ୍ଡବ ଭୀମସେନ ମଲ୍ଲଯୁଦ୍ଧରେ ପରାସ୍ତକରି ଶେଷ କରି ଦେଇଛନ୍ତି । ତାଙ୍କଦ୍ୱାରା ବନ୍ଦୀଥିବା ସମସ୍ତ ରାଜା ଏବେ ମୁକ୍ତ ହୋଇ ମହାରାଜ ଯୁଧିଷ୍ଠିରଙ୍କ ବଶ୍ୟତା ସ୍ୱୀକାର କରିଛନ୍ତି । ଅର୍ଥାତ୍ ଇନ୍ଦ୍ରପ୍ରସ୍ଥର ସୀମା ବଢ଼ିଯାଇଛି । ଏଭଳି ସମ୍ବାଦ ସବୁ ଆମକୁ ତଟସ୍ଥ କରିଦେଉଥିଲା । ଶୁଣିଥିଲି ଜରାସନ୍ଧର ସମକକ୍ଷ ଯୋଦ୍ଧା ପୃଥିବୀରେ କେହି ବୋଧହୁଏ ଜନ୍ମ ହୋଇନାହାଁନ୍ତି । ଅଥଚ ଭୀମ, ପୁଣି ମଲ୍ଲଯୁଦ୍ଧରେ । ଖବରଟି ଆହୁରି ସରଳ ହୋଇଗଲା ଯେବେ ଜାଣିଲି ଏଥିରେ ଭୀମଙ୍କୁ ସହାୟତା କରିଥିଲେ ସ୍ୱୟଂ କୃଷ୍ଣ । ସମସ୍ତେ ହିଁ କୃଷ୍ଣଙ୍କୁ ସ୍ୱୟଂ ଅବତାରୀ ପୁରୁଷ ଭାବେ ବର୍ଣ୍ଣନା କରୁଥିଲେ । ମାତୁଳଙ୍କ ଭାଷାରେ ଚିରକପଟୀ, କୂଟନୀତିଜ୍ଞ, ରାଜନୀତିଜ୍ଞ ବୀର ପୁରୁଷ ଥିଲେ କୃଷ୍ଣ । ଯିଏ ଯାହା କୁହନ୍ତୁ ନା କାହିଁକି, କୃଷ୍ଣ ଯେ ଜଣେ ଅଲୌକିକ ଶକ୍ତିର ଅଧିକାରୀ ଏକଥା ସ୍ୱୀକାର କରିବାକୁ ସମସ୍ତେ ବାଧ୍ୟ । ତେବେ, ଏଭଳି ଜଣେ ପୁରୁଷୋତ୍ତମଙ୍କୁ ପାଣ୍ଡବମାନେ ନିଜପକ୍ଷରେ ପାଇବା ମଧ୍ୟ ଭାଗ୍ୟର କଥା । ଏସବୁ ଭାବିଲେ ମୁଁ ନିଜେ ନିରୁତ୍ସାହିତ ହୋଇପଡ଼େ । କୃଷ୍ଣ ଯେଉଁଠି, ଅର୍ଜୁନ ସେଇଠି, ଏସବୁ ପରସ୍ଥିତିରେ ଅର୍ଜୁନଙ୍କୁ ଜିଣିବାର ଆଶା ରଖିବି କେମିତି ?



ମୁଁ କର୍ଣ୍ଣ । ପ୍ରଚଣ୍ଡ ସ୍ୱାଭିମାନୀ । ମୋର ନିଜସ୍ୱ ଗୋଟାଏ ସ୍ୱାଭିମାନ ରହିଛି । ଅନ୍ୟମାନଙ୍କ ପରି ସ୍ୱପ୍ନଦେଖି ବଞ୍ଚିବାର ଶିଖିନି । ଦେହରେ ବିନ୍ଦୁଏ ରକ୍ତଥିବା ପର୍ଯ୍ୟନ୍ତ ମୁଁ ଲଢ଼ିବାକୁ ପ୍ରସ୍ତୁତ । ଯେତେଯାହା ହେଲେ ମଧ୍ୟ ଅର୍ଜୁନଙ୍କ ସହ ଦିନେନା ଦିନେ ମୋତେ ଲଢ଼ିବାକୁ ପଡ଼ିବ । ଏ ନେଇ ମୁଁ ଥିଲି ବେଶ୍ ଆଶାବାଦୀ ।

ଜରାସନ୍ଧର ମୃତ୍ୟୁ ମୋ ଅପେକ୍ଷା ମିତ୍ର ଦୁର୍ଯ୍ୟୋଧନଙ୍କୁ ବେଶି ବ୍ୟଥିତ କରିଥିଲା । କେମିତି ନହେବ ଯେ । ଜରାସନ୍ଧ ଭଳି ବୀରର ମୃତ୍ୟୁ ପୁଣି ପାଣ୍ଡବଙ୍କ ହାତରେ । ଦୁର୍ବଳ ହୋଇପଡୁଥିଲେ ଦୁର୍ଯ୍ୟୋଧନ । ତାଙ୍କ ମନରେ ସନ୍ଦେହ ଜାଗୁଥିଲା ପାଣ୍ଡବମାନଙ୍କ ସମକକ୍ଷ ବୀର କ'ଣ ତାଙ୍କ ଭାଇମାନେ କେବେବି ହୋଇପାରିବେ ନାହିଁ ? ପିତାମହ ଭୀଷ୍ମ କିନ୍ତୁ ନିର୍ବିକାର, ଉଲ୍ଲସିତ। ଜରାସନ୍ଧର ମୃତ୍ୟୁ ବଂଶର ଗୌରବ । ପୌତ୍ରର ଗୌରବ, ବୀରତ୍ୱରେ ସେ ଗୌରବାନ୍ୱିତ । ଆଗାମୀ ଭବିଷ୍ୟତରେ ପାଣ୍ଡବମାନେ ହିଁ ତାଙ୍କ ବଂଶର ଉତ୍ତରଦାୟୀ ଭାବେ କୁରୁ ସାମ୍ରାଜ୍ୟକୁ ସମୃଦ୍ଧ କରିବେ, ସେ ନେଇ ସେ ବେଶ୍ ଆଶାବାଦୀ । ସେ ଭୀମ ହୁଅନ୍ତୁ ଅବା ଅର୍ଜୁନ । କୁରୁବଂଶର ସୁଯୋଗ୍ୟ ସନ୍ତାନ ରୂପେ ବଂଶର ମାନ, ମର୍ଯ୍ୟାଦା ବୃଦ୍ଧିରେ ନିଶ୍ଚିତ ସହାୟକ ହେବେ।

ଜରାସନ୍ଧର ମୃତ୍ୟୁ ସମ୍ବାଦ ପରେ ଆହୁରି ନୂଆନୂଆ ସମ୍ବାଦ ଆମର ହସ୍ତଗତ ହେବାରେ ଲାଗୁଥିଲା । ପଞ୍ଚପତିଙ୍କୁ ବରଣକରି ଦ୍ରୌପଦୀ ପାଲଟି ଯାଇଛନ୍ତି ପାଞ୍ଚାଳୀ । ସବୁ ଭାଇମାନଙ୍କ ଭିତରେ ଏକତ୍ୱ ରଖିବାପାଇଁ ପାଞ୍ଚାଳୀଙ୍କ ପାଇଁ କିଛି ନିର୍ଦ୍ଦିଷ୍ଟ ନୀତିନିୟମ ନିର୍ଣ୍ଣିତ ହୋଇଥିଲା । ସେହି ନୀତିରେ ଭାଇମାନଙ୍କର ବରିଷ୍ଠତା କ୍ରମରେ ଦ୍ରୌପଦୀ ପ୍ରତ୍ୟେକ ପତିଙ୍କ ସହ ବର୍ଷଟିଏ ଅତିବାହିତ କରିବେ । କେବଳ ସେତିକି ନୁହେଁ, ଜଣେ ପତିଙ୍କ ସହ ଅବସ୍ଥାନ କାଳରେ ଅନ୍ୟ ଭାଇମାନଙ୍କ ପାଇଁ ସେହି ନିର୍ଦ୍ଦିଷ୍ଟ କକ୍ଷ ମଧ୍ୟକୁ ପ୍ରବେଶ ନିଷେଧ ଥିଲା । ଆଉ ସେହି ନିୟମକୁ କେହି ଉଲ୍ଲଙ୍ଘନ କଲେ, ତାକୁ ଦଣ୍ଡସ୍ୱରୂପ ମିଳିବ ବାରବର୍ଷ ବନବାସ । ଶୃଙ୍ଖଳିତ ଦାମ୍ପତ୍ୟ ଜୀବନଯାପନ ପାଇଁ ଏହାହିଁ ଥିଲା ସୁରକ୍ଷା କବଚ । ଏଭଳି ଏକ ନିର୍ଦ୍ଦିଷ୍ଟ ନୀତିନିୟମ ପ୍ରତ୍ୟେକେ ଶ୍ରଦ୍ଧାର ସହ ମାନି ନେଇଥିଲେ ଯାହା ଭାଇମାନଙ୍କ ମଧ୍ୟରେ ଈର୍ଷା, ଅସୂୟା ନୁହେଁ ବରଂ ଭକ୍ତି, ସ୍ନେହ, ସୌହାର୍ଦ୍ଦ୍ୟ ବଢ଼ାଇବାରେ ସହାୟକ ଥିଲା, ପ୍ରତ୍ୟେକେ ଶ୍ରଦ୍ଧା ଓ ସମ୍ମାନର ସହ ଏହାକୁ କଡ଼ାକଡ଼ି ପାଳନ କରୁଥିଲେ ।

ମଧ୍ୟମ ପାଣ୍ଡବ ଅର୍ଜୁନ ଏହି ପ୍ରଚଳିତ ନିୟମକୁ ଉଲ୍ଲଙ୍ଘନ କରି ଜ୍ୟେଷ୍ଠ ଯୁଧିଷ୍ଠିରଙ୍କ କକ୍ଷକୁ ପ୍ରବେଶ କରି ସ୍ୱଇଚ୍ଛାରେ ବନବାସ ଦଣ୍ଡକୁ ଗ୍ରହଣ କରି ନେଇଥାନ୍ତି, ଏଭଳି ଏକ ଦୁଃଖଦ ସମ୍ବାଦ ମୋ ମନରେ ଯେତିକି ବିସ୍ମୟର ପ୍ରଶ୍ନବାଚୀ ସୃଷ୍ଟି କରୁଥିଲା ସେତିକି କ୍ଷୋଭ ମଧ୍ୟ ବଢ଼ାଇ ଦେଉଥିଲା । ମନେମନେ ମୁଁ ପଞ୍ଚଭ୍ରାତାଙ୍କୁ ବଧେଇ ଜଣାଉଥିଲି । ବାସ୍ତବରେ ଏଭଳି ଭାଇ ଜଗତେ ମିଳଇ ନାହିଁ । ସେମାନେ କେବଳ ସହୋଦର ଭ୍ରାତା ନୁହଁନ୍ତି । ପାଞ୍ଚମନ, ପାଞ୍ଚପ୍ରାଣ, ପାଞ୍ଚଆତ୍ମା ଯେମିତି ଗୋଟିଏ ସୂତାରେ ବନ୍ଧା ମୋ ମନ, ବିବେକ ସ୍ୱତଃ ନଇଁ ଯାଉଥିଲା ଯୁଧିଷ୍ଠିରଙ୍କ ପାଖରେ । ଈଶ୍ୱର ତାଙ୍କୁ କେମିତି ଗଢ଼ିଛନ୍ତି କିଏ ଜାଣେ ? କେଉଁ ଅଲୌକିକ ଆକର୍ଷଣରେ ଆକର୍ଷିତ ହୋଇ ଅନୁଜ ଭାଇମାନେ ଥିଲେ ତାଙ୍କର ଏକାନ୍ତ ଅନୁଗତ । ଯେତେ କଠିନ, ଜଟିଳ ହେଲେ ମଧ୍ୟ ବିନା ପ୍ରତିବାଦରେ ନିର୍ବିକାର ଚିତ୍ତରେ ଅନୁଜମାନେ ମାନି ନେଉଥିଲେ ଅଗ୍ରଜଙ୍କ ଆଦେଶ । ନଥିଲା ସେଠି ଈର୍ଷା, ଅସୂୟା ଅବା ତିକ୍ତତା । ବରଂ ସ୍ନେହ, ଶ୍ରଦ୍ଧା, ପ୍ରୀତିର ସୁରଭିରେ ସୁରଭିତ ହୋଇ ଯାଉଥିଲା ଭ୍ରାତୃତ୍ୱର ମମତ୍ୱ । ତାହାହିଁ ଥିଲା ସେମାନଙ୍କ ପାଇଁ ଏକତ୍ୱର ମହାମନ୍ତ୍ର।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


# ଆଜିର କବିତା

## ଆହେ ଚକା ଡୋଳା...

ମମତା ବାରିକ



ନେଇଯା ଥରେ ଆହେ ମୋ ଚକା ଡୋଳା
ତୋ କ୍ଷେତ୍ର ଶ୍ରୀ କ୍ଷେତ୍ର ଧାମ,
ଭଜିବି, ଗାଇବି ତୋ ନାରେ କାଳିଆ
ନିସ୍ତରିବି ଇହ ଧାମ।

ଲାଗିଲାଣି ଏ ସଂସାର ମତେ ଫିକା
ସର୍ବବ୍ୟାପି ଏଠି ବିଶ,
ତୋ ଡଙ୍କ ତୋରାଣୀରୁ ଢୋକେ ମିଳିଗଲେ
ଆତ୍ମା ପାଇବ ମୋ ମୋକ୍ଷ୍ୟ।

ତୋ ସୁନାର ପୃଥିବୀରେ
ଆଜି ଘୋଟିଛି
କଳା ବୋଉଦର ଛାୟା,
ତା'ପାରିବୁ କେମିତି ଲିଭାଇ କହ
ସବୁଠାରେ ଖାଲି ମାୟା।

ନିଶେଷ ହେଲାଣି ସବୁଜ କାୟାରେ
ଜନମନ ସ୍ୱାର୍ଥେ ବାୟା,
କରନ୍ତି ଜନ ନିମନ୍ତ୍ରଣ ବିପଦ
ପକା ତା ଉପରେ ତୋ ଛାୟା।
ହିଂସା, ସ୍ୱାର୍ଥ , କପଟ କରଇ ରାଜୁତି
ତୁ କରୁନୁ କାହିଁକି ଆପତ୍ତି,
ସୌନ୍ଦର୍ଯ୍ୟ ହେଲେ ବି ଉପର ଭିତର ମଳିନ
ତା'ପାଇଁ କାଳିଆ କିଛି ନିଷ୍ପତ୍ତି।


+ଯାଜପୁର, ବାରବାଟୀ,
ବାମଦେବପୁର, ପିନ୍-୭୫୫୦୦୮।


## ଦରିଦ୍ର ...

ଆଦ୍ୟାଶା ମହାପାତ୍ର



ସେ ଅନୁଭବ କରିପାରେ
କାହାର ଅକୁହା କଥାକୁ
ତଉଲି ପାରେ ଅନ୍ୟର ଦୁଃଖକୁ
ବୁହାଇ ପାରେ ଅସରା ଅସରା ଲୁହ
ବିନ୍ଦୁଟିଏ ଦେଖି କା' ଆଖିରେ ।

କା' କରୁଣ ସ୍ୱର
କା' ଉଚ୍ଛୁଳା କୋହ
ରଚିପାରେ ଭୂମିକମ୍ପ
ତା'ର ସେ ହାଡୁଆ ଛାତିରେ ।

ସହିପାରେ ତୁମର ଅଶ୍ରାବ୍ୟ କଟୁକ୍ତି
ଭୁକ୍ତଭୋଗୀଟିଏ ସେ ଯେଣୁ
ପଢ଼ି ବି ପାରେ ନିର୍ଦ୍ୱନ୍ଦ୍ୱରେ
ତୁମର ଅକୁହା ଇଙ୍ଗିତ
ସଠିକ୍ ବୁଝିପାରେ
ତୁମ ଅନ୍ତରର ଭାଷା
ହୃଦୟରେ ସେ ଲୁଚେଇ ପାରେ
ଅସଂଖ୍ୟ ଶୋକ ଛାୟାପଥ ।

ବିନା ଦ୍ୱିଧାରେ ସେ ଭାଙ୍ଗି ଦେଇପାରେ
ସ୍ୱପ୍ନର ପାହାଡ଼ ସବୁକୁ,
ଜହ୍ଲାଦ ପରି ମାରିପାରେ
କଅଁଳୁ ଥିବା ଇଚ୍ଛା ମାନଙ୍କୁ,
ଧ୍ୱଂସ କରିପାରେ
ଆବଶ୍ୟକତା ମାନଙ୍କର ଦୁର୍ଗ
ଶାସନ କରିପାରେ ନିର୍ବିକାରେ
ଭୋକର ଅସହ୍ୟ ଜ୍ୱାଳାକୁ ।

ତୁମ ଖର ନିଃଶ୍ୱାସର ଅଗ୍ନି ସ୍ଫୁଲିଙ୍ଗ
ତୁମ କର୍କଶ ଶବ୍ଦ ପୁଞ୍ଜ
ସେ ଅଚିରେ ମାଖି ନେଇପାରେ
ତା'ର ଧୂସର ଦେହରେ
ଲୁହ, ଲହୁ, ଅସ୍ଥି, ମଜ୍ଜା
ସବୁ କିଛି ତୁଚ୍ଛ କରିପାରେ
ତୁମ ସ୍ୱପ୍ନର ଅଟ୍ଟାଳିକାର
ମୂଳଦୁଆ ଶକ୍ତ କରିବାରେ ।

ସେ ଜୀବନ ସଂଘର୍ଷ ନିତି ଲଢୁଥାଏ !!
ଦୁନିଆରେ ତଥାପି ବଞ୍ଚି ରହିଥାଏ.....!!!
ପୁଳା ପୁରା ଟଙ୍କା ବୋହି
ଛଳ, ବଳ, କଉଶଳେ
ତୁମ ପରି ଗଦେଇ ପାରିନି !
ସେ ଦରିଦ୍ରଟିଏ
ମାତ୍ର, ଦରଦୀଟିଏ
ସେ ଅନୀତି ସହ କେବେ ସାଲିସ୍ କରିନି
ସେ ଅମଣିଷ ପଣିଆର ଦୃଷ୍ଟାନ୍ତ ଛାଡିନି ।


+ନୂଆପଡା କଟକ




ସମ୍ପର୍କର ରଙ୍ଗ

# ସେମାନଙ୍କ ଆଶୀର୍ବାଦ, ଆମର ରକ୍ଷାକବଚ

ଶ୍ୱେତା ରାଉତ୍



ଅନେକଙ୍କ ପରିବାରରେ ବାପା ମାଆଙ୍କର ତିନି ଚାରୋଟି ପୁଅ ଥାଆନ୍ତି। ଜଣେ ମା ତା'ର ସବୁ ପୁଅଙ୍କୁ ସମାନ ସ୍ନେହଶ୍ରଦ୍ଧା ଦେଇ ବଡ କରେ। ବିବାହ ନହେବା ପର୍ଯ୍ୟନ୍ତ ଭାଇ ଭାଇ ଭିତରେ ମଧୁର ସମ୍ପର୍କ ଥାଏ, ପରସ୍ପର ପ୍ରତି ଅନାବିଳ ଭଲପାଇବା ଥାଏ, ଜଣେ ଅନ୍ୟ ଜଣକୁ ଉପରକୁ ଉଠିବାକୁ ସାହାଯ୍ୟ କରନ୍ତି। ପିଲାମାନଙ୍କର ଏଭଳି ବ୍ୟବହାର ବାପା ମାଆଙ୍କୁ ଖୁବ୍ ଆନନ୍ଦ ଦିଏ। କିନ୍ତୁ ଯେତେବେଳ ପୁଅମାନେ ଭିନ୍ନ ଭିନ୍ନ ସ୍ଥାନ, କୂଳ, ପରିବାରର ଝିଅମାନଙ୍କୁ ବାହାହୋଇ ଘରକୁ ଆଣନ୍ତି, ପିଲାଛୁଆର ସଂସାର କରନ୍ତି, ଧିରେ ଧିରେ ସେମାନଙ୍କ ମନଭିତରେ ଆତ୍ମସ୍ୱାର୍ଥ ଜନ୍ମନିଏ। ଯେଉଁଠି ଭାଇଟିଏ ତା ଅନ୍ୟ ଭାଇମାନଙ୍କୁ ନେଇ ଗୋଟେ ପରିବାର କହୁଥାଏ, ସେଇ ଭାଇ ପୁଣି ଯୌଥ ପରିବାରରେ ରହି ମଧ୍ୟ ନିଜ ସ୍ତ୍ରୀ ପିଲାଙ୍କୁ ସର୍ବସ୍ୱ ଭାବି କେବଳ ନିଜ ସୁଖ ଶାନ୍ତି କଥା ଚିନ୍ତା କରିଥାଏ। ଚାକିରି ଆଳରେ ସ୍ତ୍ରୀ ପିଲାଙ୍କୁ ଧରି ପରିବାରଠୁ ଦୂରରେ ରହିବାକୁ ପସନ୍ଦ କରେ।

ଯଦିବା ସମସ୍ତେ ଏକତ୍ର ରହନ୍ତି କାହାର କାହା ସହିତ ମନ ମିଶୁନଥାଏ ତ କାହାକୁ କାହାର ଆଚାର ବ୍ୟବହାର ଭଲ ଲାଗୁନଥାଏ। ପରସ୍ପର ପ୍ରତି ଆରୋପ ପ୍ରତ୍ୟାରୋପ ସ୍ତ୍ରୀମାନଙ୍କଠୁ ଆରମ୍ଭ ହୋଇ ମିଳିମିଶି ରହୁଥିବା ଭାଇମାନଙ୍କ ମଧ୍ୟରେ ବିବାଦର ରୂପ ନେଇଥାଏ। ସମସ୍ତେ ନିଜକୁ ଠିକ୍ ଓ ଅନ୍ୟକୁ ଭୁଲ୍ ପ୍ରମାଣ କରିବାରେ ଲାଗିପଡନ୍ତି। ମୁରବୀ ହିସାବରେ ଯଦି ବାପା ମାଆ ହସ୍ତକ୍ଷେପ କରନ୍ତି, ସେମାନଙ୍କୁ ମଧ୍ୟ ଅପଦସ୍ତ ହେବାକୁ ପଡେ। ଆଜିକାଲି ବାପା ମାଆଙ୍କ କଥା ମାନିବା ତ ଦୂରର କଥା ପୁଅ ବୋହୁମାନେ ବାପାମାଆଙ୍କ ଦୁଃଖ ଶୁଣିବାକୁ ବି ପ୍ରସ୍ତୁତ ନୁହନ୍ତି। ପିଲାମାନଙ୍କ ଭିତରେ କେବେ ପକ୍ଷପାତ କରିନଥିବା ବାପା ମାଆ, ପୁଅବୋହୁଙ୍କ ପାଇଁ ବୋଝ ପାଲଟି ଯାଆନ୍ତି। ଭାଗ ବଖରାର ପାଳି ଜୀବନ ବଞ୍ଚି ବଞ୍ଚି ଅସହ୍ୟ ହୋଇପଡନ୍ତି, ଭୟରେ କାହାକୁ କିଛି କହି ନପାରି ଧିରେ ଧିରେ ମୁକ ଭଳି ରହିବାକୁ ବାଧ ହୋଇଯାଆନ୍ତି। ଅନ୍ୟାୟ ଦେଖି ମଧ୍ୟ ପାଟି ଖୋଲି କହିବାର ସାହସ ଜୁଟାଇ ପାରନ୍ତିନି। ଜଣଙ୍କୁ ଠିକ୍ ବୋଲି କହିଲେ ଅନ୍ୟ ଜଣଙ୍କ ଆକ୍ରୋଶ ସହିବାକୁ ପଡେ, ଜଣଙ୍କୁ ଶ୍ରଦ୍ଧା କରିଦେଲେ ଅନ୍ୟ ଜଣଙ୍କଠୁ ଭର୍ତ୍ସନା ମିଳେ, ଜଣଙ୍କୁ ଆଦର କରିଦେଲେ ଅନ୍ୟଜଣଙ୍କଠୁ ହତାଦର ମିଳେ। ବୃଦ୍ଧାବସ୍ଥାରେ ଏକପ୍ରକାର ଭୟଭୀତ ଜୀବନ ବଞ୍ଚନ୍ତି ସେମାନେ।

ଆମ ମୁରବୀମାନେ ଆମଠୁ କେବଳ ବୟସରେ ବଡ ନୁହନ୍ତି, ଅଭିଜ୍ଞତାରେ ମଧ୍ୟ ବହୁତ ବଡ। ସେମାନେ ଆମଠୁ ଅଧିକ ଦୁନିଆକୁ ବୁଝନ୍ତି, ଜାଣନ୍ତି ଏବଂ ସମସ୍ତଙ୍କୁ ସମାନ ଆଚରଣ କରନ୍ତି। ପରିବାରରେ ଯଦି କାହାକୁ ଟିକେ ଅଧିକ ଶ୍ରଦ୍ଧା କରିଦେଲେ, ଅନ୍ୟମାନେ ପକ୍ଷପାତ କରୁଛନ୍ତି କହି ଆକ୍ରୋଶମୂଳକ ଭାବେ ଅବ୍ୟବହାର କରିବା ଠିକ୍ ନୁହେଁ। ଶ୍ରଦ୍ଧା କେବେ ମାଗିଲେ ମିଳେନାହିଁ, ଯୋର କରି ଛଡେଇ ନେଇହୁଏନି। ଏସବୁ ତ ସମ୍ବେଦନର କଥା, ଶ୍ରଦ୍ଧା ପାଇବାକୁ ହେଲେ ଶ୍ରଦ୍ଧା ଦେବାକୁ ପଡେ। ଆମକୁ ବି ସେତିକି ଭଲପାଇବା ଦେବା ଦରକାର, ଆମ କର୍ତ୍ତବ୍ୟ ନିସ୍ୱାର୍ଥ ହେବା ଦରକାର, ଆମ ସ୍ନେହ ଅନାବିଳ ହେବା ଦରକାର। ବୃଦ୍ଧାବସ୍ଥାରେ ସେମାନେ ଟିକେ ଆଦର ତ ଚାହାନ୍ତି! ଯୋଉଠୁ ଆଦର ପାଇଲେ ତାକୁ ହିଁ ଆଦରି ଯାଆନ୍ତି। ଏଥିରେ ପରିବାର ଅନ୍ୟ ସଦସ୍ୟମାନେ ଈର୍ଷା ଅସୂୟା ରଖିବା ଆଦୌ ଉଚିତ୍ ନୁହେଁ।

ଚାଲନ୍ତୁ ସେମାନଙ୍କୁ ଟିକେ ମୁକ୍ତଭାବେ ବଞ୍ଚିବାକୁ ଦେବା, ମୁକ୍ତ ଭାବରେ ହସିବାକୁ ଦେବା, ମୁକ୍ତ ଭାବରେ ନିର୍ଣ୍ଣୟ ନେବାକୁ ଦେବା। ଆମକୁ ଦୁନିଆ ଦେଖାଇଥିବା ଆମ ମୁରବୀମାନଙ୍କୁ ମାନସିକ ଭାବେ ବନ୍ଦୀ କରିବା ନାହିଁ। ଆମକୁ ଉଡାଣ ଶିଖାଇଥିବା ଆମ ବାପାମାଆଙ୍କର ଆମେ ଡେଣା କାଟିବା ନାହିଁ। ଜୀବନ ସାରା ଭୋକ ଶୋଷ ଭୁଲି ଆମର ବୋଝ ବୋହିଥିବା ଆମ ବାପାମାଆଙ୍କୁ ଆମେ ବୋଝ ଭାବିବାନାହିଁ। ସେମାନେ ହସିଲେ ଆମ ଦୁନିଆ ହସିବ।ସେମାନଙ୍କ ଆଶୀର୍ବାଦ ଆମର ରକ୍ଷାକବଚ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର

## ପେନ୍‌ସନ୍ ଭୋଗୀଙ୍କ ପାଇଁ ଲାଇଫ୍ ସାର୍ଟିଫିକେଟ୍ ଦାଖଲ ସମୟସୀମା ଡିସେମ୍ବର ୩୧କୁ ବୃଦ୍ଧି

ଭୁବନେଶ୍ୱର,୧/୧୨ (ନି.ପ୍ର): କୋଭିଡ୍-୧୯ ମହାମାରୀ ଦୃଷ୍ଟିରୁ ପେନ୍‌ସନ୍ ଭୋଗୀମାନଙ୍କ ବାର୍ଷିକ ଜୀବିତ ପ୍ରମାଣପତ୍ର (ଲାଇଫ୍ ସାର୍ଟିଫିକେଟ୍) ଅବଧିକୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଘୁଂଚାଇ ଦିଆଯାଇଛି। ଓଡ଼ିଶା ଟ୍ରେଜେରୀ ସଂହିତା ଭଲ୍ୟୁମ୍-୧ର ରୁଲ୍ ୩୧୪ ଅନୁଯାୟୀ ପ୍ରତିବର୍ଷ ପେନ୍‌ସନ୍ ଭୋଗୀମାନେ ନଭେମ୍ବର ୩୦ ତାରିଖ ମଧ୍ୟରେ ଜୀବିତ ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିଥାଏ। ଏହାଛଡ଼ା ସେମାନଙ୍କୁ ବିବାହ କରିନଥିବା, ପୁନର୍ବିବାହ ଓ ଅନ୍ୟତ୍ର ନିୟୋଜନ ସମ୍ବନ୍ଧୀୟ ଘୋଷଣାନାମା ଦେବାକୁ ପଡ଼ିଥାଏ । ରାଜ୍ୟ ସରକାର କୋଭିଡ୍ -୧୯ ମହାମାରୀର ପ୍ରଭାବ ବଳବତର ରହିଥିବା ଦୃଷ୍ଟିରୁ ଏହି ପ୍ରମାଣପତ୍ର ଦାଖଲ ସୀମାକୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଘୁଂଚାଇଛନ୍ତି ।

## ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୨୩୭ ଜଣ ପଜିଟିଭ ଚିହ୍ନଟ

ଭୁବନେଶ୍ୱର ,୧/୧୨ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୨୩୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୦ରୁ ୧୮ ବର୍ଷ ମଧ୍ୟରେ ୩୯ ଜଣ ଥିବାବେଳେ ୧୩୯ ଜଣ ସଙ୍ଗରୋଧରୁ ଚିହ୍ନଟ ହୋଇଛନ୍ତି । ସେହିପରି ୯୮ ଜଣ ସ୍ଥାନୀୟ ସଂକ୍ରମଣରୁ ଜଣାପଡ଼ିଥିବାବେଳେ ଖୋର୍ଦ୍ଧାରୁ ସର୍ବାଧିକ ୧୧୩ ଜଣ, କଟକରୁ ୧୯ ଜଣ, ସୁନ୍ଦରଗଡରୁ ୧୬, ଷ୍ଟେଟ ପୁଲରୁ ୨୭ ଓ ସମ୍ବଲପୁରରୁ ୧୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ବାଲେଶ୍ୱରରୁ ୫, ଭଦ୍ରକରୁ ୨, ବଲାଙ୍ଗୀରରୁ ୫, ବୌଦ୍ଧରୁ ଜଣେ, ଢେଙ୍କାନାଳରୁ ୩, ଯାଜପୁରରୁ ୮, ଝାରସୁଗୁଡ଼ାରୁ ୪, କେନ୍ଦ୍ରାପଡ଼ାରୁ ୩, ମୟୁରଭଞ୍ଜରୁ ୮ ଜଣ ପଜିଟିଭ ଚିହ୍ନଟ ଓଇଛନ୍ତି । ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ସମୁଦାୟ ପଜିଟିଭଙ୍କ ସଂଖ୍ୟା ୧୦ ଲକ୍ଷ ୪୯ ହଜାର ୩୪୫ରେ ପହଞ୍ଚିଥିବାବେଳେ ଏମାନଙ୍କ ମଧ୍ୟରୁ ୧୦ ଲକ୍ଷ ୩୮ ହଜାର ୫୦୯ ଜଣ ସୁସ୍ଥ ହୋଇଛନ୍ତି ।

## ଜରୁରୀକାଳୀନ ସେବାରେ ନିୟୋଜିତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଏମ୍‌ସ ଭୁବନେଶ୍ୱରରେ ସ୍ୱତନ୍ତ୍ର କର୍ମଶାଳା

ଭୁବନେଶ୍ୱର,୧/୧୨ (ନି.ପ୍ର): ଦୁର୍ଘଟଣା ହେଉ ଅବା ଅନ୍ୟ କୌଣସି ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଆସୁଥିବା ବ୍ୟକ୍ତିଙ୍କୁ ଜରୁରୀକାଳୀନ ଏବଂ ଉତମ ଚିକିତ୍ସା ସେବା ପ୍ରଦାନର ଆବଶ୍ୟକତା ରହିଛି। ଏହି ସମୟରେ ଚିକିତ୍ସା ପ୍ରଦାନ କରୁଥିବା ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ଭୂମିକା ମଧ୍ୟ ବେଶ୍ ମହତ୍ୱପୂର୍ଣ୍ଣ ରହିଥାଏ। ଏନେଇ ଏମ୍‌ସ ଭୁବନେଶ୍ୱରର ଟ୍ରମା ଏବଂ ଜରୁରୀ ବିଭାଗ ପକ୍ଷରୁ ଏମ୍‌ସ ଭୁବନେଶ୍ୱରର ଡାକ୍ତର, ନର୍ସିଂ କର୍ମଚାରୀ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହୋଇଯାଇଛି।
ବେସିକ୍ ସର୍ଜିକାଲ୍ ସ୍କିଲ୍ ଏବଂ ସିଲେଇ କୌଶଳ ସମ୍ପର୍କିତ ଏକ କର୍ମଶାଳାରେ ଡାକ୍ତର ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଜରୁରୀ ସେବା ଆବଶ୍ୟକତା କରୁଥିବା ରୋଗୀଙ୍କୁ କିପରି ସଠିକ୍ ସମୟରେ ସର୍ବୋତମ ଚିକିତ୍ସା ସେବା ପ୍ରଦାନ କରାଯାଇପାରିବ ସେନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଗୁରୁତର ଅବସ୍ଥାରେ ଥିବା ରୋଗୀଙ୍କର ପ୍ଲାଷ୍ଟର କରିବା, ସିଲେଇ କରିବା ଭଳି ଚିକିତ୍ସାସେବା ସହିତ ଅନ୍ୟାନ୍ୟ ବିଭିନ୍ନ ଦିଗ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏମ୍‌ସ ଭୁବନେଶ୍ୱରର ରେସିଡେଂଟ୍ ଡାକ୍ତର, ଇଂଟର୍ଣ୍ଣ ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଜରୁରୀକାଳୀନ ରୋଗୀ ସେବାରେ ନିୟୋଜିତ ପ୍ରାଥମିକ ସ୍ୱାସ୍ଥ୍ୟ କର୍ମଚାରୀ ଏବଂ ଡାକ୍ତରମାନଙ୍କୁ ଏହି କ୍ଷେତ୍ରରେ ଆହୁରି ଅଧିକ ଦକ୍ଷ କରିବା ଏପରି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶଲ୍ୟ ଚିକିତ୍ସା(ଜେନେରାଲ୍ ସର୍ଜରୀ) ବିଭାଗର ପ୍ରଫେସର ଏବଂ ଟ୍ରମା ଓ ଜରୁରୀ ବିଭାଗର ମୁଖ୍ୟ ଡ. ତୁଷାର ଏସ୍ ମିଶ୍ର ପ୍ରକାଶ କରିଛନ୍ତି। ଆଗକୁ ଏପରି ଆହୁରି ଅଧିକ କର୍ମଶାଳାର ଆୟୋଜନ କରାଯିବା ସହିତ ଏମ୍‌ସ ଭୁବନେଶ୍ୱର ବାହାରୁ ମଧ୍ୟ ସମସ୍ତ ଡାକ୍ତରମାନଙ୍କ ଅଂଶଗ୍ରହଣ ପାଇଁ ବ୍ୟବସ୍ଥା କରାଯିବ ବୋଲି କାର୍ଯ୍ୟକ୍ରମ ସଂଯୋଜକ ତଥା ଟ୍ରମା ଏବଂ ଜରୁରୀ ବିଭାଗର ବର୍ଣ୍ଣସ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ସହକାରୀ ପ୍ରଫେସର ଡ. ରିତେଶ ପଣ୍ଡା ସୂଚନା ଦେଇଛନ୍ତି।
ଅସ୍ଥି ଶଲ୍ୟ (ଅର୍ଥୋପେଡିକ୍) ବିଭାଗର ଡ. ସରୋଜ କୁମାର ପାତ୍ର, ଡ. ପ୍ରକାଶ ସମ୍ବଲ, ଡ. ମନଓ୍ୱର ଅଲ୍ଲୀ, ଡ. ପଙ୍କଜ କୁମାର(ଶଲ୍ୟ ଚିକିତ୍ସା) ପ୍ରଶିକ୍ଷକ ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ପ୍ରଥମ ବର୍ଷ ସର୍ଜିକାଲ୍ ଛାତ୍ରଛାତ୍ରୀ ତଥା ଶିକ୍ଷାନବୀସ(ଇଂଟର୍ଣ୍ଣ)ଙ୍କ ପାଇଁ ଏପରି ବେସିକ୍ କୋର୍ସ ବାଧ୍ୟତାମୂଳକ ହେବା ଉଚିତ୍ ବୋଲି କର୍ମଶାଳାରେ ଅଂଶଗ୍ରହଣ କରିଥିବା ଦ୍ୱିତୀୟ ବର୍ଷ ଛାତ୍ର ଡ.ଉମେଶା ମତବ୍ୟକ୍ତ କରିଛନ୍ତି। ଏପରି କର୍ମଶାଳା ଡାକ୍ତରୀ ଛାତ୍ରଛାତ୍ରୀ ତଥା ସ୍ୱାସ୍ଥ୍ୟକର୍ମୀଙ୍କୁ ଗୁରୁତର ଅବସ୍ଥାରେ ଥିବା ଜରୁରୀକାଳୀନ ରୋଗୀଙ୍କୁ ଉତମ ସେବା ପ୍ରଦାନରେ ବିଶେଷ ସହାୟକ ହେବ ବୋଲି ଏମ୍‌ସ ଭୁବନେଶ୍ୱର ନିର୍ଦ୍ଦେଶିକା ଡ. ବି ଗୀତାଞ୍ଜଳୀ ଆଶାପୋଷଣ କରିଛନ୍ତି।

## ୧୭ କୋଟି ୭୯ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର,୧/୧୨ (ନି.ପ୍ର): 'ମୋ ସ୍କୁଲ୍ ଅଭିଯାନ'ର ୩୦ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ମଙ୍ଗଳବାର ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଓଡ଼ିଶାର ୨୩ଟି ଜିଲ୍ଲାର ମୋଟ ୧୭ କୋଟି ୭୯ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଗତ ୧ ମାସ ମଧ୍ୟରେ ୯ ହଜାରରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ 'ମୋ ସ୍କୁଲ୍ ଅଭିଯାନ' ସହ ଯୋଡ଼ି ହୋଇଥିବାବେଳେ ସେମାନେ ନିଜ ନିଜ ବିଦ୍ୟାଳୟର ବିକାଶ ପାଇଁ ୪ କୋଟି ୨୮ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ବାଲେଶ୍ୱରରେ ସର୍ବାଧିକ ୧ କୋଟି ୯୦ ଲକ୍ଷ, ବଲାଙ୍ଗୀରରେ ୨୩ ଲକ୍ଷ ୨୦ ହଜାର, କଟକରେ ୧୯ ଲକ୍ଷ ୨୬ ହଜାର, ଢେଙ୍କାନାଳରେ ୧୬ ଲକ୍ଷ ୫୭ ହଜାର ଏବଂ ଯାଜପୁରରେ ୧୪ ଲକ୍ଷ ୩୪ ହଜାର ଟଙ୍କା ପୁରାତନ ଛାତ୍ରଛାତ୍ରୀମାନେ ପ୍ରଦାନ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ମୋଟ ୬ ଲକ୍ଷ ୧୬ ହଜାର ପୁରାତନ ଛାତ୍ରଛାତ୍ରୀ 'ମୋ ସ୍କୁଲ୍ ଅଭିଯାନ'ରେ ସାମିଲ ହୋଇଛନ୍ତି ।
ଅନ୍ୟପକ୍ଷରେ ବିଭିନ୍ନ ସିଏସ୍‌ଆର ପାଣ୍ଠିରୁ ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକର ବିକାଶ ପାଇଁ 'ମୋ ସ୍କୁଲ୍ ଅଭିଯାନ'କୁ ୧ କୋଟି ୬୬ ଲକ୍ଷ ୫୦ ହଜାର ଟଙ୍କାର ଅନୁଦାନ ଆସିଛି । ପୁରାତନ ଛାତ୍ରଛାତ୍ରୀ ଏବଂ ସିଏସ୍‌ଆର ପାଣ୍ଠି ଅନୁଦାନ ସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୧୭ କୋଟି ୭୯ ଲକ୍ଷ ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ ପ୍ରଦାନ କରିଛି । ବାଲେଶ୍ୱର ଜିଲ୍ଲାରେ ଚଳିତଥର ମଧ୍ୟ ପୁରାତନ ଛାତ୍ରଛାତ୍ରୀମାନେ ସର୍ବାଧିକ ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି । ଏହି ଜିଲ୍ଲାରେ 'ମୋ ସ୍କୁଲ୍ ଅଭିଯାନକୁ ବିପୁଳ ସମର୍ଥନ ମିଳିଥିବାବେଳେ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ମୋ ସ୍କୁଲ୍ ଅଭିଯାନ'ର ସଫଳ କାର୍ଯ୍ୟାନ୍ୱୟନ ପାଇଁ ପ୍ରଚେଷ୍ଟା ଜାରି ରହିଛି ।
'ମୋ ସ୍କୁଲ୍ ଅଭିଯାନ' ଅନ୍ତର୍ଗତ ସ୍କୁଲ୍ ଆଡପ୍‌ଶନ୍ ବା ପୋଷ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ଇତିମଧ୍ୟରେ ୭୮୩ ସ୍କୁଲ୍‌ରେ ମେଂଟର, ପୁରାତନ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟ ପ୍ରଧାନଶିକ୍ଷକମାନଙ୍କୁ ନେଇ ଭର୍ଚୁଆଲ୍ ବୈଠକର ଆୟୋଜନ କରାଯାଇଛି । ଏବେସୁଦ୍ଧା ୧୩୨୯ ଜଣ ମେଂଟର ରାଜ୍ୟର ୧୩୬୪ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ବିକାଶ ପ୍ରକ୍ରିୟାରେ ନିଜକୁ ସାମିଲ କରିଛନ୍ତି ।
ରାଜ୍ୟ ସରକାରଙ୍କ '୫-'ଟି'- ହାଇସ୍କୁଲ୍ ଟ୍ରାନ୍ସଫର୍ମେଶନ କାର୍ଯ୍ୟକ୍ରମ'ର ୨ୟ ପର୍ଯ୍ୟାୟରେ ମୋଟ ୩୩୬୫ଟି ଉଚ୍ଚ ବିଦ୍ୟାଳୟର ରୂପାନ୍ତରୀକରଣ କରିବାକୁ ନିଷ୍ପତି ନିଆଯାଇଥିବାବେଳେ ଏଥିଲାଗି ଆବଶ୍ୟକ ଆର୍ଥିକ ସହାୟତା ତୁରନ୍ତ ଯୋଗାଇଦେବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି । ନିର୍ମାଣ କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବାକୁ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାପାଳମାନଙ୍କୁ ଏକ ଆଡ୍‌ଭାଇଜରୀ ତଥା ପରାମର୍ଶନାମା ଜାରି କରାଯାଇଛି । ଭିତିଭୂମି ବିକାଶ ସହ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସରକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶକୁ ଗୁରୁତ୍ୱ ଦିଆଯାଇଛି । ଇ-ଲାଇବ୍ରେରୀ ଏବଂ ସାଇନ୍ସ ଲାବୋରୋଟୋରୀର ପରିଚାଳନା ପାଇଁ ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ଭାବରେ ତାଲିମ୍ ଦେବାକୁ ନିଷ୍ପତି ନିଆଯାଇଛି । ଡିଜିଟାଲ୍ କ୍ଷେତ୍ରରେ ଦକ୍ଷତା ବିକାଶ ଲାଗି ଏବେ ସୁଦ୍ଧା ଅଧିକାଂଶ ଜିଲ୍ଲାର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ବର୍ତମାନ ସୁଦ୍ଧା ୧୪ଟି ଜିଲ୍ଲାର ୪୭୨ ସ୍କୁଲର ୧୦୦୪ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଡିଜିଟାଲ ସ୍କିଲ୍ କ୍ଷେତ୍ରରେ ପ୍ରଶିକ୍ଷିତ କରାଯାଇଛି । ଆଗାମୀ ଦିନରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ନିର୍ଦ୍ଦେଶ ଦେଇଛନ୍ତି । ୫-'ଟି' ହାଇସ୍କୁଲ୍ ଟ୍ରାନ୍ସଫରମେସନ କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟ ସହ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ୬ଟି ଟାସ୍କ ଫୋର୍ସ ଗଠନ କରାଯାଇଥିଲା । ଉକ୍ତ ଟାସ୍କଫୋର୍ସର ପରାମର୍ଶଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ପୁରାତନ ଛାତ୍ରଛାତ୍ରୀଙ୍କୁ ସାମିଲ୍ କରିବାକୁ କାର୍ଯ୍ୟନିର୍ବାହୀ ପରିଷଦ 'ମୋ ସ୍କୁଲ୍' କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗୋଷ୍ଠୀ ସହଭାଗିତାକୁ ଉତ୍ସାହିତ କରିବାକୁ ପୁରାତନ ଛାତ୍ରଛାତ୍ରୀଙ୍କ ନେତୃତ୍ୱରେ ରୂପାନ୍ତରିତ ବିଦ୍ୟାଳୟଗୁଡ଼ିକରେ ଅଭିଭାବକ, ସ୍କୁଲ୍ ପରିଚାଳନା କମିଟି ସଦସ୍ୟ ଏବଂ ସ୍ଥାନୀୟ ଲୋକ ତଥା ଗ୍ରାମବାସୀଙ୍କୁ ନେଇ ନିୟମିତ ବ୍ୟବଧାନରେ ବୈଠକ କରିବାକୁ କୁହାଯାଇଛି । ରୂପାନ୍ତରିତ ବିଦ୍ୟାଳୟଗୁଡ଼ିକ ଯେପରି ଉତ୍କର୍ଷ ଶିକ୍ଷାନୁଷ୍ଠାନରେ ପରିଣତ ହୋଇପାରିବେ ସେ ଦିଗରେ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏବଂ ସ୍ଥାନୀୟ ଲୋକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇପାରିବେ । ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ବନ୍ଦ ଥିବାବେଳେ ଛାତ୍ରଛାତ୍ରୀଙ୍କ ପଢିବା ଅଭ୍ୟାସ ବଜାୟ ରଖିବା ଏବଂ ସେମାନଙ୍କୁ ପୁସ୍ତକ ପ୍ରତି ପୁଣିଥରେ ଆକୃଷ୍ଟ କରିବାକୁ 'ମୋ ସ୍କୁଲ୍' ପକ୍ଷରୁ ଆୟୋଜିତ ହେଉଥିବା ଲର୍ଣ୍ଣି କ୍ୟାମ୍ପ୍ ଏବେ ସୁଦ୍ଧା ୧୬ଟି ଜିଲ୍ଲାର ୧୧୫୧ ସେଂଟରରେ ଆୟୋଜିତ ହୋଇଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତ ୩୦ଟି ଜିଲ୍ଲାର ୩୮୪୯ଟି ସେଂଟରରେ ଏହି କ୍ୟାମ୍ପର ଆୟୋଜନ କରାଯିବାକୁ ନିଷ୍ପତି ହୋଇଛି । କାର୍ଯ୍ୟରେ ସ୍ୱଚ୍ଛତା ଆଣିବାକୁ ପ୍ରୋଜେକ୍ଟ ମନିଟରିଂ ଓ ଅଡିଟ୍ ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ସ୍ୱତନ୍ତ୍ର ଅଡିଟ୍ ଟିମ୍ ଦ୍ୱାରା ଏହା ମଧ୍ୟରେ ୧୩ଟି ଜିଲ୍ଲା ଏବଂ ୨୨୭ଟି ସ୍କୁଲ୍ ଆକାଉଂଟର ଅଡିଟ୍ କରାଯାଇଛି । ଆଗାମୀ ଦିନରେ ୩୦ ପ୍ରତିଶତ ପ୍ରକଳ୍ପ ବିଦ୍ୟାଳୟର ଆକାଉଂଟ ଅଡିଟ୍ କରିବାକୁ ବୈଠକରେ ନିଷ୍ପତି ନିଆଯାଇଛି ।

## ସମ୍ଭାବ୍ୟ ବାତ୍ୟା ନେଇ କୃଷି ବିଭାଗର ଆଡଭାଇଜରୀ

ଭୁବନେଶ୍ୱର,୧/୧୨ (ନି.ପ୍ର): ସମ୍ଭାବ୍ୟ ବାତ୍ୟାକୁ ନେଇ ଚାଷୀ ମାନଙ୍କ ପାଇଁ ଆଡଭାଇଜରୀ ଜାରି କରିଛି କୃଷି ଓ କୃଷକ ସଶକ୍ତିକରଣ ବିଭାଗ । ଶତକଡା ୮୫ ଭାଗ ପାଚିଯାଇଥିଲେ ଧାନକୁ ତୁରନ୍ତ କାଟି ନେଇ ସୁରକ୍ଷିତ ସ୍ଥାନରେ ରଖନ୍ତୁ । କଟା ହୋଇଥିବା ଧାନକୁ ବେଙ୍ଗଳା କରି ଦିଅନ୍ତୁ କିମ୍ବା ସମସ୍ତ ଧାନ ଅମଳ ସମ୍ଭବ ନହେଲେ ପଲିଥିନ ଘୋଡାଇ ସୁରକ୍ଷିତ ରଖିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଧାନ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ବ୍ୟବସ୍ଥା କରିବା , ଧାନଗଛ ପଡି ଯାଇଥିଲେ ହଳା କରି ଠିଆ କରିବା କୁ କୁହାଯାଇଛି। ଧାନ କାଟି ବିଲରେ ଶୁଖାନ୍ତୁ ନାହିଁ , ବର୍ଷା ସମୟରେ କୌଣସି କୀଟନାଶକ ସିଂଚନ କରନ୍ତୁ ନାହିଁ , ମୁଗ,ବିରି ଓ ପନିପରିବା ଫସଲରେ ପାଣି କାଟିବା ବ୍ୟବସ୍ଥା କରନ୍ତୁ , କପା ଫସଲରେ ପାକଳ ହୋଇଥିବା ବକରାଗୁଡିକୁ ତୋଳି ସୁରକ୍ଷିତ ସ୍ଥାନକୁ ନେଇଯାଆନ୍ତୁ , ରବି ଫସଲ ବିଶେଷକରି ଆଳୁ ଲଗାଇବାକୁ ସାମୟିକ ସ୍ଥଗିତ ରଖିବାକୁ ଚାଷୀ ମାନଙ୍କୁ ପରାମର୍ଶ ଦିଆଯିାଛି। ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଆଜି ସମସ୍ତ ଜିଲ୍ଲାର କୃଷି ଓ ଉଦ୍ୟାନ କୃଷି ଅଧିକାରୀମାନଙ୍କ ସହ ଏକ ଆଭାସୀ ବୈଠକ କରାଯାଇଥିଲା । ବୈଠକ ପରେ ସମସ୍ତ ଅଧିକାରୀମାନେ ଆସନ୍ତା ଡିସେମ୍ବର ୬ ତାରିଖ ପର୍ଯ୍ୟନ୍ତ ନିଶ୍ଚିତ ରୂପେ ନିଜର ମୁଖ୍ୟ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ଏବଂ ଫସଲ ସୁରକ୍ଷା ଉପଦେଶାବଳୀକୁ କମ୍ୟୁନିଟି ରେଡିଓ ଏବଂ ଡାକବାଜି ଯନ୍ତ୍ର ସାହାଯ୍ୟରେ ଚାଷୀମାନଙ୍କୁ ଆସନ୍ତା ଦୁଇ ଦିନ ମଧ୍ୟରେ ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ନେଇ ନୋଡାଲ ଅଫିସର ପରିମଳ ବିଶେଷଜ୍ଞ ମାନଙ୍କର ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧/୧୨ (ନି.ପ୍ର): ଓଡିଶାରେ କାର୍ଯ୍ୟକାରୀ ହେଉଥିବା ବିକେନ୍ଦ୍ରୀଭୂତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ମଡେଲ ଦେଶରେ ସ୍ୱତନ୍ତ୍ର ଅଟେ ଯେପରିକି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ, ତୃତୀୟ ଲିଙ୍ଗ ଏବଂ ଜରି ଗୋଟାଳିଙ୍କ ପରି ଲୋକଙ୍କୁ ପରିମଳ ବ୍ୟବସ୍ଥାରେ ଅର୍ନ୍ତଭୁକ୍ତ କରାଯାଇଥିବା କହିଛନ୍ତି ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି.ମାଥି ଭାଥାନନ । ସମସ୍ତ ନୋଡାଲ୍ ଅଫିସର୍ ଏବଂ ସମ୍ପଦ କେନ୍ଦ୍ର ଏବଂ ପରିମଳ ବିଶେଷଜ୍ଞ, ମେଂଟର ମାନଙ୍କୁ ନେଇ ଏକ ଓରିଏଂଟେସନ୍ - କମ-ପ୍ଲାନିଂ ବୈଠକରେ ଭାଷଣ ଦେବା ଅବସରରେ ମାଥି ଭାଥାନନ୍ ପରିମଳ ବ୍ୟବସ୍ଥାରେ ଗୋଷ୍ଠି ଓ ଅଂଶୀଦାରଙ୍କ ସକ୍ରିୟ ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ମିଶନ୍ ଶକ୍ତି, ସ୍ୱୟଂ ସହାୟିକା ଗୋଷ୍ଠି, ତୃତୀୟ ଲିଙ୍ଗ ଏବଂ ଜରି ଗୋଟାଳି ମାନେ ୧୦୦% ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ସହରାଂଚଳରେ କଠିନ ବର୍ଜ୍ୟବସ୍ତୁର ଉତମ ପରିଚାଳନା ନିଶ୍ଚିତ କରିବାକୁ ୧୦୦% ପ୍ରକ୍ରିୟାକରଣ ନିଶ୍ଚିତ କରିବା ପାଇଁ ସେ କହିଛନ୍ତି । ସେ ମଧ୍ୟ ଆମ ସହାର ଆପ ରେ ତଥ୍ୟ ଅପଲୋଡ, ଆମ ସହର ଆପର ସର୍ବୋଚ୍ଚ ବ୍ୟବହାର, ପ୍ରଶିକ୍ଷଣର ମୂଲ୍ୟାଙ୍କନ ଭୂମିକା ଏବଂ ଯୋଜନାର ସଫଳ କାର୍ଯ୍ୟ ପାଇଁ ନୋଡାଲ୍ ଅଧିକାରୀଙ୍କ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଗୃହରୁ ପୃଥକ ବର୍ଜ୍ୟବସ୍ତୁ ସଂଗ୍ରହର ୧୦୦% ହାସଲ କରିବା ପାଇଁ ରଣନୀତି ଉପରେ ପରିମଳ ବିଶେଷଜ୍ଞମାନଙ୍କୁ ଉତ୍ସର୍ଗ କରାଯାଇଥିଲା । ଅଧିବେଶନ ସମୟରେ ପରିମଳ ବିଶେଜ୍ଞେମାନଙ୍କର ଦାୟିତ୍ୱ ଗୁଡିକ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ଆଶା କରାଯାଇଛି ଯେ ଏହି ଆଭିମୁଖ୍ୟ ଅଂଶଗ୍ରହଣକାରୀମାନଙ୍କୁ ଆବଶ୍ୟକ କୌଶଳ ଏବଂ ଜ୍ଞାନ ସହିତ ସମ୍ପଦ କେନ୍ଦ୍ରଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡିଶା ର ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ । ପ୍ରାରମ୍ଭରେ ମିଶନ୍ ନିର୍ଦ୍ଦେଶକ ସ୍ୱଚ୍ଛ ଭାରତ ମିଶନ୍, ସହରାଂଚଳ ତଥା ପୌର ପ୍ରଶାସକ ସଂଗ୍ରାମଜିତ୍ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ସଂକ୍ରାନ୍ତରେ କହିଥିଲେ । ସହରାଂଚଳରେ କଠିନ ବର୍ଜ୍ୟବସ୍ତୁ ପରିଚାଳନାର ବିକେନ୍ଦ୍ରୀକରଣ ଗୋଷ୍ଠି ଆଧାରିତ ମଡେଲ୍ ପାଇଁ ସେ ସରକାରଙ୍କ ନୀତିଗତ ନିଷ୍ପତି ବିଷୟରେ ଆଲୋକପାତ କରିଥିଲେ । ଅତିରିକ୍ତ ମିଶନ ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ କଲ୍ୟାଣ କୁମାର ରଥ ବୈଠକରେ ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ ୧୧୪ ପୌରାଂଚଳର ସମ୍ପୃକ୍ତ ନୋଡାଲ ଅଧିକାରୀ, ପରିମଳ ବିଶେଷଜ୍ଞ ଓ ଅନ୍ୟାନ୍ୟ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ ।

## ସିମ କାର୍ଡକୁ ଅଚଳ କରି ଲୁଟ କରୁଥିବା ସାଇବର ଠକକୁ ଧରିଲା ପୁଲିସ

ଭୁବନେଶ୍ୱର,୧/୧୨ (ନି.ପ୍ର): ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ ହୋଇଥିବା ମୋବାଇଲ ନମ୍ବରକୁ ବ୍ଲକ କରି ୯୦ ହଜାର ଟଙ୍କା ଠକେଇ କରିଥିବା ଜଣେ ସାଇବର ଠକକୁ ଦୁଇ ବର୍ଷ ପରେ ପୁଲିସ ଗିରଫ କରିଛି । ସାଇବର ଠକ ଜଣକ ହେଉଛି କେନ୍ଦ୍ରାପଡ଼ା ଡେରାବିଶ ଅଞ୍ଚଳର ଅନିଲ କୁମାର ବେହେରା । ଠକ ଅନିଲ ବିଭିନ୍ନ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରେ ସଂଲଗ୍ନ ଥିବା ମୋବାଇଲ ନମ୍ବରକୁ ପ୍ରଥମେ ବ୍ଲକ କରୁଥିଲା।
ତାପରେ ସେହି ନମ୍ବରକୁ ନିଜ ପାଖରେ ଥିବା ଜିଓ ସିମରେ ଆକ୍ଟିଭ କରିବା ପରେ ବ୍ୟକ୍ତିଙ୍କ ବ୍ୟାଙ୍କରୁ ଟଙ୍କା ଉଠେଇ ନେଉଥିଲା । ଏମିତି ଅନେକ ଅଭିଯୋଗ ସାଇବର ଥାନାରେ ହେବା ପରେ ଅନିଲର ଗତିବିଧି ଉପରେ ନଜର ରଖିଥିଲା ସାଇବର ଥାନା ।
ଗତକାଲି ଅନିଲ ମୁମ୍ବାଇ ଯିବାକୁ ଭୁବନେଶ୍ୱର ରେଳଷ୍ଟସନରେ କ୍ୟାପିଟାଲ ଥାନା ପୁଲିସ ପହଞ୍ଚି ଅନିଲକୁ ଗିରଫ କରିଛି । ଅନିଲ ନାମରେ ଆଇପିସି ଦଫା-୪୨୦ ଓ ଆଇଟି ଆଇନର ଧାରା-୬୬(ସି), ୬୬(ଡି)ରେ ମାମଲା ରୁଜୁ ହୋଇଥିଲା । ଅଭିଯୁକ୍ତ ଲୁଚି ଲୁଚି ବାହାରେ ବୁଲୁଥିବାବେଳେ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

**ମମିତା ମେହେର ହତ୍ୟାକାଣ୍ଡ ମାମଲା**

## ଗୃହରାଷ୍ଟ୍ର ମନ୍ତ୍ରୀଙ୍କୁ ବହିଷ୍କାର ନକଲେ ହାଇକୋର୍ଟ ଯିବ କଂଗ୍ରେସ

ଭୁବନେଶ୍ୱର,୧/୧୨ (ନି.ପ୍ର): ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡରେ ପୋଲିସ ଉପଯୁକ୍ତ ତଦନ୍ତ କରି ଦୋଷୀକୁ ଦଣ୍ଡ ଦେବା ପରିବର୍ତ୍ତେ ସେହି ଘଟଣାରେ ସଂଶ୍ଳିଷ୍ଟ ଓ ପୃଷ୍ଠପୋଷକ ମାନଙ୍କୁ ଖସେଇ ଦେବାପାଇଁ ଷଡଯନ୍ତ୍ର କରୁଛି। ପୋଲିସର ତଦନ୍ତ ନିରପେକ୍ଷ ନୁହେଁ। ସେଥିପାଇଁ ହାଇକୋର୍ଟ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏସଆଇଟି ତଦନ୍ତ ଦାବି ସହ ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ବହିଷ୍କାର ଦାବି କରାଯାଉଛି। ସରକାର ଯଦି ନ ଶୁଣନ୍ତି ତାହେଲେ ଦଳ ତରଫରୁ ଓଡ଼ିଶାର ହାଇକୋର୍ଟର ମାମଲା ଦାୟର କରାଯିବ ଓ ଓଡ଼ିଶା ହାଇକୋର୍ଟରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏହି ମାମଲା ଦାୟର କରିବେ ବୋଲି ସୂଚନା ଦେଇଛନ୍ତି ପ୍ରଦେଶ କଂଗ୍ରେସ ମୁଖପାତ୍ର ମନୋଜ କୁମାର ମହାପାତ୍ର।
ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଲେ ଯେ, ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ପୋଲିସ୍ ଠିକ ତଦନ୍ତ କରୁନାହିଁ। ଯେଉଁ ତଥ୍ୟ ପ୍ରମାଣ ସଂଗ୍ରହ କରି କୋର୍ଟରେ ଦାଖଲ କରିଛି ତାହା ପରସ୍ପର ବିରୋଧି। ଯେଉଁଥିପାଇଁ ଘଟଣାର ହତ୍ୟାକାରୀ ଖସିଯାଇ ପାରେ। ପୁନଶ୍ଚ ଘଟଣା ପଛରେ ଲୁଚି ରହିଥିବା ସେକ୍ସ ରାକେଟ ଓ ମନ୍ତ୍ରୀଙ୍କ ସଂପୃକ୍ତି ଅଭିଯୋଗ ଉପରେ ପୋଲିସ ତଦନ୍ତ କରୁନାହିଁ। ତେଣୁ ମମିତା ମେହେରକୁ ନ୍ୟାୟ ମିଳିବ ନା ନାହିଁ ତାହା ସନ୍ଦେହରେ। ଗୃହ ରାଷ୍ଟ୍ରମନ୍ତ୍ରୀ ୨୦୧୪ ରେ ନିର୍ବାଚନ ଲଢ଼ିଲାବେଳେ ସତ୍ୟପାଠ ମାଧ୍ୟମରେ କହିଥିଲେ ତାଙ୍କର ସଂପତି ପରିମାଣ ଦୁଇକୋଟି। ୨୦୧୯ ରେ ସେ ଦର୍ଶାଇଲେ ୮ କୋଟି କିନ୍ତୁ ଆମପାଖରେ ଥିବା ତଥ୍ୟ କହୁଛି ମନ୍ତ୍ରୀ ୭୫ କୋଟି ଟଙ୍କାର ମାଲିକ। ଗୋପାଳପୁର ବିଧାୟକଙ୍କୁ ଜନବିରୋଧି କହି ତାଙ୍କର ବିରୋଧରେ ମାମଲା ପାଇଁ ଲୋକାୟୁକ୍ତଙ୍କୁ ଦିଆଯାଇଥିଲା। ଏ କ୍ଷେତ୍ରରେ ଏହିବ୍ୟକ୍ତି ଜଣଙ୍କ ଏତେ ଅଳ୍ପ ସମୟ ମଧ୍ୟରେ ଏତେ ଅମାପ ସଂପତିର ଅଧିକାରୀ କିପରି ହେଲେ ତାହାର ତଦନ୍ତ ଲୋକାୟୁକ୍ତ ମାଧ୍ୟମରେ କରାଯିବକି ?
ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ତାଙ୍କର ସଂପର୍କୀୟ ପ୍ରାୟ ୨୦୦ ଦଳିତ ପରିବାରର ଜମିକୁ ନିଜର ରାଜନୈତିକ ପ୍ରଭାବ ଓ ପତିଆରା ମାଧ୍ୟମରେ ସରକାରୀ ପରିମିଶନ କରି ଶାଗମାଛ ମୂଲରେ କିଣି ନେଇଛନ୍ତି, ବସ୍ତୁତ କଳାହାଣ୍ଡିରେ ଏହି ମନ୍ତ୍ରୀଙ୍କର ଛତ୍ରଛାୟାରେ ଏକ ବିରାଟ ଜମି ହଡ଼ପ ରାକେଟ କାର୍ଯ୍ୟ କରୁଛି। ରାଜ୍ୟ ସରକାର ସ୍ୱତନ୍ତ୍ର ଏହାର ତଦନ୍ତ କରି ଓଡିଶା ଭୂସଂସ୍କାର ଆଇନ ଅନୁଯାୟୀ ସେହି ଜମି ଗୁଡ଼ିକୁ ସଂପୃକ୍ତ ସେହି ଦଳିତ ପରିବାରମାନଙ୍କୁ ଫେରାଇ ଦିଆଯିବା ପାଇଁ ନିର୍ଦ୍ଦେଶ ଦେବେକି ?ଉପବାଚସ୍ପତି ପଦ ଦଳରୁ ଉର୍ଦ୍ଧ୍ୱରେ। କିନ୍ତୁ ଉପବାଚସ୍ପତି ଏକ ସଭାରେ ମୁଖ୍ୟମନ୍ତ୍ରୀଙ୍କ ୪.୫ କୋଟି ଓଡ଼ିଆଙ୍କ ଠାକୁର ବୋଲି କହିଥିଲେ। ଏବଂ ୪.୫ କୋଟି ଓଡ଼ିଆ ଓ ସ୍ୱୟ ଜଗନ୍ନାଥଙ୍କୁ ନିର୍ସତ କ୍ଷମା ପ୍ରାଥାନ କରିବାକୁ ଆମେ ଅନୁରୋଧ କରୁଛୁ। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ମନୋରଞ୍ଜନ ଦାଶ, ପ୍ରଦେଶ କଂଗ୍ରେସ ଲିଗାଲ ସେଲ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ କର ଓ କଳାହାଣ୍ଡି ଜିଲ୍ଲା କଂଗ୍ରେସ ଲିଗାଲ ସେଲ ଅଧ୍ୟକ୍ଷ ପ୍ରକାଶ ହରପାଲ ଉପସ୍ଥିତ ଥିଲେ।

## ଆରଟିପିସିଆର ଟେଷ୍ଟ ପରେ କ୍ୱାରେଂଟାଇନ୍‌ରେ ରହିବେ ବିଦେଶ ଫେରନ୍ତା : ଡିଏମଇଟି

ଭୁବନେଶ୍ୱର,୧/୧୨ (ନି.ପ୍ର): ଯେଉଁମାନେ ଓମିକ୍ରନ୍ ସଂକ୍ରମିତ ଦେଶରୁ ଆସିଛନ୍ତି ସେମାନଙ୍କ ଆରଟିପିସିଆର ଟେଷ୍ଟ ହେବ। ଯେଉଁ ମାନେ ନେଗେଟିଭ ବାହାରିବେ, ସେମାନଙ୍କୁ ସାତଦିନ ଆଇସୋଲେସନରେ ରଖାଯିବ। ସାତ ଦିନ ପରେ ଆରଟିପିସିଆର ଟେଷ୍ଟ କରାଯିବ। ଯେଉଁମାନେ ପଜିଟିଭ ବାହାରିଥିବେ ସେମାନଙ୍କର କସଟାକ୍ଟ ଟ୍ରେସିଂ କରାଯିବ ଏବଂ ଟ୍ରିଟମେଂଟ କରାଯିବ। ଯେମିତି ଅନ୍ୟ ସହିତ ମିଶିପାରିବ ନାହିଁ ବୋଲି ଡିଏମଇଟି ଡାକ୍ତର ରମାରମଣ ମହାନ୍ତି କହିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ସହ ବୈଠକ ପରେ ଡିଏମଇଟି କହିଛନ୍ତି ଫୋକାଲ ପଏଂଟରେ କେଶ ବଢୁଛି ସେଇ କେଶଗୁଡ଼ିକର ଟେଷ୍ଟିଂ ହେବ ଓ ତାର ଜିନମ ସିକ୍ୟୁଏନ୍ସ କରାଯିବ। ଯେଉଁଠି ଅଧିକ କେଶ ବଢୁଥିବ କ୍ଲଷ୍ଟର କରାଯାଇ ଟେଷ୍ଟିଂ କରାଯିବ। ଏୟାରପୋର୍ଟ ଗୁଡିକରେ କଡ଼ାକଡ଼ି ଚେକିଂ ହେବ। ଏୟାର ସୁବିଧା ପୋର୍ଟାଲରୁ ଯେଉଁମାନେ ଟ୍ରାନଜିଟ ଦେଶ ଦେଇ ଆସୁଛନ୍ତି, ସେହି ତଥ୍ୟ ରାଜ୍ୟ ସରକାର ଜଣାଇବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ନିବେଦନ କରିଛନ୍ତି। ସେ ତଥ୍ୟ ଯୋଗାଇ ଦେଲେ ଭୁବନେଶ୍ୱର ଏୟାରପୋର୍ଟରେ ଟ୍ରାକିଂ ପାଇଁ ସୁବିଧା ହେବ। ଗତକାଲି ତିନିଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ମୁମ୍ବାଇରୁ ଜଣେ ବେଙ୍ଗାଲୁରୁରୁ ଦୁଇ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ଜିନମ ସିକ୍ୟୁଏନ୍ସ ପାଇଁ ପଠାଯାଇଛି। ଓଡ଼ିଶାକୁ କେହି ବିଦେଶରୁ ଆସି ନାହାନ୍ତି।

## ଡିଇଓ ଓ ନୋଡାଲ ଅଧିକାରୀଙ୍କୁ ନିର୍ଦ୍ଦେଶ : କରୋନା କଟକଣା କଡ଼ାକଡ଼ି କର

ଭୁବନେଶ୍ୱର ,୧/୧୨ (ନି.ପ୍ର): ଦେଶର କେତେକ ରାଜ୍ୟରେ କରୋନା ସଂକ୍ରମଣ ପୁଣିଥରେ ବଢ଼ିଛି। ଓଡ଼ିଶାରେ ବି ସଂକ୍ରମଣ ବଢ଼ିବାର ଆଶଙ୍କା ରହିଥିବାରୁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଶେଷକରି ସ୍କୁଲ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଅଧିକ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ କ୍ୟାମ୍ପସରେ କରୋନା କଟକଣା ଯେପରି କଡ଼ାକଡ଼ି ପାଳନ କରାଯାଏ ସେଦିଗରେ ଗୁରୁତ୍ୱ ଦେବାକୁ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ କୁହାଯାଇଛି। ଏଥିସହ ଗଣଶିକ୍ଷା ବିଭାଗ ଦ୍ୱାରା ନିଯୁକ୍ତ ଜିଲ୍ଲାର ନୋଡାଲ ଅଧିକାରୀମାନେ ମଧ୍ୟ ନିୟମିତ ବ୍ୟବଧାନରେ ସ୍କୁଲକୁ ଗସ୍ତ କରି ଯାଞ୍ଚ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦେଶ ଅନୁଯାୟୀ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ଡିଇଓଙ୍କ ଅଧୀନରେ ଥିବା ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକରେ କରୋନା କଟକଣା କଡ଼ାକଡ଼ି ଭାବେ ଲାଗୁ କରାଯାଉ। ପାଠପଢ଼ା ସହ କ୍ୟାମ୍ପସ୍‌ରେ ଆଉ କୌଣସି କାର୍ଯ୍ୟକ୍ରମ କରାଯିବ ନାହିଁ। ଯେଉଁମାନେ କୋଭିଡ୍-୧୯ ଗାଇଡ୍ ଲାଇନ୍ ପାଳନ କରିବେ ନାହିଁ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ଦକ୍ଷିଣ ଆଫ୍ରିକାରେ ଦେଖାଦେଇଥିବା କରୋନାର ନୂଆ ଭାରିଏଣ୍ଟକୁ ନେଇ ବିଶ୍ୱବାସୀ ଚିନ୍ତିତ ଅଛନ୍ତି। ୬ଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଏବେ ସ୍ୱାଭାବିକ ଭାବେ ଚାଲୁରହିଛି। କରୋନା କଟକଣା ପାଳନ କରିବାକୁ ସମସ୍ତ ଶିକ୍ଷାନୁଷ୍ଠାନକୁ କୁହାଯାଇଛି। ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଲାଗି ବିଦ୍ୟାଳୟ ଖୋଲିବା ନେଇ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇ ନାହିଁ।

## ଦଶମ ଶ୍ରେଣୀ ସମେଟିଭ-୧ ପରୀକ୍ଷା ଘୁଂଚିଲା

ଭୁବନେଶ୍ୱର,୧/୧୨ (ନି.ପ୍ର): ଘୁଂଚିଲା ଦଶମ ଶ୍ରେଣୀ ସମେଟିଭ-୧ ପରୀକ୍ଷା। ଆସନ୍ତା ଜାନୁଆରି ୫ ତାରିଖରୁ ସମେଟିଭ୍ -୧ ପରୀକ୍ଷା ଆରମ୍ଭ ହେବ। ପୂର୍ବରୁ ଡିସେମ୍ବର ୨୭ରେ ପରୀକ୍ଷା ହେବାକୁ ଥିଲା। ଜାନୁଆରୀ ୫ ରୁ ୮ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ ବୋଲି ଜଣାଯାଇଛି। ବୋର୍ଡ ଉପ ସଭାପତି ନିହାର ରଞ୍ଜନ ମହାନ୍ତି ଏହି ସୂଚନା ଦେଇଛନ୍ତି। ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶାର ଉପସଭାପତି ନିହାରରଞ୍ଜନ ମହାନ୍ତିଙ୍କ ସୂଚନା ଅନୁଯାୟୀ, ପରୀକ୍ଷା ପାଇଁ ଡାଟାବେସ୍ ପ୍ରସ୍ତୁତି ଚାଲିଛି। ଏଥିପାଇଁ ଫର୍ମ ଫିଲ-ଅପ ମଧ୍ୟ ସରିଛି। ୫ ଲକ୍ଷ ୭୦ ହଜାର ପରୀକ୍ଷାର୍ଥୀ ସମେଟିଭ ୧ ପରୀକ୍ଷା ଦେବେ ବୋଲି ଜଣାଯାଇଛି। ଏଣେ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ସମୟସୀମା ବୃଦ୍ଧି କରାଯାଇଛି। ଯେଉଁ ଛାତ୍ରମାନେ ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ଆଡମିସନ ନେଇପାରିବେ ନାହିଁ, ସେମାନେ ଡିସେମ୍ବର ୩ ରୁ ୭ ତାରିଖ ମଧ୍ୟରେ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା କାର୍ଯ୍ୟାଳୟରେ ଅଫଲାଇନ୍ ପଞ୍ଜୀକରଣ କରିପାରିବେ।

## ସଭ୍ୟ ସମାଜ ଓ ଆତଙ୍କର ଅତିବାଦ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଅସରଫ ଗନି ଦେଶ ଛାଡି ଚାଲିଯିବା ପରେ ଏକଥା ସ୍ପଷ୍ଟ ହୋଇଗଲା ଯେ, ସେ କେବଳ ଶାସନରେ ରହି ଆର୍ଥିକ ଦୋହନ କରିବାକୁ ଚାହୁଁଥିଲେ। ଯେତେବେଳେ ଦେଶ ସଙ୍କଟରେ ପଡିଥାଏ ସେତେବେଳେ ଶାସନ ମୁଖ୍ୟଙ୍କ ମାନସିକତା ନଜରକୁ ଆସିଥାଏ। ଏଭଳି ଲୋକଙ୍କ କାର୍ଯ୍ୟଶୈଳୀ କାରଣରୁ ଶାସକ ବଦନାମ ହୋଇଥାନ୍ତି ଓ ଚରମପନ୍ଥୀମାନଙ୍କର ବିକୃତ ମାନସିକତା ଓ କ୍ରୂରତାକୁ ପ୍ରୋତ୍ସାହନ ମିଳିଥାନ୍ତା। ଇସଲାମ ଧର୍ମରେ ଯେ ସହିଷ୍ଣୁ ବା ଉଦାରବାଦୀ ଲୋକ ନାହାଁନ୍ତି ତା ନୁହେଁ କିନ୍ତୁ ସମଗ୍ର ଇସଲାମ ସମୁଦାୟ ଠାରୁ ଏଭଳି କାରଣ ପାଇଁ ଅନ୍ୟ ଧର୍ମର ଲୋକେ ଦୂରେଇ ଯାଇଥାନ୍ତି। ଆଫଗାନିସ୍ତାନର ଅବସ୍ଥାକୁ ଦେଖି ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ କହିଥିଲେ ଯେ, ଯେତେବେଳେ ତାଲିବାନୀଙ୍କ ବିରୁଦ୍ଧରେ ଆଫଗାନ ସେନା ଲଢିବାକୁ ପ୍ରସ୍ତୁତ ନୁହଁନ୍ତି ସେତେବେଳେ ଆମେରିକାର ସେନା ଯୁଦ୍ଧକରିବ କାହିଁକି? ଆଧୁନିକ ଯୁଗରେ ଯେତେବେଳେ ବିଜ୍ଞାନ ତଥା ବୈଷୟିକ ଜ୍ଞାନ କୌଶଳ ସବୁ ଧର୍ମ ବାବଦରେ ସମାଜକୁ ସଚେତନ କରାଇବାରେ ଲାଗିଛି ସେତେବେଳେ ଇସଲାମିକ୍ ସଂକୀର୍ଣ୍ଣତା କମ୍ ହେବା ପରିବର୍ତ୍ତେ ବଢିବାରେ ଲାଗିଛି। ଏକ ଆତଙ୍କବାଦୀ ସଂଗଠନ ଯେତେବେଳେ ଧର୍ମ ଆଧାରରେ ଗୋଟିଏ ଦେଶକୁ କବ୍ଜା କରିନେଲା ସେତେବେଳେ ଏକଥା ମଧ କହିହେବ ନାହିଁ ଯେ ଧର୍ମ ଏବଂ ଆତଙ୍କ ମଧ୍ୟରେ ସମ୍ପର୍କ ନାହିଁ। ଏଭଳି ଆତଙ୍କବାଦୀ ସଂଗଠନମାନେ ଆଫଗାନରୁ ଶିକ୍ଷାଲାଭ କରି ଅନ୍ୟଦେଶକୁ କବ୍ଜା କରିବାକୁ ଚାହିଁବେ ନିଶ୍ଚୟ। ସବୁଠାରୁ ବଡ଼ କଥା ହେଉଛି ଆତଙ୍କବାଦୀଙ୍କ ନିକଟରେ ଘାତକ ଅସ୍ତ୍ରଶସ୍ତ୍ରର ଉପଲବ୍ଧତା। ଘାତକ ଅସ୍ତ୍ରଶସ୍ତ୍ର ସେମାନଙ୍କ ନିକଟରେ ପହଞ୍ଚିଯାଉଥିବାରୁ ସେମାନେ ଉତ୍ପାତ କରୁଛନ୍ତି। ସାମାଜିକ ଗଣମାଧ୍ୟମ ଏଭଳି ଘଟଣା ସବୁକୁ ପ୍ରୋତ୍ସାହିତ କରି ଏକପ୍ରକାର ମାନବତା ବିରୋଧୀ ଭୂମିକାରେ ରହିଛି। ଏବେ ଏଭଳି ସମୟ ଆସିଛି ଯେଉଁ ସମୟରେ ବ୍ୟକ୍ତିର ଧୈର୍ଯ୍ୟ, ସଂଯମ ଏବଂ ବିବେକ ଖୁବଶୀଘ୍ର ଭାଙ୍ଗିଯାଉଛି। ଏସବୁ କାରଣରୁ ବୋଧହୁଏ ବିଶ୍ୱରେ ଏମିତି କୌଣସି ଦେଶ ଅଛି ଯେଉଁଠି ହିଂସା, ଅଶାନ୍ତି, ଉପଦ୍ରବ ଏବଂ ରକ୍ତପାତ ନାହିଁ। ଆତଙ୍କବାଦୀ ମାନଙ୍କୁ ଯେଭଳି କିଛି ଦେଶ ପ୍ରୋତ୍ସାହନ ଯୋଗାଉଛନ୍ତି ସେଥିରୁ ସ୍ପଷ୍ଟ ଯେ, ଆଗାମୀ ଦିନରେ ସେମାନଙ୍କ ପାଖରେ ପରମାଣୁ ଅସ୍ତ୍ର ମଧ ପହଞ୍ଚିଯିବ ଓ ମହାବିନାଶର ଚରମ ଲୀଳା ବିଶ୍ୱ ଦେଖିବ।

+ ରାମଚନ୍ଦ୍ରପୁର
ରଣପୁର
(ମୋ)୯୪୩୮୪୮୫୦୯୪

## ଗୃହମନ୍ତ୍ରୀଙ୍କୁ ବିଧାନସଭାରେ ପ୍ରବେଶ ନକରାଇବାକୁ ବିଜେପିର ଦାବି

ଭୁବନେଶ୍ୱର,୦୧/୧୨(ନି.ପ୍ର): ରାଷ୍ଟ୍ର ଗୃହ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ନାମରେ ଅଭିଯୋଗ ଥିବା ବେଳେ ସେ ଦୋଷ ମୁକ୍ତ ହୋଇନାହାନ୍ତି । ସେଥିପାଇଁ ମନ୍ତ୍ରୀଙ୍କୁ ଗୃହ ପ୍ରବେଶ କରିବାକୁ ଅନୁମତି ଦିଆନଯାଉ । ଏନେଇ ବାଚସ୍ପତିଙ୍କୁ ଅନୁରୋଧ କରିଛି ମୁଖ୍ୟ ବିରୋଧୀ ଦଳ ବିଜେପି। ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ କହିଛନ୍ତି ବିଗତ ଦିନରେ ସମୀର ଦେ ମନ୍ତ୍ରୀ ଥିବା ବେଳେ ତାଙ୍କର ଆଇନ ଗତ ସମସ୍ୟା ଥିବାରୁ ତାଙ୍କୁ ବାଚସ୍ପତି ମହେଶ୍ୱର ମହାନ୍ତି ଗୃହକୁ ପ୍ରବେଶ ଉପରେ ବାରଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିଧାନସଭାରେ ୧୯,୮୩୩ କୋଟି....

ଦଳମାନଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବୁଧବାର ଦିନ ବିଧାନସଭାରେ ୧୯,୮୩୩ କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପନ କରିଛନ୍ତି । ଅତିରିକ୍ତ ବଜେଟରେ ପଂଚାୟତି ରାଜ ବିଭାଗ ପାଇଁ ସର୍ବାଧିକ ୩୬୨୪ କୋଟିର ବ୍ୟୟବରାଦ କରାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୨୩୧୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ବ୍ୟୟ ବରାଦ ୫୫୧ କୋଟି, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ୧୦୦ କୋଟି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୫୬କୋଟି, ଆଇନ୍ ବିଭାଗର ୩୬ କୋଟି, ଅର୍ଥ ବିଭାଗର ୨୫୧୯ କୋଟି ଅତିରିକ୍ତ ବ୍ୟୟବରାଦ କରାଯାଇଛି। ସେହିପରି ବାଣିଜ୍ୟ ବିଭାଗର ୯ କୋଟି, ନିର୍ମାଣ ବିଭାଗର ୧୦୯ କୋଟି, ଓଡ଼ିଶା ବିଧାନସଭାର ୧ କୋଟି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୧୧୪୧ କୋଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୧୬୦୫ କୋଟି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ୧୯୭ କୋଟି ଅତିରିକ୍ତ ବ୍ୟୟ ବରାଦ କରାଯାଇଛି। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୨୩୧୦ କୋଟି, ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗର ୩୯ କୋଟି, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗର ୨୨ କୋଟି, କ୍ରୀଡ଼ା ଓ ଯୁବସେବା ବିଭାଗର ୧୯୫ କୋଟି, ଯୋଜନା ଓ ସଂଯୋଜନ ବିଭାଗର ୪ କୋଟି, ପଂଚାୟତିରାଜ ଓ ପାନୀୟଜଳ ବିଭାଗର ୩୬୨୪ କୋଟି ଅତିରିକ୍ତ ବ୍ୟୟବରାଦ କରାଯାଇଛି। ସେହିପରି ଜଳସମ୍ପଦ ବିଭାଗର ୪୦୫ କୋଟି, ପରିବହନ ବିଭାଗର ୧୧୬ କୋଟି, ଜଙ୍ଗଲ ଓ ପରିବେଶ ବିଭାଗର ୧୧୦ କୋଟି, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ୧୭୬ କୋଟି, ଇସ୍ପାତ ଓ ଖଣି ବିଭାଗର ୫କୋଟି, ସୂଚନା ଓ ଲୋକସମ୍ପର୍କ ବିଭାଗର ୮୪ କୋଟି, ଅବକାରୀ ବିଭାଗର ୧୨ କୋଟି, ବିଜ୍ଞାନ ଓ ବୈଷୟିକ ବିଭାଗର ୭୫ କୋଟି ଅତିରିକ୍ତ ବ୍ୟୟବରାଦ କରାଯାଇଛି।

### ଅବପାତର ରୂପ ନେବା ପରେ....

ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହା ବ୍ୟତୀତ ୫ ତାରିଖ ସକାଳ ଠାରୁ ୬ ତାରିଖ ସକାଳ ମଧ୍ୟରେ ଜଗତସିଂହପୁର, କେନ୍ଦ୍ରାପଡା, କଟକ, ଭଦ୍ରକ, ବାଲେଶ୍ୱର, ଯାଜପୁର, ମୟୁରଭଂଜ ଏବଂ ପୁରୀ ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଏବଂ କେନ୍ଦୁଝର, ଢେଙ୍କାନାଳ , ଅନୁଗୁଳ. ଖୋର୍ଦ୍ଧା, ନୟାଗଡ, ଗଂଜାମ ଓ ଗଜପତି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳ ବର୍ଷା ହେତୁ ତଳିଆ ବଂଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା , କଚ୍ଚା ରାସ୍ତା ଓ ଖର କ୍ଷତିଗ୍ରସ୍ତ ହେବା ସହ ପାଣି ଜମିବା , ଫସଲ ନଷ୍ଟ ଏବଂ ପାହାଡିଆ ଅଂଚଳରେ ଭୂସ୍ଖଳନ ଆଶଙ୍କା ରହିଛି। ସମୁଦ୍ର ଅଶାନ୍ତ ରହୁଥିବାରୁ ସମୁଦ୍ର ମଧ୍ୟକୁ ନଯିବାକୁ ମତ୍ସ୍ୟଜୀବୀ ମାନଙ୍କୁ ପରାମର୍ଶ ଦିଆଯାଇଛି।

### ବେଲଜିୟମକୁ ହରାଇ....

ଗୋଲ ପୋଷ୍ଟ ସାମ୍ନାରେ ଗୋଲ ମାରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ଫଳ ଶୂନ୍ୟ ହୋଇଥିଲା। ପ୍ରଥମ କ୍ୱାର୍ଟରେ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ପୂରା ୮୦ ପ୍ରତିଶତ ଚାପରେ ରହିଲା ବେଲଜିୟମ। ମ୍ୟାଚର ୨୧ତମ ମିନିଟରେ ଭାରତକୁ ମିଳିଥିବା ପ୍ରଥମ ପେନାଲଟି କର୍ଣ୍ଣରର ସୁଯୋଗକୁ ହାତଛଡ଼ା ନକରି ଡ୍ରାଗ ଫ୍ଲିକର ଶାରଦାନନ୍ଦ ତିୱାରୀ ଗୋଲ ସ୍କୋର କରିଥିଲେ। ତାର କିଛି ସମୟ ବ୍ୟବଧାନରେ ରେଡ୍ ଲାୟନ୍ସକୁ ମଧ ଏକ ପେନାଲଟି କର୍ଣ୍ଣର ସୁଯୋଗ ମିଳିଥିଲେ ସୁଦ୍ଧା ହାତଛଡ଼ା କରିଥିଲେ। ମ୍ୟାଚ ହାଫ୍ ଟାଇମ ସୁଦ୍ଧା ୧-୦ ଗୋଲରେ ଆୟୋଜକ ଭାରତ ଆଗୁଆ ରହିଥିଲା। ତୃତୀୟ କ୍ୱାର୍ଟରରେ ଘମାଘୋଟ ଲଢେଇ ଦେଖିବାକୁ ମିଳିଛି। ଉପସ୍ଥିତ ଦର୍ଶକଙ୍କ ତାଳି ଓ ଇଣ୍ଡିଆ ଇଣ୍ଡିଆରେ ଫାଟି ପଡୁଥିଲା ଷ୍ଟାଡିୟମ। ବେଲଜିୟମ ଗୋଲ ଦେଇ ସ୍କୋରକୁ ସମାନ କରିବା ପାଇଁ ଘନଘନ ଆକ୍ରମଣ କରୁଥିଲା। ହେଲେ ସଫଳ ହୋଇ ପାରିନଥିଲା। ସେହିପରି ଭାରତ ମଧ ଆଉଏକ ଗୋଲ ଦେଇ ମ୍ୟାଚକୁ ନିଜ ସପକ୍ଷରେ ନେବା ପ୍ରୟାସରେ ପ୍ରତିଆକ୍ରମଣ କରିଥିଲା। କିନ୍ତୁ ଅଳ୍ପକେ ଗୋଲରୁ ବଞ୍ଚିତ ହେଉଥିଲା। ଫଳରେ ସେହି ୧-୦ ଗୋଲରେ ଭାରତ ଆଗୁଆ ରହିଥିଲା। ଚତୁର୍ଥ କ୍ୱାର୍ଟର ବେଲଜିୟମ ପାଇଁ କର ବା ମର ପରିସ୍ଥିତି ଥିଲା। ଗୋଟିଏ ଗୋଲ କରିବାକୁ ଜି-ଜାନ ଲଗାଇଥିଲା। ଭାରତ ଏକାଧିକ ଗୋଲ କରି ସେଫ ସାଇଡରେ ରହିବାକୁ ଉଦ୍ୟମ କରୁଥିଲା। ଏତିକି ବେଳେ ୫୧ତମ ମିନିଟରେ ବେଲଜିୟମକୁ ଏକ ପେନାଲଟି କର୍ଣ୍ଣର ସୁଯୋଗ ମିଳିଥିଲା। କିନ୍ତୁ ବେଲଜିୟମ ଗୋଲ ଦେବାକୁ ସକ୍ଷମ ହୋଇପାରି ନଥିଲା।

### ବାତ୍ୟା ଜୱାଦ ପାଇଁ ପ୍ରସ୍ତୁତ ରହିବାକୁ ....

ମାଇକ୍ରେ ପ୍ରଚାର କରିବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ପାଚି ଯାଇଥିବା ଫସଲ ଏବଂ ପରିପକ୍ୱ ପନିପରିବା ଆଦିକୁ ଆଗୁଆ ଅମଳକରି ନିରାପଦ ସ୍ଥାନକୁ ଆଣିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ । ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ୍ କମିଶନ୍ ପ୍ରଦୀପ କୁମାର ଜେନା କହିଥିଲେ ଯେ ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଜୱାଦ୍ ଆସନ୍ତା ୪ ତାରିଖ ସୁଦ୍ଧା ଦକ୍ଷିଣ ଓଡ଼ିଶା ଏବଂ ଉତର ଆନ୍ଧ୍ରପ୍ରଦେଶ ର ନିକଟବର୍ତ୍ତୀ ସମୁଦ୍ରରେ ପହଂଚିବ । ଫଳରେ ୩ ତାରିଖ ସକାଳୁ ଓଡ଼ିଶା ଉପକୂଳ ନିକଟବର୍ତ୍ତୀ ଜିଲ୍ଲାମାନଙ୍କରେ ପ୍ରବଳରୁ ପ୍ରବଳତର ବର୍ଷା ଏବଂ ୭୦-୯୦ କି.ମି. ପବନ ବହିବାର ପୂର୍ବାନୁମାନ କରାଯାଇଛି। ତେବେ ଆସନ୍ତାକାଲି ଭାରତୀୟ ପାଣିପାଗ ବିଭାଗଙ୍କ ତରଫରୁ ବାତ୍ୟାର ଗତିପଥ ଓ ପବନର ଗତି ବିଷୟରେ ଅଧିକ ସୂଚନା ମିଳିବ । ଇତି ମଧ୍ୟରେ ଓଡ୍ରାଫ୍, ଏନ୍.ଡି.ଆରଏଫ୍. ଏବଂ ଫାୟାର ସର୍ଭିସ୍ ଟିମ ମାନଙ୍କୁ ପ୍ରସ୍ତୁତ କରାଯାଇଛି ।

### ମୁଖ୍ୟମନ୍ତ୍ରୀଙ୍କ କୋଭିଡ ମୁକାବିଲା....

ଜୋରଦାର କରିବା ପାଇଁ ପଦକ୍ଷେପ ନିଆଯାଉଛି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମା କହିଥିଲେ ଯେ ରାଜ୍ୟରେ ବର୍ତ୍ତମାନ ଟେଷ୍ଟ ପଜିଟିଭ ହାର ମାତ୍ର ୦.୪୪ ପ୍ରତିଶତ ରହିଛି । ଚାରୋଟି ଜିଲ୍ଲା ଖୋର୍ଦ୍ଧା, କଟକ, ସୁନ୍ଦରଗଡ ଓ ସମ୍ବଲପୁରର କିଛି ଅଂଚଳରେ ଅପେକ୍ଷାକୃତ ଅଧିକ କେସ୍ ବାହାରିଥିଲେ ମଧ ପରିସ୍ଥିତି ସଂପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ନୂଆ ରୋଗୀ ମାନଙ୍କର ଜେନମ୍ ସ୍ୱିକେସିଂ ପାଇଁ ମଧ ନମୁନା ପଠାଯାଉଛି। ରାଜ୍ୟରେ ପ୍ରଥମ ଡୋଜ ଟୀକାକରଣ ୮୫.୬ ପ୍ରତିଶତ ଥିବାବେଳେ ଦ୍ୱିତୀୟ ଡୋଜ ଟୀକାକରଣ ୪୮.୪ ପ୍ରତିଶତ ରହିଛି, ଯାହା କି ଜାତୀୟ ହାର ଠାରୁ ଉନ୍ନତ ରହିଛି। ଘରକୁ ଘର ବୁଲି ଟୀକାକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ବୈଠକରେ ପୋଲିସ ମହାନିର୍ଦ୍ଦେଶକ ଅଭୟ, ପୋଲିସ କମିଶନରଙ୍କ ସମେତ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ମହାନଗର ନିଗମ ଗୁଡିକର କମିଶନର ଏବଂ ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଥିଲେ।

### ବଢୁଛି ଓମିକ୍ରନ୍ ଡର : ୪ ଲଣ୍ଡନ ....

ରହିବାକୁ ପଡ଼ିବ । ପ୍ରଭାବିତ ଦେଶରୁ ଆସୁଥିବା ଯାତ୍ରୀଙ୍କୁ ପ୍ରାଥମିକତା ଆଧାରରେ ବିମାନରୁ ବାହାର କରାଯିବ । ସେମାନଙ୍କ ଯାଂଚ ପାଇଁ ଏମ୍ଆଏଏଲ ଓ ଏୟାରପୋର୍ଟ ଅଥରିଟି ଦ୍ୱାରା ଅଲଗା କାଉଂଟରର ବ୍ୟବସ୍ଥା ହେବ । ସମସ୍ତ ଯାତ୍ରୀଙ୍କୁ ୭ ଦିନ କ୍ୱାରେଂଟାଇନରେ ରଖାଯିବା ସହ ଦ୍ୱିତୀୟ, ଚତୁର୍ଥ ଓ ସପ୍ତମ ଦିନରେ ଆରଟିପିସିଆର ଟେଷ୍ଟ କରାଯିବ । ଏହି ସମୟରେ ଯଦି କୌଣସି ଯାତ୍ରୀ ପଜିଟିଭ୍ ଚିହ୍ନଟ ହୁଅନ୍ତି, ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯିବ । ମୁମ୍ବାଇ, କଲ୍ୟାଣ, ପୁନେରୁ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

### ଢେଙ୍କାନାଳରେ ୩୩ ଶିକ୍ଷାର୍ଥୀ ....

୫ଟି ହଷ୍ଟେଲକୁ ମାଇକ୍ରୋ କଣ୍ଟେନମେଣ୍ଟ ଭାବେ ଘୋଷଣା କରାଯାଇଥିଲା। ସେହିପରି ସେହି ଅଞ୍ଚଳରେ ଥିବା ଅନ୍ୟ ୪ଟି ହଷ୍ଟେଲ ସମେତ ପାଖରେ ଥିବା ଷ୍ଟାଫ୍‌ମାନଙ୍କ ସରକାରୀ ଘରଗୁଡ଼ିକୁ ବଫର ଜୋନ୍ ଭାବେ ଘୋଷଣା କରାଯାଇଥିଲା। ସେହିପରି ସୁନ୍ଦରଗଡ଼ର ଏକ ବାଳିକା ବିଦ୍ୟାଳୟର ୫୩ ଛାତ୍ରୀ କରୋନାରେ ଆକ୍ରାନ୍ତ ହୋଇଥିଲେ। ଆକ୍ରାନ୍ତମାନେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରୀ ବୋଲି ସୂଚନା ମିଳିଥିଲା। ପ୍ରଥମେ କିଛି ଛାତ୍ରୀଙ୍କର ସାମାନ୍ୟ ଥଣ୍ଡାକାଶ ଲକ୍ଷଣ ଦେଖାଦେଇଥିଲା। ଆକ୍ରାନ୍ତମାନଙ୍କୁ ଆଇସୋଲେସନରେ ରଖାଯାଇଛି। କୋଭିଡରେ ଆକ୍ରାନ୍ତ ହୋଇଥିବା ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସାମାନ୍ୟ ରହିଛି । ଏତେ ସଂଖ୍ୟକ ଛାତ୍ରୀ କରୋନା ଚିହ୍ନଟ ହେବା ପରେ ସ୍କୁଲ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି।

### ଆବାସ ଯୋଗାଇବାରେ ପାତରଅନ୍ତରକୁ ....

ଅବହେଳା ପ୍ରସଙ୍ଗ ଉଠାଇଥିଲେ । ଆଉ ଏ ନେଇ ରାଷ୍ଟ୍ରପତିଙ୍କୁ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ଦେଇଛନ୍ତି । ସେପଟେ କେନ୍ଦ୍ର ସରକାରଙ୍କ ବିରୋଧରେ ଗାନ୍ଧିମାର୍ଗରେ ଗର୍ଜିଛନ୍ତି ଚାଷୀ । କଟକ ଓ ବରଗଡର ଜିଲ୍ଲାର ଚାଷୀ ସଂଗଠନର ସଦସ୍ୟମାନେ, ଧାନର ଏମଏସପି ବୃଦ୍ଧି ଓ ସ୍ୱାମୀନାଥନ କମିଟି ରିପୋର୍ଟ ଓ କୃଷକ ବୀମା ଲାଗୁ କରିବା ଦାବିରେ ଅହୋରାତ୍ର ଗଣଧାରଣା ଦେଇଛନ୍ତି । ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଇସ୍ତଫା ଦାବିରେ ବିଜେପି ବିଧାୟକମାନେ ଗୃହ ବାହାରେ ପ୍ରତିବାଦ କରିଛନ୍ତି । ମନ୍ତ୍ରୀ ଯେପର୍ଯ୍ୟନ୍ତ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହୋଇନାହାନ୍ତି, ସେ ପର୍ଯ୍ୟନ୍ତ ବିଧାନସଭା ପ୍ରବେଶ ପାଇଁ ଅନୁମତି ନଦେବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଛି ବିଜେପି । ଏବଂ ଏଥିପାଇଁ ଆଦେଶନାମା ଜାରି କରିବାକୁ ଦାବି କରିଛି ।

## ପାରାଦୀପ ବନ୍ଦର ପକ୍ଷରୁ ବିଶ୍ୱ ଏଡସ୍ ଦିବସ ପାଳିତ

ପାରାଦୀପ,୦୧/୧୨ (ନି.ପ୍ର): ପାରାଦୀପ ବନ୍ଦର ପକ୍ଷରୁ ଶୁକ୍ରବାର ଦିନ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବନ୍ଦର ଚିକିତ୍ସାଳୟରେ ଏକ ସଚେତନତା ଶୋଭାଯାତ୍ରା ବାହାରି ସହରାଂଚଳ ପରିକ୍ରମା କରିଥିଲା । ପାରାଦୀପ ବନ୍ଦରର ଅଧ୍ୟକ୍ଷ ପି.ଏଲ.ହାରାନାଦ୍ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷ୍, ବନ୍ଦରର ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରହଲ୍ଲାଦ ପଣ୍ଡା,ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ପି.ଗିରିଜା ସୁନ୍ଦରୀଙ୍କ ସମେତ ବନ୍ଦରର ବହୁ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସଚେତନତା ଶୋଭାଯାତ୍ରାରେ ସିଆଇଏସଏଫର ଯବାନ, ପାରାଦୀପ ସାକ୍ଷରତା ସମିତିର ସ୍ୱେଚ୍ଛାସେବୀମାନଙ୍କ ସମେତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇଆର୍‌ଡିଏମଏସ୍‌ର ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ବନ୍ଦରର ଗେଟ୍-୩ ଠାରେ ଏଚ୍.ଆଇ.ଭି. ପରୀକ୍ଷଣ କରାଯାଇ ୫୬ଜଣଙ୍କର ରକ୍ତ ପରୀକ୍ଷଣ କରାଯାଇଥିଲା ।

## ଡ଼କାୟତି ଉଦ୍ୟମ ପଣ୍ଡ, ୫ ଗିରଫ

ପୁରୀ,୦୧/୧୨ (ନି.ପ୍ର): ଷ୍ଟଲିନ୍ ବାଇପାସ୍ ରୋଡ଼ଠାରେ ବାହାରୁ ଆସୁଥିବା ଗାଡ଼ିରୁ ଡ଼କାୟତି କରିବାକୁ ଯୋଜନା କରୁଥିବା ଅଭିଯୋଗରେ ୫ଜଣଙ୍କୁ ବଳିଆପଣ୍ଡା ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେହେଲେ ତାଳବଣିଆ ଥାନା ଅନ୍ତର୍ଗତ ଟିକରପଡ଼ା ମହାନ୍ତିସାହିର ଲକି ଓରଫ ସୁମନ କୁମାର ଦାସ୍(୨୬), ମାଟିଆପଡ଼ାର ସ୍ୱାଭିମାନ ନାୟକ (୨୬),ଟାଉନ୍ ଥାନା ଦୋଳମଣ୍ଡପସାହି ଖୁଣ୍ଟିଆ ଲେନ୍‌ର ଲାଲା ଓରଫ ସନ୍ତୋଷ ନାୟକ(୪୪),ବଳିଆପଣ୍ଡାଥାନା ଅନ୍ତର୍ଗତ ବିଧବା ଆଶ୍ରମଛକ ଗ୍ରାମ୍ୟବ୍ୟାଙ୍କଲେନ୍‌ର ଶଙ୍କୁ ଓରଫ ଶଙ୍କର ଗୋଲଦାର(୩୨) ଓ ବଳିଆପଣ୍ଡା ବସ୍ତି ଶାନ୍ତି ଗେଷ୍ଟହାଉସ୍ ଲେନ୍‌ର ଶଙ୍କର ନାୟକ(୫୨)। ଅଭିଯୁକ୍ତମାନଙ୍କ ନିକଟରୁ ଏକ ଖଣ୍ଡା, ଗୋଟିଏ ଜୀବନ୍ତ ହାତବୋମା,ଗୋଟିଏ ଲୁହାରଡ଼ ଓ ଏକ ଛୁରି ଜବତ କରାଯାଇଛି । ତେବେ ଏହି ଡ଼କାୟତି ଯୋଜନାରେ ସମ୍ପୃକ୍ତ ଅନ୍ୟ ଦୁଇ ଜଣ ଅନ୍ଧକାର ସୁଯୋଗନେଇ ଫେରାର ହୋଇଯାଇଛନ୍ତି।

## ଡ଼ାକ୍ତର ଖାନା ଡାକ୍ତର ଥାଇ, ରୋଗୀ ଡାକ୍ତର ଖୋଜିଲା ବେଳକୁ କେହି ନାହାନ୍ତି

ଭୁବନେଶ୍ୱର,୩୦/୧୧(ନି.ପ୍ର): ଖୋରଧା ଜିଲ୍ଲା, ଖୋରଧା ବ୍ଲକ୍, ଭଗବାନପୁର ଶାସନ, (ହଳଦୀଆ C,H,C) ଡାକ୍ତର ବହୁତ ମାତ୍ର ଖୋଜିଲା ବେଳକୁ କେହି ନାହାନ୍ତି। ସେଠାରେ ଡାକ୍ତର ମୁଖ୍ୟ ଅଧିକାରୀ ମିଶାଇ ନଅ ଜଣ ଡ଼ାକ୍ତର,୮ ଜଣ contractual positing,ଏହା ରାଜଧାନୀ ପାଖା ୫୦ କିଲୋମିଟର ହୋଇ ଥିବାରୁ ବଡ ବଡିଆ ପୁଅ ଝିଅ ଏହାକୁ ପସନ୍ଦ କରି ଆସିଥାନ୍ତି। ମାତ୍ର କେହି ରହନ୍ତି ନାହିଁ। ଯିବା ଆସିବା ପାଳି କରି କାମ କରନ୍ତି ମନ ମୁତାବକ ଶୁଣାଯାଏ ଦେଖା ଯାଏ। ରାତିରେ ପ୍ରାୟେ କେହି ରହନ୍ତି ନାହିଁ। କାରଣ ଏହି ଜାଗାର ମୂଖ୍ୟ ମୁରବୀ ଡ଼ା , ଆଚାର୍ଯ୍ୟ ମେରୀ ରାୟ ଶାସନ। ସେ ସାତ ଦିନରେ ଥରେ ଆସନ୍ତି। ସଦା ରାଜଧାନୀ ରେ ରହି ଘରୋଇ ପ୍ରାଟିଶି କରନ୍ତି ଓ ବିଭିନ୍ନ ନର୍ସିଂ ହୋମ, କିଛି ଔଷଧ ଦୋକାନ ବସି ରୋଗୀ ଦେଖିବା ଓ ଅପରେସନ କରିବା ଶୁଣିବାକୁ ମିଳେ। ତାଙ୍କୁ ଖୋଜିଲା ବେଳକୁ ତାଙ୍କ କିରାଣୀ କହେ ସାର ଟୁର ଯାଇଛନ୍ତି । ମାତ୍ର ଇଞ୍ଚ ଦେଖା କହିବାରୁ ଚୁପ୍। କେତେବେଳେ କହନ୍ତି ଛୁଟିରେ ଅଛନ୍ତି। ୟେହା ଜାଣି କିଛି ସାମ୍ବାଦିକ ଯାଇ ଖୋଜିଲେ, ସେ ନଥିବା ଜାଣି ଫୋନ କଲେ ସେ ଡ଼ାକ୍ତର କହିଲେ ମୁ ଛୁଟିରେ ଅଛି। ତାପରେ ସାମ୍ବାଦିକ ଆସି ଖୋରଧା ମୂଖ୍ୟ ଚିକିତ୍ସା ଅଧିକାରୀଙ୍କୁ ତାଙ୍କ ଷ୍ଟେନୋ ଚାର୍ଜ ଥିବା ବାବୁଙ୍କୁ ପଚାରିବାରୁ ତାଙ୍କର ଛୁଟି ଦରଖାସ୍ତ ନାହିଁ,କି ସେ ତାଙ୍କ, A.T.P ବହୁବାର କହିବା ପରେ ଦିଅନ୍ତି ନାହିଁ। ଆମ ପାଖକୁ ତାଙ୍କ ଅନୁପସ୍ଥିତି ଖବର ଆସେ ମାତ୍ର ଲିଖିତ କେହି ଦିଅନ୍ତି ନାହିଁ। ଏହି ଖବର ଆସିବା ପରେ ଗଣମାଧ୍ୟମ ପ୍ରତିନିଧି ଆସି କିଛି କହିଥିଲେ, ତାଂକୁ କୁହା ଯାଇ ସତର୍କ କରା ଯାଇଥିଲା। ମାତ୍ର ତାହା ଶୁଣନ୍ତି ନାହିଁ, ସେ କୁଆଡେ ମନ୍ତ୍ରୀ ବିଧାକ ଲୋକ। ଆମ ପ୍ରତି ନିଧି ଯାଇ ଦେଖିଲା ବେଳକୁ ନାହାନ୍ତି, ଫୋନ କଲା ପରେ କହିଲେ ମୋର ଯିବାଆସିବା କରିବା ଦେଖା ଯାଇଛି। ଖୋର୍ଦ୍ଧା ମୂଖ୍ୟ ଚିକିତ୍ସା ଅଧିକାରୀ, ଅନ୍ୟ ବାବୁ ମାନେ ଯାଉଛନ୍ତି ଭୁବନେଶ୍ୱର ରହୁଛନ୍ତି। ମୋର ରହିବା ଦେଖା ଯାଉଛି। ଖୋର୍ଦ୍ଧା ଡାକ୍ତଖାନାଗୁଡ଼ିକରେ କେହି ରହନ୍ତି ନାହିଁ ସମସ୍ତେ ଭୁବନେଶ୍ୱର ରହନ୍ତି। ମୋର ତୁମେ କଣ କରିବାର ଅଛି କର। ଏହି ଖବର ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସଧିକାରୀଙ୍କୁ ଓ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓଡ଼ିଶା ଙ୍କୁ ଜଣାଇ ଦିଆ ଯାଇଛି । ଦେଖିବାର ଅଛି କଣ କାର୍ଯ୍ୟ ଅନଷ୍ଟନ ହେଉଛି।

## ଇଫକୋର ନାନୋ ଫର୍ଟିଲାଇଜର୍ ପ୍ଲାଣ୍ଟର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ




ପାରାଦୀପ, ୦୧/୧୨ (ନି.ପ୍ର): ଏସିଆର ବୃହତ୍ତ ସାର ଉତ୍ପାଦନକାରୀ ଇଫକୋ ପାରାଦୀପ ୟୁନିଟ୍ ପରିସରରେ ଏକ ନୂତନ ପ୍ଲାଣ୍ଟର ଶିଳାନ୍ୟାସ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅନଷ୍ଠିତ ହୋଇଛି । ଇଫକୋ ପରିସରରେ ଇଫକୋର ନୂଆ ତରଳ ନାନୋ ଫର୍ଟିଲାଇଜର ପ୍ଲାଣ୍ଟ ସ୍ଥାପିତ ହେବ । ଭିଡିଓ କନ୍‌ଫରେନ୍ସିଙ୍ଗ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଏହି ନୂତନ ପ୍ଲାଣ୍ଟ ଆଗାମୀ ୨୦୨୩ ମସିହା ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଇଫକୋ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି । ୨୨୫କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପ୍ଲାଣ୍ଟ ଇଫକୋର ପରିଚାଳନା ନିର୍ଦ୍ଦେଶକ ଡ. ଉଦୟ ଶଙ୍କର ଅଗସ୍ତିଙ୍କର ଏହି ନୂତନ ଚିନ୍ତାଧାରା କାର୍ଯ୍ୟକ୍ଷମ ହେଲେ କୃଷକମାନଙ୍କର ସାର ଖର୍ଚ୍ଚ କମ୍ ହେବ ବୋଲି ଜଣାପଡିଛି । ଦୈନିକ ପାଖାପାଖି ୧୦୦କିଲୋଲିଟର ନାନୋ ତରଳ ଡିଏପି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି । କୃଷକମାନେ ସାରର ବ୍ୟବହାର କମ୍ କରି ନାନୋ ତରଳ ଡିଏପିର ବ୍ୟବହାର କଲେ ଅଧିକ ଉତ୍ପାଦନ କରିବେ । ଏହି ନାନୋ ତରଳ ଡିଏପି ପରିବେଶକୁ ପ୍ରଦୂଷଣ କରିବ ନାହିଁ ବୋଲି ସୂଚନା ମିଳିଛି । ଏହି ଶିଳାନ୍ୟାସ ସମାରୋହରେ ଇଫକୋର ୟୁନିଟ୍ ହେଡ୍ କେ.ଜେ.ପଟେଲ୍ ଏବଂ ତାଙ୍କ ଟିମ୍ ସହିତ କର୍ମଚାରୀ ସଂଘ ଏବଂ ଅଧିକାରୀ ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ବାର୍ଷିକ ସାଧାରଣ ସଭା ପାଇଁ ପ୍ରସ୍ତୁତି

ବାଲେଶ୍ୱର,୦୧/୧୨ (ନି.ପ୍ର): ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ବାର୍ଷିକ ସାଧାରଣ ସଭା ଓ ସମ୍ମିଳନୀ ଆୟୋଜନ ସମ୍ପର୍କିତ ବୈଠକ ସହରର ମଠସାହି ଶାଖା କମିଟି ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ରାଜେନ୍ଦ୍ର କୁମାର ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ମଠସାହି ଶାଖା କମିଟିର ସମ୍ପାଦକ ରମାକାନ୍ତ ମହାନ୍ତି ସ୍ୱାଗତ କଥା ରଖିବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ସଂଖ୍ୟା ବୃଦ୍ଧି କରିବା, ବାଲେଶ୍ୱର ମେଡିକାଲ କଲେଜ ହସପିଟାଲରେ ହୃଦରୋଗ ଓ ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପ୍ରସ୍ତାବରେ ଏହି ବୈଠକରେ ଆଲୋଚନା କରିଥିଲେ। ରଘୁନାଥ ଲେଙ୍କା, ଶୋଭନା ମିଶ୍ର, ଲମ୍ବୋଦର ନାୟକ, ପଦ୍ମଲୋଚନ ଦତ୍ତ ଓ ଦୀନବନ୍ଧୁ ଲେଙ୍କାଙ୍କ ସମେତ ଜିଲା କମିଟିର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଜନସଂପର୍କ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, କୋଷାଧ୍ୟକ୍ଷ ପ୍ରଫୁଲ ଦାସ, ଉପଦେଷ୍ଟା ପ୍ରଫେସର ଅନନ୍ତ ପ୍ରଧାନ ଏଥିରେ ଯୋଗଦେଇ ଆସନ୍ତା ବାର୍ଷିକ ଅଧିବେଶନ ଆୟୋଜନ ଓ ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା କରିଥିଲେ।ଆସନ୍ତା ଜାନୁଆରୀ ପ୍ରଥମ ସପ୍ତାହରେ ବାର୍ଷିକ ସମ୍ମିଳନୀ ପୂର୍ବରୁ କ୍ରିୟାନୁଷ୍ଠାନ କମିଟିର ସଭ୍ୟସଂଖ୍ୟା ବୃଦ୍ଧି ପାଇଁ ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା।

## ବି.ବି.ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗରେ ନୂତନ ବିଦ୍ୟାର୍ଥୀଙ୍କୁ ସ୍ୱାଗତ




ବାରିପଦା,୦୧/୧୨(ନି.ପ୍ର): ବାଇଗଣବାଡିଆ ସ୍ଥିତ ବି.ବି.ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗରେ +୩ ପ୍ରଥମବର୍ଷ ଛାତ୍ରଛାତ୍ରୀଙ୍କର ସ୍ୱାଗତଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ଯତୀନ୍ଦ୍ରନାଥ ସିଂଦେବ ସଚ୍ଚାନ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଶିକ୍ଷାୟତନ ଆମ ପାଇଁ ଶ୍ରୀକ୍ଷେତ୍ର ପରି । ଏହି ଶିକ୍ଷାୟତନର ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଆମର ପଥ ପ୍ରଦର୍ଶକ । ସେମାନଙ୍କର ପ୍ରଦର୍ଶିତ ରାସ୍ତାରେ ଗଲେ ସଫଳତାର ଶିଢି ଆହୋରଣ କରିହୁଏ ବୋଲି ଅଧ୍ୟକ୍ଷ ଡ.ସଚ୍ଚାନ ମତବ୍ୟକ୍ତ କରିଥିଲେ । ବିଭାଗୀୟମୁଖ୍ୟ ପ୍ରଧାପିକା ଡକ୍ଟର ସଂଯୁକ୍ତା ମହାନ୍ତି ବିନୟଗୁଣ ଦ୍ୱାରା ସମସ୍ତଙ୍କର ମନ ନେବାସହ ଅନୁଷ୍ଠାନର ଗୌରବ ରଖିବାପାଇଁ ସେ ପରାମର୍ଶ ଦେଇଥିଲେ। ଭଲ ପାଠପଢି ମିଳିମିଶି ଶିକ୍ଷାନୁଷ୍ଠାନର ଯଶ ରଖିବା ତଥା ଉତ୍ତମ ସମାଜ ଗଠନରେ ସହଯୋଗ କରିବାପାଇଁ ନୂତନ ବିଦ୍ୟାର୍ଥିଙ୍କୁ ପରାମର୍ଶ ଦେଇଥିଲେ ଅଧ୍ୟାପିକାଡକ୍ଟର ଅନ୍ନପୂର୍ଣ୍ଣା ଧଳ । ବିଭାଗର ଡେମନଷ୍ଟ୍ରେଟର ଶ୍ରୀଶୁଶାନ୍ତ କୁମାର ବୋଡେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଓ ଶିକ୍ଷାର୍ଥୀର ଜୀବନଧାରା ସମ୍ପର୍କରେ ନିଜର ମତ ପ୍ରଦାନ କରିଥିଲେ । +୩ ତୃତୀୟବର୍ଷ ଛାତ୍ରୀ କୁମାରୀ ମୟୂରାକ୍ଷୀ ଛାଟିଆ ସ୍ୱାଗତ ଭାଷଣ ଦେଇଥିଲେ ତଥା +୩ର ଦ୍ୱିତୀୟବର୍ଷଛାତ୍ର ଶ୍ରୀ ଗୁରୁକୃଷ୍ଣ ସୋରେନ ଧନ୍ୟବାଦ ଅର୍ପଣକରିଥିଲେ।

## ବିଜୁ ସ୍ୱାସ୍ଥ୍ୟ ଯୋଜନା କାର୍ଡ ବଣ୍ଟନ



ବସ୍ତା,୦୧/୧୨(ନି.ପ୍ର): ବିଜୁ ସ୍ୱାସ୍ଥ୍ୟ ଯୋଜନା କାର୍ଡ ବଣ୍ଟନ ବସ୍ତାବ୍ଲକ ବରୁଣ ଗଡିଆGP ଓ ବ୍ରାହ୍ମଣଦାGPରେ ମୁଖ୍ୟ ଅତିଥି ଭାବେ ବସ୍ତାର ମାନ୍ୟବର ବିଧାୟକ ନିତ୍ୟାନନ୍ଦ ସାହୁ ବସ୍ତାବ୍ଲକ ଚେୟାରମେନ ଲକ୍ଷ୍ମୀଧର ଦାସ ଉପାଧ୍ୟକ୍ଷ୍ୟ ରଞ୍ଜନା ଦାସ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମାପ୍ରସାଦ ବେହେରା ରାଜ୍ୟମହିଳା କାର୍ଯ୍ୟକାରୀ ସଭାପତି ଶ୍ରୀମତି ସୁବାସିନୀ ଜେନା ବ୍ଲକ ସଭାପତି ତଥା ସଦାନନ୍ଦପୁରGP ସରପଞ୍ଚ ଅନୀଲ ମହାନ୍ତି ଜିଲ୍ଲାପରିଷଦ ଶମ୍ଭୁନାଥ ସେଠୀ ରଞ୍ଜନା ଦାସ ସମିତି ସଭ୍ୟ ମମତା ସାମଲ ବରିଷ୍ଠ ନେତା ହରଗୋପାଳ ସିଂ ମହାଦେବ ଦାସ ପ୍ରମୁଖ ଯୋଗ ଦେଇ ମାନ୍ୟବର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଗରୀବ ଅସହାୟଙ୍କ ପ୍ରତି ଥିବା ଦୟାବାନ ହୃଦୟର ବାର୍ତ୍ତା ଉପସ୍ଥିତ ଜନତାଙ୍କୁ ଦର୍ଶାଇଥିଲେ । ନିଜନିଜ ବକ୍ତବ୍ୟ ମାଧ୍ୟମରେ ପରିଶେଷରେ ଦୁଇ ସରପଞ୍ଚ ନିଜ ପଞ୍ଚାୟତ ପରିସରରେ ଲିପିକା ରାଉଳ ଓ ବିଷ୍ଣୁପ୍ରିୟା ବୁଗୁଡି ଉପସ୍ଥିତ ଅତିଥି ମାନଙ୍କ ହସ୍ତରେ କାର୍ଡ ବଣ୍ଟନ କରାଇ ଧନ୍ୟବାଦ ଅର୍ପଣ କରି ଥିଲେ । ସଭାଟିକୁ ସରସ ସୁନ୍ଦର କରିବିରେ ସୁବଧ ରାଉଳ ଶୌଳେନ୍ଦ୍ର ବେହେରା ପ୍ରଭାତ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ଜିଲ୍ଲା ବିତରକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ବାଲେଶ୍ୱର,୦୧/୧୨ (ନି.ପ୍ର): ଖବର କାଗଜ ବିକ୍ରେତାଙ୍କ ସାମାଜିକ ସୁରକ୍ଷାକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀଙ୍କ ବହୁବିଧ ସହାୟତା ଘୋଷଣାକୁ ନେଇ ବାଲେଶ୍ୱରର ବିତରକଙ୍କ ମଧ୍ୟରେ ଖୁସୀର ଲହରୀ ଖେଳିଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଖବର କାଗଜ ବିତରକ ସଂଘ ପକ୍ଷରୁ ଏକ ଧନ୍ୟବାଦ ପର୍ବ ସ୍ଥାନୀୟ ହିନ୍ଦ ମଜଦୁର ସଭା କାର୍ଯ୍ୟାଳୟରେ ବୁଧବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଶ୍ରମିକ ନେତା ଅରୁଣ କୁମାର ସ୍ୱାଇଁ ଏଥିରେ ସଭାପତିତ୍ୱ କରିବା ସହିତ ଦୀର୍ଘଦିନର ଦାବି ପରେ ମୁଖ୍ୟମନ୍ତ୍ରୀଙ୍କ ଏହି ସହାୟତା ଘୋଷଣା ପ୍ରତ୍ୟେକ ବିତରକଙ୍କ ପାଇଁ ଆଶୀର୍ବାଦ ବୋଲି କହିଥିଲେ। ସଂଘର ସମ୍ପାଦକ ଅନିରୁଦ୍ଧ ଲେଙ୍କା, ଉପ-ସଭାପତି ଅଭୟ ପ୍ରଧାନ, କୋଷାଧ୍ୟକ୍ଷ ଯୋଗେନ୍ଦ୍ର ତପସି, ଗୌରଗୋପାଳ, ପଦ୍ମଲୋଚନ ରାଉତ, ଦିଲୀପ ଖଟୁଆ 'ସମାଜ'ର ବାଲେଶ୍ୱର ସହର ବିକ୍ରୟ ପ୍ରତିନିଧି ଧୀରେନ କୁମାର ନାୟକ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ବିତରକଙ୍କୁ ଜୀଇଁବାର ରାହା ଦେଖାଇଛି ବୋଲି କହିଥିଲେ। ଅଣସଂଗଠିତ ଶ୍ରମିକଙ୍କ ଭଳି ସମସ୍ତଙ୍କୁ ବୀମାଭୁକ୍ତ କରିବା, ଦୁର୍ଘଟଣା ଓ ମୃତ୍ୟୁକାଳୀନ ସହାୟତା, ଆବାସ ଯୋଜନାରେ ସାମିଲ କରିବା ଆଦି ମୁଖ୍ୟମନ୍ତ୍ରୀଙ୍କ ଯୁଗାନ୍ତକାରୀ ପଦକ୍ଷେପ ବୋଲି ସେମାନେ ମତ ପ୍ରକାଶ କରିଥିଲେ।

ବାଲେଶ୍ୱର, ଗୁରୁବାର, ୦୨ ଡିସେମ୍ବର, ୨୦୨୧

# ଧ୍ୱନି ପ୍ରତିଧ୍ୱନି



## ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ଏଡସ୍ ଦିବସ

ବାଲେଶ୍ୱର,୦୧/୧୨ (ନି.ପ୍ର): ବାଲେଶ୍ୱର ଜିଲା ଏଡସ୍ ପ୍ରତିକାର ଓ ନିୟନ୍ତ୍ରଣ ୟୁନିଟ ଆନୁକୂଲ୍ୟରେ ଜିଲାସ୍ତରୀୟ ବିଶ୍ୱ ଏଡସ୍ ଦିବସ- ୨୦୨୧ ବୁଧବାର ପାଳିତ ହୋଇଯାଇଛି। ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଦୁଲାଳ ସେନ ଜଗଦେବଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏଡ୍ସର ପ୍ରତିକାର ଓ ଚଳିତ ବର୍ଷର ବିଷୟ "ଅନ୍ତ ଅସମାନତାର, ଅନ୍ତ ଏଡସ୍, ଅନ୍ତ ମହାମାରୀର" ସମ୍ପର୍କରେ ଆଲୋଚନା କରାଯାଇଥିଲା । ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଡସ୍ ରୋଗର ଭୟାବହତା ଏବଂ ଚଳିତ ବର୍ଷର ବାର୍ତ୍ତା ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ଏଡସ୍ ରୋଗୀ ଯେପରି ଚିକିତ୍ସା ସେବାରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଯତ୍ନବାନ ହେବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁଲାଳସେନ ଜଗଦେବ ଏଡସ୍ ରୋଗର ଚିକିତ୍ସା, ପ୍ରତିକାର ଏବଂ ସଚେତନତା ସୃଷ୍ଟି ଉପରେ ଆଲୋକପାତ କରିଥିଲେ । ଏଡସ୍ ପ୍ରତିକାର ଓ ନିୟନ୍ତ୍ରଣ ଜିଲ୍ଲା ନୋଡାଲ୍ ଅଧିକାରୀ ଡା. ଶଶାଙ୍କ ଶେଖର ଚୌଧୁରୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ଜିଲ୍ଲାରେ ଏଡସ୍ ରୋଗୀଙ୍କ ସ୍ଥିତି ଏବଂ ଏଡସ୍ ନିୟନ୍ତ୍ରଣ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ।୨୦୦୩ ମସିହାରୁ ୨୦୨୧ ଅକ୍ଟୋବର ମାସ ଶେଷ ସୁଦ୍ଧା ଜିଲାରେ ଚିହ୍ନଟ ହୋଇଥିବା ମୋଟ ଏଚଆଇଭି ସଂକ୍ରମିତଙ୍କ ସଂଖ୍ୟା ୧୭୫୦ ରେ ପହଞ୍ଚିଛି ବୋଲି ସେ କହିଥିଲେ। ଇତିମଧ୍ୟରେ ୪୧୩ଜଣ ଏଡସ୍ ରୋଗୀ ମୃତ୍ୟୁ ବରଣ କରିଥିବା ବେଳେ ୧୨୦ ଜଣ ଗର୍ଭବତୀ ମହିଳା ଆକ୍ରାନ୍ତ ଅଛନ୍ତି। ସଭା ପ୍ରାରମ୍ଭରେ ଜିଲା ସ୍କୁଲ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ସଭା କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବରୁ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## କୁଲଡିହା ଅଭୟାରଣ୍ୟରେ ଚାଲିଛି ବାଘଗଣନା

### ପାଦଚିହ୍ନ ଦେଖି ଉଠିଲା ସସ୍‌ପେନ୍ସ

ନୀଳଗିରି, ୦୧/୧୨ (ନି.ପ୍ର): ଆଜକୁ ୪ଦିନ ଧରି କୁଲଡିହା ଅଭୟାରଣ୍ୟରେ ବାଘ ଗଣନା ଚାଲିଛି। ତେବେ ଏକ ଅଜଣା ଜନ୍ତୁର ପାଦଚିହ୍ନ ମିଳିବା ପରେ କୁଲଡିହା ଅଭୟାରଣ୍ୟ କର୍ମଚାରୀଙ୍କ ଖୁସି କହିଲେ ନ ସରେ। ଗୋଟିଏ ପଟେ ଶିକାରୀଙ୍କ ପାର୍ଦୁଭାବ ବଢ଼ିଚାଲିବା ଓ ଅନ୍ୟ ପଟେ ମଦ ବେପାରୀଙ୍କ ଆଡ୍ଡାସ୍ଥଳୀ ବଢ଼ି ଚାଲିଥିବା ବେଳେ କୁଲଡିହା ଅଭୟାରଣ୍ୟ ରୁ ମିଳିଥିବା ପାଦ ଚିହ୍ନ ବାଘର ବୋଲି କହି ଅଭୟାରଣ୍ୟ କୁ ବାଘ ଅଧିକ ସୁରକ୍ଷା ଦେବ ବୋଲି କହିଚାଲିଛନ୍ତି। ତେବେ ଏହି ପାଦ ଚିହ୍ନ ବାଘ ର ନା ବଳିଆ କୁକୁର ନା ହେଟା ବାଘର ବୋଲି ବୁଦ୍ଧିଜୀବୀମାନେ ଆଶଙ୍କା ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ସାରା ଓଡ଼ିଶାରେ ଏବେ ବାଘ ଗଣନା ଚାଲିଥିବା ବେଳେ ଅନୁରୂପ ଭାବେ କୁଲଡିହାରେ ମଧ ବାଘ ଗଣନା ଚାଲିଛି। ୨୭୨.୭୫ ବର୍ଗ କି.ମି. ପରିଧି ବିଶିଷ୍ଟ ଏହି ଅଭୟାରଣ୍ୟରେ ବିଭିନ୍ନ ବନ୍ୟ ଜନ୍ତୁ ରହିଥିବା ବେଳେ ଅଧିକ ସଂଖ୍ୟକ ହାତୀ ରୁହନ୍ତି । ଆଜକୁ ଦୀର୍ଘ ବର୍ଷ ପୂର୍ବରୁ ଟ୍ରାପ କ୍ୟାମେରା ଲଗାଇ କଲରାପତିରିଆ ବାଘ ଥିବା ବନ ବିଭାଗ ସ୍ପଷ୍ଟୀକରଣ ରଖିଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ବାଘର ଚିହ୍ନ ବର୍ଣ୍ଣ ପାଇ ନ ଥିଲେ। ଗତବର୍ଷ ଜଡ଼ାଚୁଆ ଅଞ୍ଚଳରେ ଏକ ହରିଣକୁ ଅଜଣା ଜନ୍ତୁ ମାରିଦେଇଥିବା ବେଳେ ଏହାକୁ ମହାବଳ ବାଘ ମାରି ଦେଇଥିବା ର ପରିଚୟ ଦେଇଥିଲେ। ତତ୍କାଳୀନ ରେଞ୍ଜର ଏହାକୁ ବଳିଆ କୁକୁର ମାରିଦେଇଥିବା କହିଥିଲେ । ଉକ୍ତ ମୃତ୍ୟୁର ରହସ୍ୟ ଆଜି ପର୍ଯ୍ୟନ୍ତ ବନ ବିଭାଗ ଖୋଜି ପାଇ ନ ଥିବା ବେଳେ ପୁଣି ଏକ ପାଦଚିହ୍ନ ପାଇ ଏହା ବାଘର ପାଦ ଚିହ୍ନ କହି ବନବିଭାଗ ଡେଇଁ ବୁଲୁଛି। ଅବଶ୍ୟ ଏହାର କାରଣ ଅନେକ ଥାଇପାରେ। କୁଲଡିହା ଅଭୟାରଣ୍ୟରେ ଏବେ ଶିକାରୀଙ୍କ ପାର୍ଦୁଭାବ ୨ଗୁଣ ବୃଦ୍ଧି ପାଇଥିବା ବେଳେ ଛେରା ମଦ ଭାଟି ମଧ ବୃଦ୍ଧି ପାଇଛି। ଅବାଧରେ ଗଛ କାଟି କାଠ ମାଫିଆମାନେ ଛେରା ମଦ ଭାଟି ଓ ଇଟା ଭାଟି ମାନଙ୍କୁ କାଠ ଯୋଗାଉଥିବାର ଜଣାପଡ଼ିଛି । ମିଳିଥିବା ପାଦଚିହ୍ନର ବାଘ ର ଆଖ୍ୟା ଦେଇ ଅଂଚଳବାସୀଙ୍କୁ ଭୟର ବାତାବରଣ ସୃଷ୍ଟି କରିଛନ୍ତି। ଆଉ କହୁଛନ୍ତି ଏହି ବାଘ ଶିକାରୀମାନଙ୍କୁ ଜଗିବ । ତେବେ ଏହି ପାଦଚିହ୍ନ ବଳିଆ କୁକୁର ନା ହେଟା ବାଘ ନା ଅନ୍ୟ ପ୍ରଜାତି ବାଘର ଏହାକୁ ସ୍ପଷ୍ଟୀକରଣ ରଖିବାକୁ ଅଂଚଳବାସୀ ଦାବୀ କରିଛନ୍ତି । ଏ ନେଇ କୁଲଡିହା ରେଞ୍ଜର ଅନନ୍ତ କୁମାର ଜେନାଙ୍କ ପ୍ରତିକ୍ରିୟା ନେବା ପରେ ଏହି ପାଦ ଚିହ୍ନଟି ହୁଏତ ବାଘର ହୋଇଥାଇ ପାରେ। କି ପ୍ରଜାତିର ବାଘ ପରେ ଜଣାପଡ଼ିବ ବୋଲି ପ୍ରକାଶ କରିଥିଲେ।

## ଓ.ବି.ସି.ଙ୍କ ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି



ବାରିପଦା, ୦୧/୧୨ (ନି.ପ୍ର): ଝାଡଖଣ୍ଡ ରାଜ୍ୟର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ତଥା ପଛୁଆ ବର୍ଗ ଆନ୍ଦୋଳନର ଅନ୍ୟତମ ପୁରୋଧା ଶ୍ରୀଯୁକ୍ତ ସୁଦେଶ ମାହାତୋ ଓଡ଼ିଶାର ଅନ୍ୟାନ୍ୟ ପଛୁଆ ବର୍ଗ (ଓ.ବି.ସି.) ମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ଏକ ଚିଠି ମେଲ ଯୋଗେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ପଠାଇଛନ୍ତି । ତାଙ୍କ ପ୍ରେରିତ ଚିଠି ନମ୍ବର - ଆ.କା./ ୨୨୭ ତା-୩୦.୧୧.୨୦୨୧ରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଓ.ବି.ସିଙ୍କୁ ପୂର୍ବ ପ୍ରଦତ୍ତ ସଂରକ୍ଷଣ ସୁବିଧାର ଉଚ୍ଛେଦ ପ୍ରସଙ୍ଗ ଉଠାଇ ଏହାଦ୍ୱାରା ପଛୁଆବର୍ଗମାନେ ରାଜ୍ୟରେ ପ୍ରତିନିଧିତ୍ୱ କରିବାର ସୁଯୋଗରୁ ବଂଚିତ ହେବେ ଏବଂ ଏହା ସାମାଜିକ ନ୍ୟାୟର ପରିପନ୍ଥୀ ହେବ ବୋଲି କହିଛନ୍ତି । ସଂରକ୍ଷଣ କେବଳ ଆର୍ଥିକ ଭାଗିଦାରୀର ପ୍ରଶ୍ନ ନୁହେଁ, ଏହା ସହିତ ସମାନ ପ୍ରତିନିଧିତ୍ୱ କରିବାର ସୁଯୋଗ ସହିତ ମଧ ଜଡିତ । ଏହା ଏକ ସାମ୍ବିଧାନିକ ଅଧିକାର ମଧ । ତେଣୁ ସଂରକ୍ଷଣ ହାରକୁ ବଢାଇବା ପରିବର୍ତ୍ତେ କମାଇବା ଅର୍ଥ ଏକ ବିରାଟ ସମୁଦାୟଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରିବା । ତେଣୁ ଓଡ଼ିଶା ସରକାର ପଛୁଆ ବର୍ଗମାନଙ୍କ ହିତ ଓ ସ୍ୱାର୍ଥକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବେ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି ।

## ସୁରେନ୍ଦ୍ର ନାଥ ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନରେ ଏଡସ୍ ଦିବସ ପାଳିତ




ଜଳେଶ୍ୱର, ୧/୧୨(ନିପ୍ର): ଆଜି ଏଡସ୍ ଦିବସ ଅବସରରେ ସୁରେନ୍ଦ୍ର ନାଥ ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନ ପରିସରରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ କଲେଜ ଅଧ୍ୟକ୍ଷ ସରୋଜ ସେନାପତି ଅଧ୍ୟକ୍ଷତା କରି ସଚେତନତା ଦ୍ୱାରା ଏପରି ଏକ ମାରାତ୍ମକ ରୋଗରୁ ନିଜେ ଓ ସମାଜକୁ ରକ୍ଷା କରାଯାଇ ପାରିବ ବୋଲି କହିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ବିମଳ ପଟ୍ଟନାୟକ ଓ ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ସୁବ୍ରତ କୁମାର ମହାନ୍ତି, ସେକ୍ ହକିମୁଦ୍ଦିନ, ବଂଶିଧର ପ୍ରଧାନ, ସବ୍ୟସାଚୀ ଘୋଷଲ, ଈଶ୍ୱର ଚନ୍ଦ୍ର ସିଂ, ଅଂଶୁମାନ ରାଉତ, ନରନାରାୟଣ ମିଶ୍ର ପ୍ରମୁଖ ଏଡସ୍‌ର ଭୟାବହତା ଓ ସାମାଜିକ ସଚେତନତା ସଂପର୍କରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତାଭାବେ ଡା. ମାଣିକ ରତନ ପ୍ରଧାନ ସମଗ୍ର ବିଶ୍ୱରେ ମାରାତ୍ମକ ଏଡ୍‌ସ୍ ସଂପର୍କରେ ତଥ୍ୟ ପ୍ରକାଶ କରି ଛାତ୍ରଛାତ୍ରୀମାନେ ସମାଜରେ ସଚେତନତା ସୃଷ୍ଟି କରି ଏପରି ବ୍ୟାଧିକକୁ ମୂଳପ୍ରାଟ କରିବାକୁ ଆହ୍ୱାନ ଦେଇଥିଲେ । ଆୟୋଜିତ ଉତ୍ସବରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ମଧ୍ୟ ବକ୍ତବ୍ୟ ରଖିଥିଲେ।

## ଓଟି ରୋଡରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା : ୧ ମୃତ, ୨ ଗୁରୁତର

ଜଳେଶ୍ୱର, ୧/୧୨(ନିପ୍ର): ପୁରୁଣ ଓଟି ରୋଡରେ ଗତ ବିଳମ୍ବିତ ରାତିରେ ଦୁଇ ବାଇକ୍ ମୁହଁମୁହିଁ ଧକ୍କା ହେବାରୁ ଜଣକର ମୃତ୍ୟୁ ହୋଇଥିଲା ବେଳେ ଅନ୍ୟ ୨ ଗୁରୁତରଙ୍କୁ ବାଲେଶ୍ୱର ଓ ପରେ କଟକ ସ୍ଥାନାନ୍ତର କରାଯାଇଛି । ଘଟଣାରୁ ପ୍ରକାଶ ଏବେ ଏବେ ଜଳେଶବର ସହର ଓ ସହର ତଳି ଅଂଚଳରେ କେତେକ ଯୁବକ ଦ୍ରୁତ ଗତିରେ ଗାଡି ଚାଳନା କରି ଆସୁଛନ୍ତି । ନୂତନ ମଟରଯାନ ଆଇନ୍ ଅନୁଯାୟୀ ବାଇକ୍ ଗୁଡିକ ଘଟଣ୍ଟାକୁ ୪୦ କି.ମି. ବେଗରେ ଯିବାକୁ ଥିବା ବେଳେ ତାହା ୮୦ରୁ ୧୨୦ କି.ମି. ବେକରେ ଯାତାୟାତ କରୁଛନ୍ତି । ସେହିପରି କେତେକ ବାଇକ୍ ଗଲାବେଳେ ଅତି କର୍କଷ ଶବ୍ଦ ଯୋଗୁଁ ଶବ୍ଦ ପ୍ରଦୋଷଣ ସହିତ ଦୁର୍ଘଟଣା ବୃଦ୍ଧି ପାଉଛି । ଗତ ରାତିରେ ଏକ ଆପାଚି ବାଇକ୍‌ରେ ଜଳେଶ୍ୱର ପଟୁ ୨ଜଣ ରାଜପୁର ଅଭିମୁଖେ ଗଲାବେଳେ ଅନ୍ୟ ଜଣେ ରାଜପୁର ଅଂଚଳରୁ ଜଳେଶ୍ୱର ଯାଉଥିଲା । ଦୁଇଟି ବାଇକ୍ ରାଜପୁର ମନ୍ଦିରର ଅନତୀ ଦୂରରେ ମୁହାଁ ମୁହିଁ ଧକ୍କା ହେବାରୁ ଅରୁଣ ଦେ (୧୮), ଶଂକର ଓରଫ ପଂକଜ ସାହୁ, ଟୁବୁ ଓରଫ ଲୋଚନ ନାୟକ ଗୁରୁତର ହୋଇଥିଲେ। ପ୍ରଥମେ ସେମାନଙ୍କୁ ଜିକେଭଟର ହସ୍‌ପିଟାଲ ନିଆଯାଇଥିବା ବେଳେ ପ୍ରାଥମିକ ଚିକିତ୍ସାପରେ ବାଲେଶ୍ୱର ସ୍ଥାନାନ୍ତର ରାଯାଇଥିଲା । ସେଠାରେ ପ୍ରଫୁଲ୍ଲ ଦେଙ୍କ ପୁଅ ଅରୁଣର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣଙ୍କ ମଧ୍ୟରୁ ମୁମୂର୍ଷ ଥିବା ଜଣକୁ କଟକ ସ୍ଥାନାନ୍ତର କରାଯାଇଛି । ଆଜି ଅପରାହ୍ନରେ ଶବ ବ୍ୟବଚ୍ଛେଦ ପରେ ଅରୁଣର ଶବ ଗାଁ ମଶାଣିରେ ସତ୍କାର କରାଯାଇଛି । ଅରୁଣ ଜଣେ ଛାତ୍ର ହୋଇଥିବାରୁ ଗ୍ରାମବାସୀ ଓ ସାଂଗସାଥିଙ୍କ ମନରେ ଶୋକ ପ୍ରକାଶ ପାଇଛି ।

## ବିଜେଡିର ଦରଦାମ୍ ବୃଦ୍ଧି ପ୍ରତିବାଦକୁ କଂଗ୍ରେସର ସ୍ୱାଗତ

ଭୁବନେଶ୍ୱର, ୦୧/୧୨ (ନି.ପ୍ର): ଦରଦାମ ବୃଦ୍ଧି ବିରୋଧରେ ବିଜେଡିର ପ୍ରତିବାଦକୁ ସମର୍ଥନ କରିଛି କଂଗ୍ରେସ। ଏ ନେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଦରଦାମ ବୃଦ୍ଧି ପ୍ରସଙ୍ଗ କୁ ନେଇ କଂଗ୍ରେସ ବହୁ ପୂର୍ବରୁ ପ୍ରତିବାଦ କରି ଆସୁଛି। କିନ୍ତୁ ବିଜେଡି ର ଏହି ପ୍ରତିବାଦ କେବଳ ଲୋକ ଦେଖାଣିଆ । କେବଳ ନିର୍ବାଚନ କୁ ଦୃଷ୍ଟି ରେ ରଖିଛି। କେନ୍ଦ୍ର ବିରୁଦ୍ଧରେ ଯୋଉଁଠି ସ୍ୱର ଉତୋଳନ କରିବା କଥା ସେଠାରେ ସାଂସଦ ମାନେ ଚୁପ୍ ରହୁଛନ୍ତି। ଏହା କି ପ୍ରକାର ଆନ୍ଦୋଳନ ବୋଲି ପ୍ରଶ୍ନ କରିଛନ୍ତି ନରସିଂହ। ସେହିପରି ମମିତା ହତ୍ୟାକାଣ୍ଡ ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ସେ କହିଛନ୍ତି ଏହି ଘଟଣାରେ ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ସଂପୃକ୍ତି ଅଭିଯୋଗ ରହିଛି। ତେଣୁ ଏ ଘଟଣାର ଏସଆଇଟି ତଦନ୍ତ ସହ ତାଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର କରାଯାଉ। ତେଣୁ କଂଗ୍ରେସ ଦଳ ପକ୍ଷରୁ ଏହାକୁ ନେଇ ପ୍ରତିବାଦ କରାଯାଇଥିଲା। ଏହି ପ୍ରସଙ୍ଗରେ ଗୃହରେ ଆଲୋଚନା ପାଇଁ ଦଳ ପକ୍ଷରୁ ଏକ ମୋସନ ଦିଆଯାଇଛି। ତେଣୁ ବାଚସ୍ପତି ଗୃହ କାର୍ଯ୍ୟକୁ ବାତିଲ କରି ଏହି ପ୍ରସଙ୍ଗରେ ଗୃହ ରେ ଆଲୋଚନା କରିବାକୁ ସେ ଦାବି କରିଛନ୍ତି।

## ହକରମାନଙ୍କ ସୁରକ୍ଷା ଯୋଜନା ଘୋଷଣାକୁ ପାରାଦୀପ ଖବରକାଗଜ ବିକ୍ରେତା ସଂଘର ସ୍ୱାଗତ



ପାରାଦୀପ, ୦୧/୧୨ (ନି.ପ୍ର): ଖବରକାଗଜ ବିତରକ ବା ହକରମାନେ ସୂଚନା ଓ ସମ୍ବାଦପତ୍ର ପହଂଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଖରା,ବର୍ଷା,ଶୀତ ସବୁ ସମୟରେ ସୂର୍ଯ୍ୟ ଉଦୟ ପୂର୍ବରୁ ସେମାନଙ୍କର କାର୍ଯ୍ୟ ଆରମ୍ଭ କରିଦେଇଥାନ୍ତି । ଜନସାଧାରଣଙ୍କ ନିକଟରେ ଖବର ପହଂଚାଇବା ଭଳି ଗୁରୁ ଦାୟିତ୍ୱ ବହନ କରିଥାନ୍ତି । ଲୋକମାନଙ୍କୁ ଖବର ସହ ଯୋଡିବାରେ ସେମାନଙ୍କର ରହିଛି ପ୍ରମୁଖ ଭୂମିକା । ସେମାନଙ୍କର ସଂଘର୍ଷମୟ ଜୀବନକୁ ସୁରକ୍ଷିତ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ହକରମାନଙ୍କର ଦୁର୍ଘଟଣା ଜନିତ ମୃତ୍ୟୁ କ୍ଷେତ୍ରରେ ୨ଲକ୍ଷଟଙ୍କା, କାମ କରିବା ପାଇଁ ଓାର୍କ ସେଡ୍, ସମସ୍ତ ହକରମାନଙ୍କୁ ପରିଚୟ ପତ୍ର ପ୍ରଦାନ ସହିତ ସେମାନଙ୍କର ସ୍ୱତନ୍ତ୍ର ଡାଟା ବେସ୍ ପ୍ରସ୍ତୁତ ହେବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ସ୍ୱାଗତ କରିଛନ୍ତି ପାରାଦୀପ ଖବର କାଗଜ ବିତରକ ସଂଘର ସଦସ୍ୟ ଓ କର୍ମକର୍ତ୍ତାମାନେ । ଶୁକ୍ରବାର ଦିନ ସଂଘର ସଭାପତି ନିମାଇଁ ଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବାଳକୃଷ୍ଣ ସୁତାର, ବରିଷ୍ଠ ସଦସ୍ୟ ପ୍ରଦୀପ କୁମାର ଜେନା ପ୍ରମୁଖ ଯୋଗ ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଧନ୍ୟବାଦ ଜଣାଇ କରିଥିଲେ ।

## ମଙ୍ଗଳବାର ରାତି ଶ୍ରୀନଗରରେ ସବୁଠାରୁ ଥଣ୍ଡା ଥିଲା

ଜମ୍ମୁ, ୦୧/୧୨ (ନି.ପ୍ର): ବୁଧବାର ଜାମ୍ମୁ କାଶ୍ମୀର ଏବଂ ଲଦାଖରେ ପ୍ରବଳ ଥଣ୍ଡା ପାଗ ଜାରି ରହିଥିଲା, ଯଦିଓ ଏହି ସମୟ ମଧ୍ୟରେ ଆଂଶିକ ମେଘୁଆ ଆକାଶ ମଧ୍ୟ ଦେଖାଯାଇଥିଲା । ଜାମ୍ମୁ ବିଭାଗରେ ସକାଳୁ ମେଘରୁ ଉଠୁଥିବା ସୂର୍ଯ୍ୟ ଶୀତରୁ ଲୋକଙ୍କୁ କିଛି ମାତ୍ରାରେ ଆରାମ ମିଳୁଛି । ଅନ୍ୟପକ୍ଷରେ ମଙ୍ଗଳବାର ରାତି ସବୁଠାରୁ ଶୀତରାତି ଥିଲା ଯେତେବେଳେ ଏଠାରେ ତାପମାତ୍ରା ମାଇନସ୍ ୨.୫ ଡ଼ିଗ୍ରୀ ସେଲସିୟସକୁ ଖସି ଆସିଥିଲା । ପାଣିପାଗ ବିଭାଗର ଜଣେ ଅଧିକାରୀଙ୍କ କହିବା ଅନୁସାରେ ରାତିରେ ଆକାଶର ସ୍ୱଚ୍ଛତା ଯୋଗୁଁ ଜମ୍ମୁ-କାଶ୍ମୀର ଏବଂ ଲଦାଖରେ ସର୍ବନିମ୍ନ ତାପମାତ୍ରା ଆହୁରି ହ୍ରାସ ପାଇଥିଲା ।

## ପରିବେଶ ସୁରକ୍ଷା କ୍ଷେତ୍ରରେ ଇଫକୋ ପୁରସ୍କୃତ



ପାରାଦୀପ, ୦୧/୧୨ (ନି.ପ୍ର): ଏସିଆର ବୃହତ୍ତ ସାର ଉତ୍ପାଦନକାରୀ ଇଫକୋ ପାରାଦୀପ ୟୁନିଟ୍ ପରିବେଶ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପୁରସ୍କାର ହାସଲ କରିଛି । ଏନ୍.ପି./ଏନ୍.ପି.କେ. ଫର୍ଟିଲାଇଜର୍ ପ୍ଲାଣ୍ଟ ରେ ସୁରକ୍ଷା କ୍ଷେତ୍ରରେ ଇଫକୋ ନେଇଥିବା ଉଲ୍ଲେଖନୀୟ ପଦକ୍ଷେପ ଯୋଗୁଁ ଏହି ପୁରସ୍କାର ମିଳିଛି । ବିଗତ ୪ ବର୍ଷ ଧରି ଇଫକୋ ଏହି ଶ୍ରେଣୀରେ ପ୍ରଥମ ପୁରସ୍କାର ହାସଲ କରି ଆସିଛି । ୨୦୧୨ ମସିହାରୁ ୨୦୧୫ ମସିହା ପର୍ଯ୍ୟନ୍ତ ଲଗାତର ଭାବେ ପରିବେଶ ସୁରକ୍ଷା ପୁରସ୍କାର ହାସଲ କରିଛି । ଇଫକୋର ଅନ୍ୟ ୟୁନିଟ୍ ଗୁଡିକ ଚଳିତ ବର୍ଷ ୭ଗୋଟି ପୁରସ୍କାର ହାସଲ କରି ସଫଳତା ପାଇଛନ୍ତି । ଇଫକୋର ସାଧାରଣ ପ୍ରବନ୍ଧକ(ଉତ୍ପାଦନ, ପରିବେଶ ଓ ଅଗ୍ନି,ସୁରକ୍ଷା) ଆର.କେ.ପାଣ୍ଡେ ଫର୍ଟିଲାଇଜର ଆସୋସିଏସନ ଅଫ ଇଣ୍ଡିଆ(ଏଫ୍.ଏ.ଆଇ)ର ବାର୍ଷିକ ସମ୍ମାନରେ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଶୁକ୍ରବାର ଦିନ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାର ଓ ରସାୟନ ବିଭାଗର ମନସୁଖ ମଣ୍ଡଭିୟା,ରାଷ୍ଟ୍ରମନ୍ତ୍ରୀ ଭଗବାନ ଖୁର୍ବା ପାର୍ଲିଆମେଣ୍ଟ ଅଧିବେଶନ୍ ଥିବାରୁ ଯୋଗ ଦେଇପାରିନଥିଲେ। ଏଫ୍.ଏ.ଆଇର ଅଧ୍ୟକ୍ଷ କେ.ଏସ୍.ରାଜୁ, ମହାନିର୍ଦ୍ଦେଶକ (ଆଇସିଏଆର୍) ତ୍ରିଲୋଚନ ମହାପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଥିଲେ ବୋଲି ଇଫକୋ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

## ୧୦ କେଜି ଗଞ୍ଜେଇ ଜବତ : ୨ଗିରଫ

ପୁରୀ,୦୧/୧୨ (ନି.ପ୍ର): ନରସିଂହପୁର ଛକଠାରେ ଏମ୍‌ଭି ଚେକିଙ୍ଗ ବେଳେ ଚନ୍ଦନପୁରଥାନା ପୁଲିସ ୧୦କେଜି ୫୮ଗ୍ରାମ ଗଞ୍ଜେଇ ଜବତ କରିଛି। ଚୋରା ଗଞ୍ଜେଇ କାରବାରରେ ସମ୍ପୃକ୍ତ ଚନ୍ଦନପୁରଥାନା ଅନ୍ତର୍ଗତ ଚାଳିଶିବାଟିଆର ମାଗୁଣି ବେହେରା(୫୫) ଓ ଦୁର୍ଯ୍ୟଧନ ପଲେଇକୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନ ନିକଟରୁ ଚୋରା ଗଞ୍ଜେଇ କାରବାରରେ ବ୍ୟବହୃତ ଏକ ନମ୍ବର ବିହୀନ ହୋଣ୍ଡା ଆକ୍ଟିଭା ଜବତ କରାଯାଇଛି। ଆଜି ସକାଳେ ଏସ୍‌ଆଇ ଗୌତମ ପ୍ରଧାନ ଅନ୍ୟ କର୍ମଚାରୀଙ୍କ ସହିତ ନରସିଂହପୁର ଛକଠାରେ ଏମ୍ ଭି ଚେକିଙ୍ଗ କରୁଥିବା ସମୟରେ ଏକ ନମ୍ବର ବିହୀନ ହୋଣ୍ଡା ଆକ୍ଟିଭାରେ ଗଞ୍ଜେଇ ନେଇଯାଉଥିବା ମାଗୁଣି ଓ ଦୁର୍ଯ୍ୟଧନକୁ ଧରିଥିଲେ ।

## ନୂଆବଜାର ରେଳ ଓଭରବ୍ରିଜ୍ କାର୍ଯ୍ୟ ସରିବ କେବେ ?

### ନିର୍ମାଣକାର୍ଯ୍ୟ ଲାଗି ହଟିନି ଜବର ଦଖଲ, କିଣା ସରିନି ଜମି : ଯନ୍ତ୍ରୀ

ଜଳେଶ୍ୱର, ୧/୧୨(ନିପ୍ର): ବହୁ ପ୍ରତିକ୍ଷୀତ ଜଳେଶ୍ୱର ନୂଆବଜାର ନିକଟରେ ଏକ ରେଳ ଓଭର ବ୍ରିଜର ନିର୍ମାଣ କାର୍ଯ୍ୟ ୨ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ବେଳେ ଏବେ ସୁଦ୍ଧା ଅଧାଅଧି ଶେଷ ହୋଇଛି । କିନ୍ତୁ ରେଳ ବିଭାଗର ୪ଟି ପିଲର ଉପରେ ସ୍ଲାବ ପଡିଥିବା ବେଳେ ପୂର୍ତ୍ତ ବିଭାଗର ୨୩ଟି ପିଲର ମଧ୍ୟରୁ ୧୦ଟି ପିଲର ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନାହିଁ । ସମସ୍ତ ନିର୍ମାଣ କାର୍ଯ୍ୟରୁ ଜବର ଦଖଲ ହଟିଥିବା ବେଳେ କଣାଯିବାକୁ ଥିବା ଜମିର ହସ୍ତାନ୍ତର ପ୍ରକ୍ରିୟା ହୋଇନଥିବା ସ୍ଥାନୀୟ ଯନ୍ତ୍ରୀ ସୂଚନା ଦେଇଛନ୍ତି ।ସ୍ପଷ୍ଟ ଅଚଳାବସ୍ଥାକୁ ଦୂର କରିବାକୁ ସାଧାରଣରେ ଦାବି ହେଉଛି । ରେଳବାଇର ତଥ୍ୟ ଅନୁଯାୟୀ ୨୦୧୨ ମସିହା ବେଳକୁ ସମସ୍ତ ସର୍ତ୍ତ ପୂରଣ କରୁଥିବାରୁ ଖଡଗପୁର-ବାଲେଶ୍ୱର ସେକ୍‌ସନ୍‌ର ଜଳେଶ୍ୱର ନିକଟ ୧୮୨ କି.ମି. ନିକଟରେ ୪୫ ନଂ ଲେଭେଲ କ୍ରସିଂଟି ରେଳ ଓଭରବ୍ରିଜ ହେବାର ସ୍ଥିରହୋଇଥିଲା । କିନ୍ତୁ ୨୦୧୮-୧୯ ଆର୍ଥୀକ ବର୍ଷରେ ୩୬ କୋଟି ବ୍ୟୟ ବରାଦରେ ଆଶିର୍ବାଦ କନ୍‌ଷ୍ଟ୍ରାକ୍‌ସନ ପକ୍ଷରୁ ୧୧-୯-୧୮ରେ କାର୍ଯ୍ୟ ଆରମ୍ଭ ହୋଇଥିଲା । ୨୩ଟି ପିଲର ଉପରେ ୧ କି.ମି. ଲମ୍ବର ଓଭରବ୍ରିଜ୍‌ର କାର୍ଯ୍ୟ ୧୦-୯-୨୦୨୦ରେ ଶେଷ ହେବା କଥା । କିନ୍ତୁ ରେଳବାଇ ପକ୍ଷରୁ ୪ଟି ପିଲର କାର୍ଯ୍ୟ ଶେଷ ହୋଇ ସ୍ଲାବ ପଡିସାରିଥିବା ବେଳେ ପୂର୍ତ୍ତ ବିଭାଗର ୨୩ଟି ପିଲର ମଧ୍ୟରୁ ୧୩ଟିର କାର୍ଯ୍ୟ ଶେଷ ହୋଇଛି । କିନ୍ତୁ ତା ଉପରେ ସ୍ଲାବ ପଡିନାହିଁ । ଅନ୍ୟପକ୍ଷରେ ୧.୫୬ ଡିସିମିଲ ଜାଗା କ୍ରୟ କରିବାକୁ ଥିବା ବେଳେ ପ୍ରାୟ ୩୦ ଡିସିମିଲ ସ୍ଥାନ କ୍ରୟ କାର୍ଯ୍ୟ ଶେଷ ହୋଇ ନାହିଁ । ଜବର ଦଖଲ ଥିବା ବିଭିନ୍ନ ସ୍ଥାନ ହସ୍ତାନ୍ତର ହୋଇନଥିବା ଠିକାଦାରଙ୍କ ପକ୍ଷରୁ କୁହାଯାଇଛି । ଯାତାୟାତ ଲାଗି ରାସ୍ତା ନିର୍ମାଣ ହୋଇ ପାରୁନଥିବା ଠିକାଦାରଙ୍କ ଯାନ ଠିକ୍‌ଭାବେ ଯାତାୟାତ କରିପାରୁନଥିବା କୁହାଯାଇଛି। କରୋନାର ତାଲା ବଂଦ ଯୋଗୁଁ କାର୍ଯ୍ୟ ଆ;ଗେଇ ପାରିନଥିବାରୁ ୨୦୨୧ ଡିସେମ୍ବର ମାସକୁ କାର୍ଯ୍ୟ ଶେଷ ହେବ ବୋଲି ସୂଚା ଦିଆଯାଇଥିଲା । କିନ୍ତୁ କାର୍ଯ୍ୟର ମନ୍ଥର ଗତି ଦେଖି ଜନ ଅସନ୍ତୋଷ ବୃଦ୍ଧି ପାଉଛି । ରେଳ ଫାଟକ ଥିବାରୁ ଯାତ୍ରୀ ଓ ଯାନବାହାନ ସହିତା ଆମ୍ବୁଲାନ୍ସ, ଦମକଳ ଗାଡି ଦୀର୍ଘ ସମୟ ଅଟକିବାକୁ ପଡୁଛି । ଏ ସମ୍ପର୍କରେ ଆଜି ସହକାରି ନିର୍ବାହିଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଲେ ଜବର ଦଖଲ ହଟାଇବା ଲାଗି ବାରମ୍ବର ଉଚ୍ଚ ପଦସ୍ଥ କର୍ମଉକର୍ତ୍ତାଙ୍କୁ ଜଣାଇ ଦିଆଯାଉଛି । ଏପରିକି ଜମି କ୍ରୟ ଲାଗି ବ୍ୟବସ୍ଥା କରାଯାଉଥିଲେ ମଧ୍ୟ କେତେକ ସଂପୃକ୍ତି ବ୍ୟକ୍ତି ଆଳ ଦେଖାଇ ଚାଲିଛନ୍ତି । ଅନ୍ୟପକ୍ଷରେ ଏହି କାର୍ଯ୍ୟକୁ ଅତିଶୀଘ୍ର ଶେଷ କରିବାକୁ ବଣିକ ସଂଘ, ଯାତ୍ରୀ ସୁରକ୍ଷା ପରିଷଦ, ଜଳେଶ୍ୱର ଯୁବ ମଂଚ, ରେଳଯାତ୍ରୀ ସୁରକ୍ଷା ମଂଚ, ସମାଜ କଲ୍ୟାଣ ବିକାଶ ପରିଷଦ ଭଳି ବହୁ ଅନୁଷ୍ଠନ ଓ ୟକ୍ତି ବିଶେଷ ଦାବି ଜଣାଇଛନ୍ତି । ଅନ୍ୟଥା ଏକ ଜନଆନ୍ଦୋଳନକୁ ଏଡାଇ ଯାଇ ହେବ ନାହିଁ ।

## ଆଦିବାସୀ ସେଙ୍ଗେଲ ଅଭିଯାନ ସଚେତନତା ସଭା

### ଆଦିବାସୀ ସମାଜରୁ କୁସଂସ୍କାର ଦୂରୀକରଣ ଏବଂ ଅଧିକାର ହାସଲ ପାଇଁ ସଂଗ୍ରାମ ଲୋଡା




ବାରିପଦା, ୦୧/୧୨ (ନି.ପ୍ର): ଆଦିବାସୀ ସେଙ୍ଗେଲ ଅଭିଯାନର ରାଷ୍ଟ୍ରୀୟ ସଭାପତି ତଥା ମୟୂରଭଞ୍ଜର ପୂର୍ବତନ ସାଂସଦ, ସାନ୍ତାଳୀ ଭାଷା ବିଜେତା ସାଲଖାନ ମୁର୍ମୁଙ୍କ ଦ୍ୱାରା ସ୍ଥାନୀୟ ସାଗର ପେଲେସରେ ଆଦିବାସୀ ସମାଜକୁ କୁସଂସ୍କାର ତଥା ଅନ୍ଧବିଶ୍ୱାସ ମୁକ୍ତ କରିବା ଏବଂ ଆଦିବାସୀ ମାନଙ୍କ ର ମାତୃଭୂମୀ, ମାତୃଭାଷା, ସାର୍ନାଧର୍ମ , ଇଜ୍ଜତ ଆବାଦୀ, ରୋଜଗାର ସହିତ ସାମ୍ବିଧାନିକ ଅଧିକାର ଗୁଡ଼ିକ ହାସଲ କରିବା ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସେଙ୍ଗେଲ ଅଭିଯାନର କେନ୍ଦ୍ରୀୟ ସଂଯୋଜକ ବୁଦ୍ଧାନ ମାର୍ଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସଭାରେ ଆଦିବାସୀ ସମାଜରେ ପରମ୍ପରା ନାମରେ ଥିବା ନିଶା ସେବନ, ଡାହାଣୀ ପ୍ରଥା, କୁସଂସ୍କାର, ଗୁଣିଗାରେଡି, ଅନ୍ଧବିଶ୍ୱାସ, ମନଇଚ୍ଛା ଜୋରିମାନା, ସାମାଜିକ ବହିଷ୍କାର, ରାଜନୈତିକ କୁ-ପୋଷଣ, ଭୋଟ କିଣାବିକା, ଆଦିବାସୀ ମହିଳା ବିରୋଧୀ ମାନସିକତା ଗୁଡ଼ିକ ସମାପ୍ତ ନକଲେ ଆଦିବାସୀ ସମାଜର ଉନ୍ନତି ଏବଂ ଏକତା ହୋଇପାରିବ ନାହିଁ ବୋଲି ସଚେତନତା ସୃଷ୍ଟି କରାଯାଇଥିଲା । ଏଥିରେ ସମସ୍ତ ଆଦିବାସୀ ଚାକିରୀଜିବୀ, ବୁଦ୍ଧିଜିବୀ, ଶିକ୍ଷିତ ଛାତ୍ରଛାତ୍ରୀ, ଯୁବସମାଜ, ମହିଳା ସହିତ ସମସ୍ତ ରାଜନୈତିକ ସଂଗଠନ, ସାମାଜିକ ସଂଗଠନ ସହଯୋଗ କରି ଏକ ହେବାକୁ ଆହ୍ୱାନ ଦିଆ ଯାଇଥିଲା । ଏହି ସଭାରେ ସମ୍ମାନିତ ଅତିଥି ଭାବରେ ସେଙ୍ଗେଲ ଅଭିଯାନର କେନ୍ଦ୍ରୀୟ ସଂଯୋଜକ ସୁମିତ୍ରା ମୁର୍ମୁ , ବାରିପଦା ଜୋନାଲ କମିଟି ସଭାପତି ନାରାନ ମୁର୍ମୁ, ବାରିପଦା ଜୋନ ସେଙ୍ଗେଲ ପାରଗାନା ମାଧବ ଚନ୍ଦ୍ର ମୁର୍ମୁ, ମାଝି ପାରଗାନା ମାଡୱା ଜିଲ୍ଲା ସଭାପତି ବାବୁଲୁ ମୁର୍ମୁ, ବାରିପଦା ଜିଲ୍ଲା ସେଙ୍ଗେଲ ପାର୍ଗାନା ଜିତେନ୍ଦ୍ର ନାଥ ହେମ୍ବ୍ରମ, ବାହାଦୂର ମୁର୍ମୁ, ବନମାଳୀ ହାଁସଦା, ଉଦୟନାଥ ହେମ୍ବ୍ରମ, କାଳିଚରଣ ମୁର୍ମୁ, ଚୈତନ୍ୟ ହେମ୍ବ୍ରମ, ଚନ୍ଦ୍ରମୋହନ ମୁର୍ମୁ, ଅନନ୍ତ ଚରଣ ମାର୍ଣ୍ଡି, ହିନ୍ଦୁରାମ ମୁର୍ମୁ, ବାହାଦୂର ସୋରେନ, ନୀର ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo